୬ ଡବ୍ଲୁଟିସି ଫାଇନାଲ ବିଜେତାଙ୍କୁ ମିଳିବ ୩୧ କୋଟି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୦୭ ● ୧୬ ମଇ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-107 ● 16th May 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ମୁଖ୍ୟ ଉନ୍ନୟନ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ରାଜ୍ୟ ସ୍ତରୀୟ ସମ୍ମିଳନୀ

# ଦୁର୍ନୀତି କିମ୍ବା ଅବହେଳା କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ




**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ଆମର ବ୍ଲକଗୁଡ଼ିକ ହେଉଛି ଆମ ପ୍ରଶାସନିକ ସଫଳତାର ଦର୍ପଣ। ଯଦି ବ୍ଲକଗୁଡ଼ିକ ଦକ୍ଷତାର ସହ କାମ କରିବେ ଏବଂ ଲୋକମାନେ ସବୁ ଯୋଜନାର ସୁଫଳ ପାଇବେ ତେବେ ଏହା ସରକାରଙ୍କ ଦକ୍ଷତାର ପ୍ରମାଣ ହେବ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ, ଏହାହିଁ ଆମର ଉଦ୍ଦେଶ୍ୟ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀରେ ପରାମର୍ଶ ଦେଇଛନ୍ତି ।

ବୈଠକରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାରେ ସବୁ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ସରକାରଙ୍କ ସଫଳତା ନିର୍ଭର କରେ। ବ୍ଲକ ସ୍ତରରେ ହିଁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ଜନସାଧାରଣମାନଙ୍କ ପାଖକୁ ପହଞ୍ଚେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କୁ ଛାଡ଼ିଦେଲା ପରେ, ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ବ୍ଲକ୍ ସ୍ତରରେ ବିଡିଓ'ଙ୍କର ଗୁରୁଦାୟିତ୍ୱ ରହିଛି।

ଆପଣମାନେ କ୍ଷେତ୍ର ସ୍ତରରେ ଲୋକଙ୍କ ସହିତ ସିଧାସଳଖ ମିଶନ୍ତି। ସେମାନଙ୍କର ସୁବିଧା ଅସୁବିଧା ଜାଣନ୍ତି। ତେଣୁ ମୁଖ୍ୟ କଥା ହେଉଛି, ସରକାରଙ୍କ ସବୁ ଯୋଜନାକୁ ଆପଣମାନେ ଲୋକଙ୍କ ପାଖକୁ ଠିକ୍ ଭାବରେ (ପୃଷ୍ଠା ୭ରେ)

# ସୁପ୍ରିମକୋର୍ଟଙ୍କୁ ପ୍ରେସିଡେନ୍ସିଆଲ ରେଫରେନ୍ସ ପଠାଇ ୧୪ଟି ପ୍ରଶ୍ନ ପଚାରିଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୧୫/୦୫**

ରାଜ୍ୟ ସରକାରଙ୍କ ବିଧେୟକକୁ ମଞ୍ଜୁରୀ ଦେବା ନିମନ୍ତେ ସମୟସୀମା ଲାଗୁ କରିବା ସମ୍ବନ୍ଧରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ରାଷ୍ଟ୍ରପତି ସମ୍ବିଧାନର ଧାରା ୧୪୩ ଅନୁଯାୟୀ ସୁପ୍ରିମକୋର୍ଟଙ୍କୁ ୧୪ ସୂତ୍ରୀ ପ୍ରେସିଡେନ୍ସିଆଲ ରେଫରେନ୍ସ ପଠାଇଛନ୍ତି। ଏଥିରେ କୁହାଯାଇଛି ଯେ, କ'ଣ ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କୁ ଧାରା ୨୦୧ ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରା ତାଙ୍କ ନିମନ୍ତେ ସଂରକ୍ଷିତ ବିଧେୟକ ଉପରେ ନିର୍ଣ୍ଣୟ ନେବା ନିମନ୍ତେ ତିନି ମାସର ସମୟସୀମା ନିର୍ଦ୍ଧାରିତ କରିପାରିବେ, ଯେତେବେଳେକି ସାମ୍ବିଧାନିକ ରୂପେ ଏପରି କୌଣସି ନିର୍ଦ୍ଧାରିତ ସମୟସୀମା ନାହିଁ । ସମ୍ବିଧାନର ଧାରା ୧୪୩ ଅନୁଯାୟୀ ସୁପ୍ରିମକୋର୍ଟଙ୍କୁ ପଠାଯାଇଥିବା ସନ୍ଦର୍ଭରେ ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ସମ୍ମୁଖରେ ବିଧେୟକ ପ୍ରସ୍ତୁତ କରାଯିବା ଉପରେ ତାଙ୍କ ସମ୍ମୁଖରେ ସାମ୍ବିଧାନିକ ବିକଳ୍ପ ଉପରେ ସ୍ପଷ୍ଟୀକରଣ ମଗାଯାଇଛି ।

ରାଷ୍ଟ୍ରପତି କହିଛନ୍ତି ଯେ ରାଜ୍ୟପାଳ ଏବଂ ରାଷ୍ଟ୍ରପତି ସମ୍ବିଧାନର ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ବିଲ୍ ଉପରେ ନିଷ୍ପତ୍ତି ନିଅନ୍ତି, କିନ୍ତୁ ଏହି ଧାରା ଗୁଡିକ କୌଣସି ସ୍ଥାନରେ କୌଣସି ସମୟ ସୀମା କିମ୍ବା ପ୍ରକ୍ରିୟା ସ୍ଥିର କରେ ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଏହି ଇଚ୍ଛାଧୀନ ନିଷ୍ପତ୍ତି ସଂଘୀୟତା, ଆଇନର ସମାନତା, ଜାତୀୟ ସୁରକ୍ଷା ଏବଂ କ୍ଷମତା ମଧ୍ୟରେ ସନ୍ତୁଳନ ଭଳି ବହୁପାକ୍ଷିକ ଦିଗ ଉପରେ ଆଧାରିତ । ଗତ ୮ ଏପ୍ରିଲରେ ଜଷ୍ଟିସ୍ ଜେବି ପାରଦିୱାଲା ଏବଂ ଜଷ୍ଟିସ୍ ଆର ମହାଦେବନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ୪୧୫ ପୃଷ୍ଠାର ରାୟରେ କହିଥିଲେ ଯେ ବିଲ୍ ପାଇବାର ତିନି ମାସ ମଧ୍ୟରେ ରାଜ୍ୟପାଳଙ୍କୁ ନିଷ୍ପତ୍ତି ନେବାକୁ ପଡିବ ।

ଯଦି ବିଧାନସଭା ପୁନର୍ବାର ସମାନ ବିଲ୍ ପାସ୍ କରି ଫେରାଇ ଦିଏ, ତେବେ ରାଜ୍ୟପାଳଙ୍କୁ ଗୋଟିଏ ମାସ ମଧ୍ୟରେ ଅନୁମୋଦନ ଦେବାକୁ ପଡିବ । ସେହିପରି ରାଷ୍ଟ୍ରପତିଙ୍କୁ ତିନି ମାସ ମଧ୍ୟରେ ସେହି (ପୃଷ୍ଠା ୭ରେ)

## ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ: 'ଅସ୍ତ୍ରବିରତିରେ ମୁଁ ମଧ୍ୟସ୍ଥତା କରିନି'



**ୱାଶିଂଟନ୍, ୧୫/୦୫**

ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପ୍ରସଙ୍ଗରେ ୟୁ-ଟର୍ଣ୍ଣ ମାରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଦୁଇ ଦେଶ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିରେ ସେ ମଧ୍ୟସ୍ଥତା କରିନାହାନ୍ତି ବୋଲି ଟ୍ରମ୍ପ କହିଛନ୍ତି। ସେ କହିଛନ୍ତି, ମୁଁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ଦିଗରେ ସହାୟତା କରିଛି। କିନ୍ତୁ ମଧ୍ୟସ୍ଥତା କରିଛି ବୋଲି କହିବାକୁ ଚାହୁଁନି।

ଏକ କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି ଯେ, ମୁଁ ଏହା କହିନି ଯେ ମୁଁ ମଧ୍ୟସ୍ଥତା କରିଛି। କିନ୍ତୁ ମୁଁ ଦୁଇ ଦେଶ ମଧ୍ୟରେ ଥିବା ସମସ୍ୟା ସମାଧାନ ଦିଗରେ ସାହାଯ୍ୟ କରିଛି, ଯାହା (ପୃଷ୍ଠା ୭ରେ)

# ଦୁଷ୍ଟ ହାତରେ ପରମାଣୁ ଅସ୍ତ୍ର କେତେ ସୁରକ୍ଷିତ ?



**ନୂଆଦିଲ୍ଲୀ, ୧୫/୦୫**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଗୁରୁବାର ଜମ୍ମୁ-କଶ୍ମୀର ସୀମାନ୍ତ ଅଞ୍ଚଳରେ ପହଞ୍ଚି ଲୋକଙ୍କୁ ଭେଟିବା ସହ ଯବାନମାନଙ୍କ ମନୋବଳ ବଢାଇଛନ୍ତି। ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ରାଜନାଥ ସିଂହ ସମ୍ବୋଧିତ କରି ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତ କେବେ ଯୁଦ୍ଧ ପକ୍ଷରେ ନାହିଁ। ହେଲେ ଆମର ସାର୍ବଭୌମତ୍ୱ ଉପରେ ପ୍ରଶ୍ନ ଉଠିଲେ ଆମେ ଜବାବ ଦେବୁ। ପାକିସ୍ତାନ ଭଳି ଦୁଷ୍ଟ ଦେଶ ହାତରେ ପରମାଣୁ ଅସ୍ତ୍ର ସୁରକ୍ଷିତ ନୁହେଁ। ତେଣୁ ପାକିସ୍ତାନ ଉପରେ କଡ଼ା ନଜର ରଖିବା ଜରୁରୀ।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆତଙ୍କବାଦ ବିରୋଧରେ 'ଅପରେସନ ସିନ୍ଦୂର' ହେଉଛି ଭାରତର ବଡ଼ ଅପରେସନ। ଏହା ଇତିହାସର ସବୁଠୁ ବଡ଼ କାର୍ଯ୍ୟାନୁଷ୍ଠାନ। ଭାରତ ଆଜି ସାରା ବିଶ୍ୱ ଆଗରେ ସ୍ପଷ୍ଟ କରିଛି ଯେ, ଆତଙ୍କବାଦ ବିରୋଧରେ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଚାଲିଯିବ। ପହଲଗାମ୍‌ରେ ନରସଂହାର କରି ଭାରତର ମଥାକୁ ଆଘାତ କଲେ, ଆମେ ତାଙ୍କ ଛାତିରେ ଆଘାତ କଲୁ। ପାକିସ୍ତାନର ଏକମାତ୍ର ଚିକିତ୍ସା ସେ ଭାରତ ବିରୋଧୀ ଆତଙ୍କବାଦୀ ସଙ୍ଗଠନକୁ ଆଶ୍ରୟ ଦେବା ବନ୍ଦ କରୁ। ଭାରତ ବିରୋଧରେ ନିଜ ମାଟିକୁ ଉପଯୋଗ ନକରୁ। ଜମ୍ମୁ-କଶ୍ମୀରରୁ ଅନ୍ତରାଷ୍ଟ୍ରୀୟ ସମୁଦାୟକୁ ରାଜନାଥ ଏକ ବଡ଼ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, ପାକିସ୍ତାନ ଭଳି ଏକ ଦାୟିତ୍ୱହୀନ ଏବଂ (ପୃଷ୍ଠା ୭ରେ)

# ସୀମାପାର ଆତଙ୍କବାଦ ବନ୍ଦ ନହେବା ପର୍ଯ୍ୟନ୍ତ ଚୁକ୍ତି ସ୍ଥଗିତ

**ନୂଆଦିଲ୍ଲୀ, ୧୫/୦୫**

ପାକିସ୍ତାନ ସହ ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ନିଷ୍ପତ୍ତି ବଳବତ୍ତର ରହିଛି । ସୀମାପାର ଆତଙ୍କବାଦ ବନ୍ଦ ନ ହେବା ପର୍ଯ୍ୟନ୍ତ ଏହି ଚୁକ୍ତି ସ୍ଥଗିତ ରହିବ । ଏନେଇ ସ୍ପଷ୍ଟ କରିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ।

ଏକମାତ୍ର ପିଓକେ ବିଷୟରେ କଶ୍ମୀର ଉପରେ ଆଲୋଚନା ହୋଇପାରେ। ପାକିସ୍ତାନ ଦ୍ୱାରା କଶ୍ମୀରରେ ଅବୈଧ ଅଧିକୃତ ଅଞ୍ଚଳ ଖାଲି କରିବା ଜରୁରୀ। କଶ୍ମୀର ଆଲୋଚନା ପାଇଁ ଦ୍ୱାର ଖୋଲା ଅଛି ବୋଲି ସେ କହିଛନ୍ତି ।

ଅନ୍ୟପଟେ ମାତ୍ର ୧୫ ଦିନରେ ଅଣନିଶ୍ୱାସୀ ହୋଇପଡିଲାଣି ପାକିସ୍ତାନ । ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଭାରତ ସରକାରଙ୍କୁ ଅପିଲ୍ କରିଛି ପାକ୍ । ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ପରେ ପାକିସ୍ତାନ ଏବେ ଭିକ୍ଟିମ କାର୍ଡ ଖେଳିବା ଆରମ୍ଭ କରିଛି । ସିସିଏସ ବୈଠକରେ ସିନ୍ଧୁ ଜଳ ଚୁକ୍ତି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ଭାରତ ସରକାର ସ୍ପଷ୍ଟ କରିଥିଲେ ବି ପାକିସ୍ତାନ ଜଳଶକ୍ତି ମନ୍ତ୍ରଣାଳୟ ଭାରତର ଜଳଶକ୍ତି ମନ୍ତ୍ରଣାଳୟକୁ ଚିଠି ଲେଖିଥିଲା । ଭାରତର ଏହି ନିଷ୍ପତ୍ତିରେ ପାକିସ୍ତାନରେ ବଡ଼ ଧରଣର ଜଳ ସଂକଟ ସୃଷ୍ଟି ହେବ ବୋଲି ପାକିସ୍ତାନ କହିଛି । ପହଲଗାମ ଆକ୍ରମଣ ପରେ ସବୁଠାରୁ ବଡ଼ ପଦକ୍ଷେପ ଭାବେ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ କରି ପାକିସ୍ତାନକୁ ବଡ଼ ସନ୍ଦେଶ ଦେଇଥିଲେ ମୋଦି ସରକାର । ଭାରତର କୂଟନୈତିକ ଷ୍ଟ୍ରାଇକରେ ଥରହର ହୋଇଥିଲା ପାକିସ୍ତାନ ।



## ଏନ୍‌କାଉଣ୍ଟରରେ ୩ ଜୈଶ୍ ଆତଙ୍କବାଦୀ ନିପାତ

**ନୂଆଦିଲ୍ଲୀ, ୧୫/୦୫**

ଜମ୍ମୁ-କଶ୍ମୀର ପୁଲୱାମାରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା । ଏନକାଉଣ୍ଟରରେ ୩ ଜୈଶ୍ ଆତଙ୍କବାଦୀ ନିପାତ ହୋଇଛନ୍ତି । ପୁଲୱାମା ଜିଲ୍ଲାର ତ୍ରାଲ ଅଞ୍ଚଳର ନାଦିର ଗାଁରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୩ ଜଣ ଆତଙ୍କବାଦୀ ନିପାତ ହୋଇଛନ୍ତି। ଏହା ହେଉଛି ୪୮ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଏନକାଉଣ୍ଟର। ଏହା ଆଗରୁ ୨ ଦିନ ତଳେ ସୋପିଆନରେ ତିନି ଜଣ ଲସ୍କର-ଏ-ତୋଏବା ଆତଙ୍କବାଦୀ ନିହତ ହୋଇଥିଲେ।

# ଉଚ୍ଚଶିକ୍ଷା ବିଭାଗ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆର ଅଧିକାରୀ, ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିମାନଙ୍କର ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସମୟରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

ଏହି ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ହେବା ସହିତ ବିତ୍ତୀୟ ସାକ୍ଷରତାରେ ମଧ୍ୟ ଅଭିବୃଦ୍ଧି ହେବ। ଏଥିସହିତ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ।

ଏହି ଅବସରରେ ଉଚ୍ଚଶିକ୍ଷାମନ୍ତ୍ରୀ କହିଛନ୍ତି ଯେ, ବୁଝାମଣା ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ୨ ପ୍ରକାର କୋର୍ସ ପ୍ରଦାନ କରାଯିବ ଯାହାକି ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ କରିବା ସହିତ ବିତ୍ତୀୟ ସାକ୍ଷରତାକୁ ମଧ୍ୟ ବୃଦ୍ଧି କରିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିତ୍ତୀୟ କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ। କଳା, ବିଜ୍ଞାନ, ବାଣିଜ୍ୟ ଓ ବିଭିନ୍ନ ସ୍ନାତକ (ପୃଷ୍ଠା ୭ରେ)




# ଅଦିନିଆ ବର୍ଷା ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହୀତ

**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ଅଦିନିଆ ବର୍ଷାକୁ ରାଜ୍ୟ ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଛନ୍ତି । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି।

ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ (ଏସଡିଆରଏଫ୍) ସହାୟତା ପାଇ ପାରିବେ। ଏସଡିଆରଏଫ୍‌ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ ।

ସୂଚନାଯୋଗ୍ୟ ଯେ, ୨୦୨୪ ଡିସେମ୍ବର ମାସରେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ୨୨,୭୯୧ ହେକ୍ଟର ଜମିରେ ଫସଲ ହାନି ହୋଇଥିଲା ଏବଂ ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ଭାବେ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀମାନଙ୍କୁ ୨୯୧ କୋଟି ଟଙ୍କାର ସହାୟତା କୃଷି ଇନ୍‌ପୁଟ ରିହାତି ଆକାରରେ ପ୍ରଦାନ କରିଥିଲେ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ଅଦିନିଆ ବର୍ଷା ସ୍ଥାୟୀ ରୂପେ ଏକ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହୀତ ହେଲା ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏଥିପାଇଁ (ପୃଷ୍ଠା ୭ରେ)



# ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗି ୫ ଜୀବନ୍ତ ଦଗ୍ଧ

**ନୂଆଦିଲ୍ଲୀ, ୧୫/୦୫**

ଉତ୍ତରପ୍ରଦେଶ ଲକ୍ଷ୍ନୌର କିଷାନ ପଥରେ ବଡ ଦୁର୍ଘଟଣା ଘଟିଛି । ଏଠାରେ ଏକ ବସ୍‌ରେ ନିଆଁ ଲାଗି ୨ ଶିଶୁଙ୍କ ସମେତ ୫ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି । ଏହି ବସ୍‌ଟି ବିହାରରୁ ଦିଲ୍ଲୀ ଯାଉଥିଲା । ମାତ୍ର ଲକ୍ଷ୍ନୌରେ ହଠାତ୍ ବସ୍‌ରେ ଅଗ୍ନିକାଣ୍ଡ ଘଟିଥିଲା । ବସ୍‌ରେ ପ୍ରାୟ ୮୦ ଜଣ ଯାତ୍ରୀ ଯାତ୍ରା କରୁଥିଲା ବେଳେ ଗୁରୁବାର ଭୋରରେ ଏହି ଅଘଟଣ ଘଟିଥିଲା। ବସ୍‌ରେ ନିଆଁ ଲାଗିବା ନେଇ ସୂଚନା ପାଇବା ମାତ୍ରେ ଅଗ୍ନିଶମ କର୍ମଚାରୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ପୁଲିସ ଠାରୁ ମିଳିଥିବା ପ୍ରାଥମିକ ସୂଚନାନୁଯାୟୀ, ବସ୍‌ର ଜରୁରୀକାଳୀନ ଗେଟ୍ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଯଥା ସମ୍ଭବ ମେସିନି ଦୂରେଇ
ଲୋକଙ୍କଠୁ କାମ କର
ବିଲ୍‌ରେ ଅଲଟୁଲ୍ କରନ୍ତି
ନହେଲେ ଆସିବ ଜ୍ୱର
ଏଥିରେ ନାହିଁ କିଛି ବୁଝିବାର
ମୂଖିଆ କହନ୍ତି ଏବେଠାରୁ ସବୁ
ଠିକ୍ ହୁଅ ଅଫିସର୍

# ଧୂଳି ଝଡ଼ ପରେ ପ୍ରଦୂଷଣରେ ବୁଡ଼ିଲା ରାଜଧାନୀ ଦିଲ୍ଲୀ



**ନୂଆଦିଲ୍ଲୀ, ୧୫/୦୫**

ବୁଧବାର ରାତିରୁ ରାଜଧାନୀ ଦିଲ୍ଲୀରେ ହଠାତ୍ ଧୂଳି ଝଡରେ ପ୍ରଦୂଷଣ ବୃଦ୍ଧି ପାଇଛି। ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳଗୁଡ଼ିକ ଧୂଳିର ଏକ ଘନ ଆସ୍ତରଣରେ ଆଚ୍ଛାଦିତ ହୋଇଯାଇଛି। ଫଳରେ ଦୃଶ୍ୟମାନତା ହ୍ରାସ କରିଛି ସହର। ଦିଲ୍ଲୀରେ ଧୂଳି ଝଡ଼ ହେବା ପରଠାରୁ ଏପରି ଅବସ୍ଥା ହୋଇଛି।

ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୦୦ ସ୍ତର ଅତିକ୍ରମ କରି 'ଖରାପ' ବର୍ଗରେ ପ୍ରବେଶ କରିଛି। ଯାହାକି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଇପାରେ ବୋଲି ଆଶଙ୍କା କରାଯାଉଛି।

ରାଜଧାନୀର ଅନେକ ପ୍ରଦୂଷଣ ଗବେଷଣା କେନ୍ଦ୍ରରୁ ମିଳିଥିବା ତଥ୍ୟ ଦର୍ଶାଉଛି ଯେ ଦିଲ୍ଲୀରେ ସାଧାରଣ ସୀମାଠାରୁ ଧୂଳି ସ୍ତର ପ୍ରାୟ ୨୦ ଗୁଣ ବୃଦ୍ଧି ପାଇଛି। ଏହି ସୂକ୍ଷ୍ମ କଣିକା ପଦାର୍ଥଗୁଡ଼ିକୁ ମାନବ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ, ବିଶେଷକରି ଶ୍ୱାସକ୍ରିୟା ସମସ୍ୟା ଥିବା ବ୍ୟକ୍ତିମାନଙ୍କ ପାଇଁ।

ମଧ୍ୟରାତ୍ର ପରେ, ପବନର ବେଗ ପ୍ରାୟ ୩-୭ କିମି/ଘଣ୍ଟା ପର୍ଯ୍ୟନ୍ତ ବୋହିଥିଲା। ଯାହାଫଳରେ ଦୃଶ୍ୟମାନତା କମ୍ ରହିଛି। ପ୍ରଭାବିତ ସ୍ଥାନଠାରୁ ପ୍ରାୟ ୧,୨୦୦ରୁ ୧,୫୦୦ ମିଟର (ପୃଷ୍ଠା ୭ରେ)



ସୌଜନ୍ୟ ସୋସିଆଲ ମିଡିଆ...




## ଜେସିବି ଲଗାଇ ରାସ୍ତାକୁ ଭାଙ୍ଗିଦେଲେ ଦୁର୍ବୃତ୍ତ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ଭାଣ୍ଡିଲୋ ମାଇନର ନାଳବନ୍ଧ ରାସ୍ତାକୁ କିଛି ଦୁର୍ବୃତ୍ତ ଜେସିବି ଲଗାଇ କାଟି ଦେଇଥିବା ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଜଳ ସେଚନ ବିଭାଗର କର୍ପୂରା ଦେବୀ ଠାକୁରାଣୀ ରାସ୍ତା ଉପରେ ବାଲି, ଗୋଡି ପକାଇବା ଦ୍ୱାରା ଗ୍ରାମବାସୀମାନେ ଯାତାୟାତରେ ଅସୁବିଧା ହେଉଛି । ଏ ବିଷୟରେ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅଭିଯୋଗ କଲାପରେ ତଦନ୍ତ କରି ଏହାର ବ୍ୟବସ୍ଥା କରିଥିଲେ । କିନ୍ତୁ ସ୍ଥାନୀୟ ଅଞ୍ଚଳର କିଛି ଦୁର୍ବୃତ୍ତ ଭାଣ୍ଡିଲୋ ମାଇନର ନାଳବନ୍ଧ ରାସ୍ତାକୁ ଜେସିବି ଲଗାଇ କାଟି ଦେବା ଫଳରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ଯାତାୟାତ କରିପାରୁନାହାଁନ୍ତି । ତୁରନ୍ତ ଏହି ନାଳବନ୍ଧ ରାସ୍ତାକୁ ଠିକ୍ କରିବା ସହିତ ଦୁର୍ବୃତ୍ତ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

## ବ୍ଲକ ପରିସରରେ ଭଙ୍ଗାରୁଜା ଘଟଣାରେ ଅଧ୍ୟକ୍ଷ ସମେତ ୩ ଗିରଫ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବାଂଶପାଳ ବ୍ଲକ ବିଡିଓଙ୍କୁ ଗାଳିଗୁଲଜ କରିବା ଓ ଅଫିସ ଭିତରେ ଭଙ୍ଗାରୁଜା କରି ଗେଟ୍‌ରେ ତାଲା ପକାଇବା ଅଭିଯୋଗରେ ପୋଲିସ ବାଂଶପାଳ ବ୍ଲକ ଅଧ୍ୟକ୍ଷ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ (୩୮), କୁମୁଣ୍ଡି (ଖ) ଗ୍ରାମର ଶୁକଦେବ ମହାକୁଡ (୫୦) ଏବଂ କାଞ୍ଜିପାଣି ଗ୍ରାମର ପଦ୍ମଲୋଚନ ଆରୁକ୍ (୪୦) ବୋଲି ଜଣାପଡିଛି । ସେମାନଙ୍କ ଠାରୁ ପୋଲିସ ଏକ କାର୍ ଜବତ୍ କରିଛି । ସୂଚନାଯୋଗ୍ୟ ଯେ, ଗତ ୫ ତାରିଖ ଦିନ ଅପରାହ୍ଣ ୨ଟା ୨୦ ମିନିଟ୍ ସମୟରେ ବାଂଶପାଳ ବିଡିଓ ରାଜା ରଣଜିତ୍ ପ୍ରତାପ ବଳ ବିପ୍ଲବୀ ଧରଣୀଧର ନାଏକ ଜୟନ୍ତୀ ପାଳନ ଉପଲକ୍ଷେ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ସହିତ ଅଫିସ ଭିତରେ ଆଲୋଚନା କରୁଥିଲେ । ଏହି ସମୟରେ ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ ଦେହୁରୀ ଏବଂ ଅନ୍ୟ ୨ଜଣ ତାଙ୍କ ଅଫିସ ଭିତରକୁ ଯୋରଜବରଦସ୍ତ ପ୍ରବେଶ କରି ସେମାନଙ୍କୁ ଗାଳିଗୁଲଜ କରିବା ସହ ଅଫିସ ଖାଲି କରିବାକୁ ଧମକ ଦେଇଥିଲେ । ସେମାନେ ଅଫିସର କାଚ କବାଟ ଭାଙ୍ଗିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ସେମାନେ ମୁଖ୍ୟ ଗେଟ୍‌ରେ ତାଲା ପକାଇ ପଛ ଗେଟ୍‌ରେ ବାହାରି ଚାଲିଯିବାକୁ ବାଧ କରିଥିଲେ । ବିଡିଓଙ୍କ ଲିଖିତ ଅଭିଯୋଗ କ୍ରମେ ନୟାକୋଟ ଥାନା କେସ୍ ନମ୍ବର ୬୭/୨୦୨୫ ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬/୧୨୧(୧), ୧୩୨, ୩୨୪(୪), ୩(୫) ଓ ୩ ପିଡିପିପି ଆକ୍ଟରେ ପୋଲିସ କେସ୍ ରୁଜୁ କରିଛି । ଏହି ମାମଲାର ତଦନ୍ତ ସବ୍ ଇନ୍ସପେକ୍ଟର ଫୁଲ ଜେମ୍ସ ଟିଗା କରୁଥିବାବେଳେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## ଛତିଆ ବୋମା ବିସ୍ଫୋରଣ ଘଟଣାରେ ପୋଲିସର ଛାନ୍‌ଭିନ୍ ଜାରି



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଦିନ ୧୬ନଂଜାତୀୟ ରାଜପଥର ଛତିଆ ନିକଟରେ ବୋମା ବିସ୍ଫୋରଣରେ ୨ଜଣ ମୃତକଙ୍କ ମଧ୍ୟରେ ଜଣେ ବଡ଼ଚଣାଥାନା ଖଇରାହାଟ ମୁଣ୍ଡାସାହିର ରାମପିଙ୍ଗୁଆ (୩୯) ଓ ଚଣ୍ଡିତଳ ଗ୍ରାମର ମଧୁ ମୁଣ୍ଡା (୪୧) । ଗୁରୁତର ଆହତ ବ୍ୟକ୍ତି ବଡ଼ଚଣା ଥାନା ଗୁଣ୍ଠୁଣିଗ୍ରାମର ମଣ୍ଟୁପାତ୍ର । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମୃତକଙ୍କ ଶରୀରର ଅଙ୍ଗସବୁ ଏଣେତେଣେ ପଡିଥିଲା । ଘଟଣାସ୍ଥଳରେ ଯାଜପୁର ଏସ୍‌ପି ଯସ ପ୍ରତାପ ଶ୍ରୀମଲ ଓ ସିଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ବୈରି ଥାନା ଅଧିକାରୀ ଅଂଶୁବାଳା ଦାସ ଉପସ୍ଥିତ ରହି ତଦନ୍ତ କରିଛନ୍ତି । ଜାତୀୟ ରାଜପଥ ସର୍ଭିସ୍ ରୋଡ୍‌ସ୍ଥ କୁଞ୍ଜିଆ ଛକଦେଶୀ ମଦଦୋକାନ ନିକଟରେ ଏହି ବିସ୍ଫୋରଣ ଘଟିଛି । ମାଛ ଧରିବା ପାଇଁ ବିସ୍ଫୋରକ ସାମଗ୍ରୀ ନେଉଥିବା ବେଳେ ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ ସୂଚନା ଦେଇଛି । ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ କରୁଥିବାବେଳେ ଆହତ ସୁସ୍ଥ ହେବାପରେ ପ୍ରକୃତ କାରଣ ଜଣାପଡିବ । ଆହତ ମଣ୍ଟୁ ପାତ୍ର ଏବେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛି । ଏହି ବିସ୍ଫୋରଣରେ ୨ ଜଣଙ୍କ ମୃତ୍ୟୁ ପରେ ଜିଲ୍ଲା ପୋଲିସ ତତ୍ପର ହୋଇଉଠିଛି । ବୁଧବାର ଦିନ ଜେନାପୁର ପୋଲିସ ରେଖିଦେଇପୁର ଗ୍ରାମର ଧବଳେଶ୍ୱର ଦାସଙ୍କ ଘର ଉପରେ ଚଢ଼ଉ କରିଛି । ଧବଳେଶ୍ୱରକୁ ଗିରଫକରିବା ସଙ୍ଗେ ସଙ୍ଗେ ତାଙ୍କ ଘରୁ ବହୁ ବିସ୍ଫୋରଣ ସାମଗ୍ରୀ ଜବତ କରିଛନ୍ତି ।

## ମାଟ୍ରିକ୍ ଓ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟର ସଫଳତା

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ସିବିଏସ୍‌ସି ବୋର୍ଡର ମାଟ୍ରିକ୍ ଓ ଦ୍ୱାଦଶ ଫଳାଫଳ ଘୋଷିତ ହୋଇଛି । ନନ୍ଦପୁର ଆଦର୍ଶ ବିଦ୍ୟାଳୟର ଦଶମରେ ସର୍ବାଧିକ ୯୩% ରଖି ଗ୍ରିସ୍ମୟ ସାହୁ ଓ ୯୨.୨% ରଖି ସତ୍ୟମ୍ କୁମାର ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଦଶମ ଶ୍ରେଣୀ ପରୀକ୍ଷାରେ ନନ୍ଦପୁର ଆଦର୍ଶ ବିଦ୍ୟାଳୟର ମୋଟ୍ ୬୬ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୪୪ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୮ ଜଣ ପ୍ରଥମ, ୨୧ ଜଣ ଦ୍ୱିତୀୟ, ଓ ୫ ଜଣ ତୃତୀୟ ଡିଭିଜନ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ଯୁକ୍ତ ଦୁଇ ବିଜ୍ଞାନରେ ସର୍ବ ମୋଟ୍ ୧୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ପ୍ରଥମ, ୨ ଜଣ ଦ୍ୱିତୀୟ ଓ ୬ ଜଣ କମ୍ପାର୍ଟମେଣ୍ଟାଲ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଯୁକ୍ତ ଦୁଇ ବିଜ୍ଞାନରେ ୭୭% ନମ୍ବର ରଖି ସୁଚିତ୍ରା କିର୍ଶାନି ଓ ୬୮ ପ୍ରତିଶତ ନମ୍ବର ରଖି ଗାୟତ୍ରୀ କନ୍ତେରି ଦ୍ୱିତୀୟ ସ୍ଥାନ ଅଧିକାର କରି ସୁନାମ ଅର୍ଜନ କରିଛନ୍ତି । ଉତ୍ତମ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀ ମାନେ ସ୍କୁଲ୍ କର୍ତ୍ତୃପକ୍ଷ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପିତା ମାତା ଓ ଶୁଭେଚ୍ଛୁ ବୃନ୍ଦଙ୍କୁ ଧନ୍ୟବାଦ୍ ଦେବା ସହ କୃତଜ୍ଞତା ଅର୍ପଣ କରିଛନ୍ତି ।

## ଗଞ୍ଜେଇ ସହ କାର୍ ଜବତ:ଜଣେ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଚୋରା ଗଞ୍ଜେଇ ଚାଲାଣ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ ସହ ଏକ ଡସଟର କାର୍ ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ । ଅବକାରୀ ବିଭାଗ ମୋବାଇଲ୍ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର ବୁଢ଼ାରଜା ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ସକାଳ ପ୍ରାୟ ୪.୩୦ ବେଳେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ଧଳା ଡସଟର କାର୍‌କୁ ସନ୍ଦେହରେ ବୁଢ଼ାରଜା ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୨୧ କେଜି ଗଞ୍ଜେଇ ମିଳିଥିଲା ଏବଂ କାର୍‌ରେ ଥିବା ଆସାମ ରାଜ୍ୟର କରିମଗଂଜ ଜିଲ୍ଲାର ମେହେଫୁଜ ହୁସେନ (୨୪) ବର୍ଷଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଏହା ବୌଦ୍ଧ ଜିଲ୍ଲାରୁ ସମ୍ବଲପୁର ଜିଲ୍ଲା ଦେଇ ଆସାମ ରାଜ୍ୟକୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି । ଏ ନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗର ପକ୍ଷରୁ ଏକ ମାମଲା ୪୪/୨୫ ରୁଜୁ ହୋଇଛି । ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର୍ ଓ ଗଞ୍ଜେଇ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନ୍ସପେକ୍ଟର ହରପ୍ରସାଦ ରଣା, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏସ୍‌ଆଇ ବିଶ୍ୱନାଥ ଭୋଇ, ଏଏସ୍‌ଆଇ ରେଣୁ ପ୍ରିୟା ପଧାନ, ପ୍ରଭାତ କୁମାର ସାହୁ, ନମିତା ବାଦୀ, ଗଣେଶ ଭୋଇଓ ସତ୍ୟରଞ୍ଜନ ସେଠୀ ପ୍ରମୁଖ ସାମିଲ ହୋଇଥିଲେ ।

## 'ଭଗବାନ ବୁଦ୍ଧଙ୍କ ସାଧନା ଓ ସିଦ୍ଧି ମଣିଷକୁ ଶାନ୍ତି ପ୍ରଦାନ କରେ'

**ମାହାଙ୍ଗା, ନ୍ୟୁଜ୍**

'ବୁଦ୍ଧଓୟନ' ଆନୁକୂଲ୍ୟରେ ଭଗବାନ ତଥାଗତ ଗୌତମ ବୁଦ୍ଧଙ୍କ ଜୟନ୍ତୀ ସମାରୋହ ଓ ପ୍ରାର୍ଥନା ସଭା କଟକ ଜିଲ୍ଲା ମାହାଙ୍ଗା ବ୍ଲକର ବିଶ୍ୱ ପ୍ରସିଦ୍ଧ ଲଳିତଗିରି ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଗୌତମ ବୁଦ୍ଧଙ୍କ ଜୟନ୍ତୀ ସମାରୋହ ଓ ପ୍ରାର୍ଥନା ସଭା ବୁଦ୍ଧଓୟନ କମିଟିର ସଦସ୍ୟମାନେ ପାଳନ କରିବା ଦେଖିବାକୁ ମିଳିଥିଲା ଓ ଅନୁଷ୍ଠାନର ସମ୍ପାଦକ ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଏହି କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଗବାନ ବୁଦ୍ଧଙ୍କ ସାଧନା ଓ ସିଦ୍ଧି ଉପରେ ପର୍ଯ୍ୟବେକ୍ଷିତ ଅହିଂସା ହିଁ ପରମ ଧର୍ମ ବୋଲି କହିଥିଲେ । ତ୍ୟାଗ ତପସ୍ୟା ଓ ସମର୍ପଣ ଭାବନା ମଣିଷକୁ ଶାନ୍ତି ପ୍ରଦାନ କରିଥାଏ ବୋଲି ଶ୍ରୀ ସାହୁ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଲେଖ ପ୍ରସାଦ ସ୍ୱାଇଁ, ଉତ୍ତମ କୁମାର ବେହେରା, ଦେବେନ୍ଦ୍ର ପରିଡା, ଚୈତନ୍ୟ ପାଣି, ଉମା ପ୍ରସନ୍ନ ମିଶ୍ର, ପ୍ରମୋଦ କୁମାର ସାମଲ, ତ୍ରିଲୋଚନ ସାମଲ, ଧୀରେନ୍ଦ୍ର ମହାରଣା, ପ୍ରଶାନ୍ତ ଖଟୁଆ, ବସନ୍ତ ଦାସ, ଶରତ ମହାନ୍ତି, ରଞ୍ଜନ କୁମାର ସାହୁ, ବ୍ରଜବନ୍ଧୁ ପ୍ରଧାନ, ମହେନ୍ଦ୍ର ରାଉତ, ପରମାନନ୍ଦ ସିଂହ, ତ୍ରିଲୋଚନ ସେଠୀ, ପ୍ରଭାତ ମଲିକ, ସାଗର ନନ୍ଦ, ଅଭୟ ମହାନ୍ତି, ଅଶୋକ ମହାନ୍ତି, ଅରକ୍ଷିତ ବାରିକ,ରାଧାଶ୍ୟାମ ପରିଡା, କୁଞ୍ଜ ବନ ସିଂହ, ରମେଶ ସାମଲ, ନାରାୟଣ ବେହେରା, ସୁମନ୍ତ ମହାରଣା, ସାଜିତ ଖାନ, ଉମାକାନ୍ତ ପ୍ରହରାଜ, ମଙ୍ଗରାଜ ମହାରଣା, ଭାଗ୍ୟଧର ସାହୁଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ରହି ଭଗବାନ ବୁଦ୍ଧଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ମାହାଙ୍ଗା ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଅଙ୍କିତା ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଆର୍ଥିକ ରାଶି ଦେଇ ପୁରସ୍କୃତ କରିଥିଲେ ।




## ଅମୃତାଳୟ ବୃଦ୍ଧାଶ୍ରମ ପରିଦର୍ଶନ କଲେ ପ୍ରସାଦ ହରିଚନ୍ଦନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ସ୍ଥିତ ନେକ୍ଟାର ଅମୃତାଳୟ ବୃଦ୍ଧାଶ୍ରମ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଛନ୍ତି । ଅନୁଷ୍ଠାନର ପୁରାତନ ଅନ୍ତେବାସୀ ତ୍ରିଲୋଚନ ରାଉତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀ ହରିଚନ୍ଦନଙ୍କୁ ସ୍ୱାଗତ କରିଥିଲେ । ସେ ଦୀର୍ଘ ସମୟ ଧରି ଆଶ୍ରମ ପରିଦର୍ଶନ କରିବା ସହିତ ଅନ୍ତେବାସୀଙ୍କ ସହିତ ଭାବର ଆଦାନପ୍ରଦାନ କରିଥିଲେ । ଏହି ଅବସରରେ ହରିଚନ୍ଦନ ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିବା ସହିତ ଆଶ୍ରମର କାର୍ଯ୍ୟକଳାପ ଓ ଅଗ୍ରଗତି ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ଶ୍ରୀ ହରିଚନ୍ଦନ ଆଶ୍ରମ ଅନ୍ତେବାସୀଙ୍କ ସହିତ ପ୍ରାର୍ଥନା ସଂକୀର୍ତ୍ତନରେ ଅଂଶଗ୍ରହଣ କରିବା ସହିତ ସେମାନଙ୍କ ସହିତ ପ୍ରସାଦ ସେବନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ଠାରୁ ଆଶ୍ରମର ଭବିଷ୍ୟତ ଯୋଜନା ସମ୍ପର୍କରେ ଜାଣି ଖୁସିବ୍ୟକ୍ତ କରିଥିଲେ । ହରିଚନ୍ଦନଙ୍କ ପତ୍ନୀ ରୀତା ହରିଚନ୍ଦନ, ପୁତ୍ର ଅଂଶୁମାନ, କନ୍ୟା ରିୟାଙ୍କ ସମେତ ଡକ୍ଟର ଅବନ୍ତୀକା କର, ଡକ୍ଟର ସ୍ୱାତୀ ପଟ୍ଟନାୟକ ଏବଂ ସ୍ୱୟଁ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନ୍ଦରଗଡ଼ରେ ରେଡ୍‌କ୍ରସ୍‌କୁ ଅଧିକ ସୁଦୃଢ଼ କରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡର ସଦ୍‌ଭାବନା ଭବନ ଠାରେ ସମାଜସେବୀ ସାର୍ ଜନ୍ ହେନେରି ଦୁରାଣ୍ଟଙ୍କ ଜନ୍ମ ବାର୍ଷିକୀ ପାଳନ ସହ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଗୁରୁପ୍ରସାଦ ମହାନ୍ତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ମହାଜନ ସାର ଜନ୍ ହେନେରୀ ଦୁରାଣ୍ଟଙ୍କ ଜୀବନୀ ତଥା ତାଙ୍କର ସମାଜସେବା ଉପରେ ଆଲୋକପାତ କରିଥିଲେ । ସେହିଭଳି ରେଡ୍‌କ୍ରସ୍‌ର ଭୂମିକା ଉପରେ ଆଲୋଚନା କରିଥିଲେ ଏବଂ ରେଡ୍‌କ୍ରସ୍ ଆହୁରି ଅଧିକ ସକ୍ରିୟ କରିବା ସହିତ ଅଧିକରୁ ଅଧିକ କିଭଳି ଭାବେ ଅର୍ଥ ସଂଗ୍ରହ କରାଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ନିୟମିତ ଅର୍ଥଦାତା ମାନଙ୍କୁ ସମ୍ବର୍ଦ୍ଧନା କରାଯିବା ଉପରେ ମଧ୍ୟ କହିଥିଲେ । ସେହିଭଳି ଅତିଥିମାନେ ସାର୍ ଜନ ହେନେରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ଜନସାଧାରଣଙ୍କୁ ଆର୍ଥିକ ସହାୟତା ଯୋଗାଇବାରେ ରେଡ୍‌କ୍ରସ୍‌ର ଭୂମିକା ଉପରେ ଆଲୋଚନା କରିଥିଲେ । କୌଣସି ପ୍ରାକୃତିକ ଦୁର୍ବିପାକ ହେଉ, ରୋଗ କିମ୍ବା ଦୁର୍ଘଟଣା ହେଉ ରେଡ୍‌କ୍ରସ୍‌ରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ । ତେଣୁ ଅର୍ଥ ସଂଗ୍ରହର ଆବଶ୍ୟକତାକୁ ଉପରେ ଗୁରୁତ୍ୱାରୋପ କରିଥିଲେ । ରେଡ୍‌କ୍ରସ ନିମନ୍ତେ ଅର୍ଥ ସଂଗ୍ରହରେ ସମଗ୍ର ରାଜ୍ୟରେ ସୁନ୍ଦରଗଡ଼ ଜିଲ୍ଲାକୁ ସର୍ବାଗ୍ରେ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ରେଡ୍‌କ୍ରସ୍‌ର ଆଜୀବନ ସଭ୍ୟମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ଏବଂ ଆହୁରି ଅଧିକ ଆଜୀବନ ସଦସ୍ୟ ବଢେଇବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ।

### ||||||||||||||| ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ |||||||||||||||

## ଆଶ୍ରୟସ୍ଥଳୀରେ ସର୍ବନିମ୍ନ ମୌଳିକ ସୁବିଧା ଉପଲବ୍ଧ ଉପରେ ଗୁରୁତ୍ୱାରୋପ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ୍, ଉଦ୍ଧାର, ଥଇଥାନ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସୁପରିଚାଳନା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଦରବାର ହଲ୍‌ଠାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ବିଧାୟକ ଘଷିପୁରା ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ମିର୍ଦ୍ଧା ଟପ୍ପୋ, ଡେପୁଟି କଲେକ୍ଟର ଆପତକାଳୀନ ଅଭିଳାଷ ପୁରୋହିତ ଓ ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ସମସ୍ୟା ଓ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ । ବିପର୍ଯ୍ୟୟ ପରିଚାଳନା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ସମ୍ବନ୍ଧରେ ପାୱାର ପଏଣ୍ଟ ଜରିଆରେ ଉପସ୍ଥାପନ କରାଯାଇ ସେହି ଆଧାରରେ ସମୀକ୍ଷା କରାଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଜୋନ୍, ସବ୍‌ଜୋନ୍ ଗଠନ ଓ ସଂପୃକ୍ତ ଅଧିକାରୀ ମାନଙ୍କୁ ଦାୟିତ୍ୱ ଅର୍ପଣ, ସରକାରୀ ଯନ୍ତ୍ର ଚାଳିତ ଡଙ୍ଗାର ସ୍ଥିତି, ନିୟନ୍ତ୍ରଣ କକ୍ଷ, ଅସ୍ଥାୟୀ ବେତାର କେନ୍ଦ୍ର, ଦୁର୍ବଳ ନଦୀବନ୍ଧ ଚିହ୍ନଟ ଓ ପ୍ରତିକାର, ପାନୀୟ ଜଳ ଯୋଗାଣ, ବର୍ଷାଜଳ ନିଷ୍କାସନ, ଦୁର୍ଗମ ସ୍ଥାନରେ ଖାଦ୍ୟ, ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ୍, ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଆଗୁଆ ପଦକ୍ଷେପ, ପଶୁ ଚିକିତ୍ସା ଓ ପଶୁଖାଦ୍ୟ ମହଜୁଦ୍, କୃଷି, ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀର ମରାମତି, ବର୍ଷା ପରିମାପକ ଯନ୍ତ୍ରର ଅବସ୍ଥା ଆଦି ସମ୍ବନ୍ଧରେ ପଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ତଦ୍‌ଜନିତ ସମସ୍ୟାର ସମାଧାନ ଓ ସମ୍ଭାବ୍ୟ ବିପର୍ଯ୍ୟୟ ପାଇଁ ପୂର୍ଣ୍ଣ ପ୍ରସ୍ତୁତି ନିମିତ୍ତ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ବିଶେଷ କରି ବନ୍ୟା ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ବେଳେ ସ୍ଥାନାନ୍ତର ପ୍ରକ୍ରିୟାରେ ହଜାର ସଂଖ୍ୟାରେ ଲୋକଙ୍କୁ ଆଣି ବାତ୍ୟାଶ୍ରୟରେ ରଖାଯିବା ସମୟରେ ପାନୀୟ ଜଳ, ଶୌଚାଳୟ, ରନ୍ଧାଖାଦ୍ୟ ଓ ଚୂଡ଼ା ପ୍ରଦାନକୁ ସଠିକ ଭାବେ କରାଯିବା ନେଇ ମତପ୍ରକାଶ ପାଇଥିଲା । ନଳା ସଫେଇ ଏବଂ ଅଧିକ ବର୍ଷାଜଳ ନିଷ୍କାସନ ପାଇଁ ମ୍ୟୁନିସିପାଲିଟି, ଡ୍ରେନେଜ୍ ଓ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନ୍ୟା ସମସ୍ୟା ଦୂର ପାଇଁ ନଦୀବନ୍ଧ ଚିହ୍ନଟ କରାଯାଇ ପ୍ରତିକାର କରାଯିବା ଓ ବିଶେଷ କରି ମନୁଷ୍ୟ ଓ ପ୍ରାଣୀମାନଙ୍କ ପାଇଁ ସାପ କାମୁଡ଼ା ଜନିତ ଚିକିତ୍ସା ପାଇଁ ଯଥେଷ୍ଟ ଔଷଧ ମହଜୁଦ୍ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଜିଲ୍ଲା ଏବଂ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ ଆରମ୍ଭ କରାଯିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା ।



## ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ପ୍ରଦର୍ଶନୀ ପ୍ରକୋଷ୍ଠ ଉନ୍ମୋଚିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ୍ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନଙ୍କ କରକମଳରେ "ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ପ୍ରକୋଷ୍ଠ"ର ଶୁଭ ଉଦ୍‌ଘାଟନ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ତଥା ରାଜ୍ୟ ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ସଙ୍ଗମ କୁମାର ସାହୁ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅନ୍ୟାନ୍ୟ ବିଚାରପତି ମାନଙ୍କ ଉପସ୍ଥିତିରେ ହୋଇଯାଇଛି । ରାଜ୍ୟ ଆଇନ୍ ସେବା ପ୍ରାଧିକରଣକୁ ଆଇନ୍ ସେବା ପାଇଁ ଆଗନ୍ତୁକ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ସାଧାରଣ ଜନତା କିପରି ସହଜରେ ଆମ ଭାରତୀୟ ସମ୍ବିଧାନର ପ୍ରସ୍ତୁତିପ୍ରଣାଳୀ ସମ୍ପର୍କରେ ନିଜେ ସହଜରେ ଜାଣିପାରିବେ ଓ ଅନ୍ୟମାନଙ୍କୁ ଜଣାଇପାରିବେ ଏହି ମହତ ଉଦ୍ଦେଶ୍ୟକୁ ବିଚାରରେ ରଖି ଭାରତୀୟ ସମ୍ବିଧାନର ପ୍ରସ୍ତୁତିପ୍ରଣାଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ପ୍ରକୋଷ୍ଠ ଉଦ୍‌ଘାଟନ କରାଯାଇଛି । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ, ଓଡ଼ିଶା ହାଇକୋର୍ଟ ଅଧିବକ୍ତା ସଂଘ ସଭାପତି ଓ ସାଧାରଣ ସମ୍ପାଦକ, ଜାତୀୟ ଆଇନ୍ ବିଶ୍ୱ ବିଦ୍ୟାଳୟର କୁଳପତି, ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଓ ରେଜିଷ୍ଟ୍ରି ଅନ୍ୟାନ୍ୟ ଅଧିକାରୀ ବୃନ୍ଦ, ନିର୍ଦ୍ଦେଶକ ଓଡ଼ିଶା ଜୁଡିସିଆଲ୍ ଏକାଡେମୀ କଟକ, ଓଡ଼ିଶା ରାଜ୍ୟ ଅଧିବକ୍ତା ପରିଷଦର ଅଧ୍ୟକ୍ଷ ଯୋଗଦାନ କରିଥିଲେ । ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମ ରାଜ୍ୟ ଆଇନ୍ ସେବା ପ୍ରାଧିକରଣର ସଦସ୍ୟ ସଚିବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଏବଂ ଉପସଚିବ ଓ ସହସଚିବଙ୍କ ସହଯୋଗିତାରେ ପରିଚାଳିତ କରାଯାଇଥିଲା । ରାଜ୍ୟ ଆଇନ୍ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟତା କରିଥିଲେ ।

## ସମସ୍ୟା ଘେରରେ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟ:ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମୟୁରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ମୟୂରଭଞ୍ଜ ଜିଲ୍ଲା ବାସୀଙ୍କର ବହୁବର୍ଷର ଦାବି ଫଳରେ ବିଗତ ୧୯୯୮ ମସିହାରେ ଓଡ଼ିଶା ସରକାର ବାରିପଦାର ତକତପୁର ଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ପରବର୍ତ୍ତୀ କାଳରେ ୨୦୨୦ ମସିହାରେ ସରକାର ଏହାର ନାମକୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରିଛନ୍ତି । ୨୦୧୭ ମସିହାରେ କେନ୍ଦୁଝର ଠାରେ ଏହାର ଦ୍ୱିତୀୟ ପରିସର ପ୍ରତିଷ୍ଠା କରିଥିଲେ । ପରିବର୍ତ୍ତୀ କାଳରେ ୨୦୨୩ ମସିହାରେ କେନ୍ଦୁଝରର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାର ବିଶ୍ୱବିଦ୍ୟାଳୟ କରିଦେଲେ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପରିସରରେ ଥିବା ଓଡ଼ିଆ, ଇଂରାଜୀ, ସଂସ୍କୃତ, ଜିଓଲୋଜୀ, ମେଟେରିଆଲ ସାଇନ୍ସ ପରି ପାଞ୍ଚଟି ବିଭାଗର ସମସ୍ତ ୧୫ ଗୋଟି ଶିକ୍ଷକ ଓ ସମସ୍ତ ଅଣଶିକ୍ଷକ ପଦବୀଗୁଡିକୁ ନୂଆକରି ଗଢି ଉଠିଥିବା ଧରଣୀଧର ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିଦେଲେ । ଫଳରେ ବାରିପଦା ଠାରେ ଥିବା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଠାରେ ଥିବା ଏହି ବିଭାଗ ଗୁଡିକ ଏ ସମସ୍ତ ମୂଳପଦବୀ ଗୁଡିକୁ ହରାଇଲା । ଯାହାଫଳରେ ଏବେ ମଧ୍ୟ ବାରିପଦା ଠାରେ ବିଶ୍ୱବିଦ୍ୟାଳୟର ଇଂରାଜୀ, ସଂସ୍କୃତ, ଜିୟୋଲୋଜୀ ଓ ମେଟେରୀଆଲ ସାଇନ୍ସ ବିଭାଗ ଗୁଡିକ ସେଲଫ୍ ଫାଇନାନ୍ସ କୋର୍ସ ଭାବରେ ଚାଲିବାକୁ ବାଧ ହେଉଛି । ଏପରିକି ମେଟେରିଆଲ ସାଇନ୍ସ ବିଭାଗଟି ବନ୍ଦ ହେବାକୁ ବସିଲାଣି । ଏ ସମସ୍ତ ବିଭାଗରେ ଛାତ୍ରଛାତ୍ରୀ ମାନେ ମୋଟା ଅଙ୍କର ରାଶି ଦେଇ ପାଠପଢିବାକୁ ବାଧ ହେଉଛନ୍ତି । ପିଏଚ.ଡି. ପରି ଗବେଷଣା ପାଠ ପଢିବାରୁ ମଧ୍ୟ ବଞ୍ଚିତ ଅଛନ୍ତି । ନିୟମିତ ଶିକ୍ଷକଙ୍କ ଦ୍ୱାରା ପାଠପଢାରୁ ବଞ୍ଚିତ ହୋଇ ଅତିଥି ଅଧ୍ୟାପକ ମାନଙ୍କ ଦ୍ୱାରା ପିଲାମାନେ ପାଠ ପଢୁଛନ୍ତି । ଏ ସମ୍ବନ୍ଧରେ ଦୀର୍ଘ ଦିନ ଧରି ସରକାରଙ୍କ ଠାରେ ଅଭିଯୋଗ କରାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ । ଏଣୁ ୨ୟ କ୍ୟାମ୍ପସ୍‌ରୁ ଧରଣୀଧର ବିଶ୍ୱ ବିଦ୍ୟାଳୟକୁ ନିଆଯାଇଥିବା ବିଭାଗ ଏବଂ ପଦବୀ ଗୁଡିକୁ ବାରିପଦାକୁ ଫେରସ୍ତ କରିଦେବା, ବାରିପଦା ଠାରେ ଏକ ସରକାରୀ ସଂଗୀତ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବା ସହ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟଟିକୁ ରାଜ୍ୟସ୍ତରୀୟ ବିଶ୍ୱବିଦ୍ୟାଳୟରୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଉନ୍ନତ କରାଯିବାକୁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ନାୟକଙ୍କ ସହିତ ପ୍ରତିନିଧି ମଣ୍ଡଳୀରେ ପିତାମ୍ବର ମଲ୍ଲିକ, ସତ୍ୟନାରାୟଣ ବେହେରା, ଲମ୍ବୋଦର ସେଠୀ ପ୍ରମୁଖ ସାମିଲ ଥିଲେ ।



## ମିଳିତ ଅଭିଯୋଗ ଶୁଣାଣି:୧୨୧ ମାମଲା ପଞ୍ଜିକୃତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବିଜେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ବ୍ୟତୀତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଣବ ଶବର ଏବଂ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୨୧ ଗୋଟି ଅଭିଯୋଗ ମଧ୍ୟରୁ ୯୫ ଗୋଟି ବ୍ୟକ୍ତିଗତ, ୨୫ ଗୋଟି ସାମୁହିକ ଏବଂ ଗୋଟିଏ ରେଡକ୍ରସ ଅଭିଯୋଗର ଶୁଣାଣି କରି ତତ୍‌କ୍ଷଣାତ୍ ୩ଟି ଅଭିଯୋଗ ସମାଧାନ କରିଥିଲେ । ଏତଦ୍‌ବ୍ୟତିତ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ଟପ୍ପର ହେଲେ ପ୍ରଦ୍ୟୁମ୍ନ ଦାସ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୁକ୍ତ ଦୁଇ ସିବିଏସଇ ବିଜ୍ଞାନ ବିଭାଗ ପରୀକ୍ଷାରେ ୯୨.୬ ପ୍ରତିଶତ ମାର୍କ ରଖି ପ୍ରଦ୍ୟୁମ୍ନ ଦାଶ ହେଲେ ତରଭା ବ୍ଲକ ଟପ୍ପର । ଶ୍ରୀମାନ ଦାଶ ତରଭା ଶ୍ରୀହରି ବିଦ୍ୟାଳୟ ଠାରେ ଏଲକେଜିରୁ କ୍ଲାସ୍ ପଞ୍ଚମ ଯାଏ ଓ ଷଷ୍ଠ ରୁ ଦଶମ ଶ୍ରେଣୀ ଯାଏ ସବୁବେଳେ ବ୍ଲକ୍ ଲେବେଲରେ ଟପ୍ପର ହୋଇଆସିଥିବା ଖବର ମିଳିଛି । ତରଭାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ତୋଷିନୀ ମାହାଣା ଓ ବ୍ୟବସାୟୀ କୃଷ୍ଣଚନ୍ଦ୍ର ଦାଶଙ୍କ ସୁପୁତ୍ର ଅଟନ୍ତି । ଶ୍ରୀମାନ ଦାଶ ଆଗକୁ 'ଆଇଜର' ଗବେଷଣା କ୍ଷେତ୍ରରେ ଶିକ୍ଷାଲାଭ କରିବା ଲକ୍ଷ୍ୟ ରଖିଥିବା ବିଷୟ ଆମ ପ୍ରତିନିଧିଙ୍କୁ ପ୍ରକାଶ କରିଥିବା ବେଳେ ଏ ସଫଳତା ଖବର ପରେ ତାଙ୍କୁ ସାରା ଜିଲ୍ଲାରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଜଣାଯାଇଛି । ଏ ଖବର ପ୍ରସାରଣ ଯାଏ ଶ୍ରୀମାନ ଦାଶ ବ୍ଲକ ଟପ୍ପର ନା ଜିଲ୍ଲା ଟପ୍ପର ସ୍ପଷ୍ଟ ହୋଇନଥିବା ପ୍ରକାଶ ।

## ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀଙ୍କୁ ବାଧ୍ୟତାମୂଳକ କମ୍ପ୍ୟୁଟର ତାଲିମ୍ ଆରମ୍ଭ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ କର୍ମଚାରୀଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ ହୋଇଥିବାରୁ କେନ୍ଦ୍ରାପଡା ଜିଲ୍ଲାର କର୍ମଚାରୀ ମାନଙ୍କୁ ଓକାକ୍ ମାଧ୍ୟମରେ କମ୍ପ୍ୟୁଟର ତାଲିମ୍ ପ୍ରଦାନ କରାଯାଇଛି । ୩ ଦିନ ଧରି ଏହି ତାଲିମ୍ ଦିଆଯିବ । ଏନେଇ ଏକ ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓକାକ୍ ମାଧ୍ୟମରେ ପ୍ରତ୍ୟେକ କର୍ମଚାରୀଙ୍କୁ ଏହି ତାଲିମ ପ୍ରଦାନ କରାଯିବ । ଜିଲ୍ଲା କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ନଥିପତ୍ର ସହ ଅଭିଯୋଗ, ଦରଖାସ୍ତ ଆଦି ଜନ ସାଧାରଣଙ୍କ ଆପତି ଅଭିଯୋଗ ଗୁଡିକୁ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରାଯାଇ ନଥି ପ୍ରସ୍ତୁତ କରଯିବ ଏବଂ ତାହାର ବର୍ଗୀକରଣ କରାଯାଇ କାର୍ଯ୍ୟଟି କେଉଁ ବିଭାଗରେ ଓ କାହାଦ୍ୱାରା ସଂପାଦିତ ହେଉଛି ତାହାର ମଧ୍ୟ ତାଲିକା ପ୍ରସ୍ତୁତ କରାଯିବ । ଏହାର ସମୟସୀମା ଅବଧି ଓ ନିଷ୍ପାଦନର ମଧ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇପାରିବ । କିମ୍ବା ଫାଇଲଟି କେଉଁଠି, କେଉଁଥିପାଇଁ ଅଟକି ରହିଛି ଏହା ମଧ୍ୟ ଜିଲ୍ଲାପାଳ ଜାଣିପାରିବେ । ଉଦ୍ଦେଶ୍ୟ ମୂଳକ ଭାବେ ଫାଇଲ୍‌କୁ ଅଟକ ରଖିଥିବା କିରାଣୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍‌ଲାଇନ୍ ହେବାଦ୍ୱାରା ଜନସାଧାରଣ ଶିଘ୍ର ପ୍ରଶାସନ ପାଖରୁ ନ୍ୟାୟ ପାଇବା ସହ ରାଜ୍ୟ ସରକାରଙ୍କ ଦ୍ରୁତ ସେବା ପ୍ରଦାନ ନୀତି କାର୍ଯ୍ୟକାରୀ ହୋଇପାରିବ ବୋଲି ଜଣାପଡିଛି । ମଙ୍ଗଳବାର କେନ୍ଦ୍ରାପଡା ଜିଲ୍ଲାର ତହସିଲ କର୍ମଚାରୀଙ୍କୁ ଏହି ତାଲିମ୍ ପ୍ରଦାନ କରାଯାଇଛି ।

## ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ବଣ୍ଟନରେ ଏନ୍‌ସିସିଏଫ୍ ଏଜେଣ୍ଟଙ୍କ ପକ୍ଷପାତ ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଭାରତ ଓ ପାକିସ୍ତାନ ମଧ୍ୟରେ ଆରମ୍ଭ ହୋଇଯାଇଥିଲା ଯୁଦ୍ଧ । ଯୁଦ୍ଧ ଭଳି ଜରୁରୀକାଳୀନ ସ୍ଥିତିରେ ଫାଇଦା ଉଠାଇବାକୁ ଅନେକ ଚାହିଁ ବସିଥାନ୍ତି । ଠିକ୍ ସେହିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବ୍ରହ୍ମପୁରରେ । ସରକାରଙ୍କ ତାଗିଦ୍ ସତ୍ତ୍ୱେ ଖାଦ୍ୟ ସାମଗ୍ରୀକୁ ମହଜୁଦ୍ କରି ପରବର୍ତ୍ତି ସମୟରେ ଚଢ଼ା ଦରରେ ବିକ୍ରି କରିବା ଭଳି କାର୍ଯ୍ୟର ଆଶଙ୍କା ସୃଷ୍ଟି ହୋଇଛି । କେନ୍ଦ୍ର ସରକାରଙ୍କ ଏନ୍‌ସିସିଏଫ୍ ପକ୍ଷରୁ ଭ୍ରାମ୍ୟମାଣ ଭ୍ୟାନ୍ ଜରିଆରେ ବିଭିନ୍ନ ପ୍ରକାର ଡାଲି, ବେସନ, ଚାଉଳ ଓ ଅଟା ଆଦି ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀକୁ ସୁଲଭ ମୂଲ୍ୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରାଯାଉଛି । ଏଥିରେ ଯେଭଳି କୌଣସି ପ୍ରକାରର ହେରଫେର୍ ବା ପାତରଅନ୍ତର ନହୁଏ ସେଥିପାଇଁ ପ୍ରତି ଗ୍ରାହକଙ୍କୁ ଗୋଟିଏ ଲେଖାଏଁ ପ୍ୟାକେଟ୍ ସହିତ ସମ୍ପୃକ୍ତ ଗ୍ରାହକଙ୍କର ଫଟୋ ଉଠାଇବାକୁ ଏଜେଣ୍ଟଙ୍କୁ କୁହାଯାଇଛି । ତେବେ ଏଜେଣ୍ଟ ଜଣକ ଏଥିରେ ନିଜର ଫାଇଦାକୁ ଦୃଷ୍ଟିରେ ରଖି ସବୁ ନିତିନିୟମର ଖିଲାପ କରି ଜଣକା ୪ ରୁ ୫ଟି ପର୍ଯ୍ୟନ୍ତ ପ୍ୟାକେଟ୍ ସେ ପୁଣି ବିନା ଫଟୋରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ଏଭଳି ଚିତ୍ର ଦେଖିବାକୁ ମିଳିଛି ଗଜପତି ନଗର ଅଞ୍ଚଳରେ । ସବୁଠାରୁ ବଡ଼କଥା ବିଭିନ୍ନ ସ୍ଥାନରେ ବୁଲି ବୁଲି ଲୋକଙ୍କୁ ନିର୍ଦ୍ଧାରିତ ସାମଗ୍ରୀ ଯୋଗାଇବା ପରିବର୍ତ୍ତେ ଏଜେଣ୍ଟ ଜଣକ ଗୋଟିଏ ସ୍ଥାନରେ ସମସ୍ତ ସାମଗ୍ରୀର ବିକ୍ରିବଟା କରିଥିବା ଦେଖିବାକୁ ମିଳିଥିଲା । ଯାଦ୍ୱାରା ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀକୁ ସମ୍ପୃକ୍ତ ଅଞ୍ଚଳର ତଥା ଆଖପାଖର ବିଭିନ୍ନ ଦୋକାନୀ ସେଠାକୁ ଆସି ଏକାଧିକ ପ୍ୟାକେଟ୍ ଖାଦ୍ୟ ସାମଗ୍ରୀ କ୍ରୟ କରିନେଇଥିଲେ । ଯାହାକୁ ସେମାନେ ପରବର୍ତ୍ତି ସମୟରେ ଖୋଲାରେ ଅଧିକ ମୂଲ୍ୟରେ ବିକ୍ରି କରିବାର ଯଥେଷ୍ଟ ସମ୍ଭାବନା ରହିଛି । କେବଳ ଏତିକି ନୁହେଁ ଏନ୍‌ସିସିଏଫ୍ ପକ୍ଷରୁ ବିକ୍ରି ହୋଇଥିବା ୧୦ କିଲୋ ଓଜନ ବିଶିଷ୍ଟ ଅଟା ପ୍ୟାକେଟ୍‌ରେ ପ୍ୟାକିଂ ତାରିଖ ଏପ୍ରିଲ୍ ୧ ତାରିଖ ଉଲ୍ଲେଖ ହୋଇଥିବା ବେଳେ ୨ ମାସ ମଧ୍ୟରେ ଏହାକୁ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା । ପ୍ୟାକିଂର ପାଖାପାଖି ଦେଢ଼ମାସ ପରେ ବିକ୍ରି ହୋଇଥିବା ଖାଦ୍ୟ ସାମଗ୍ରୀକୁ ସାଧାରଣ ଲୋକେ ମାତ୍ର ୧୫ ରୁ ୨୦ ଦିନ ଭିତରେ କିଭଳି ବ୍ୟବହାର କରିପାରିବେ ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ । ଏନ୍‌ସିସିଏଫ୍ ନିକଟରେ ଗଚ୍ଛିତ ଥିବା ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ପୂର୍ବରୁ ଏଗୁଡ଼ିକୁ କାଳେ ବିକ୍ରି କରିଦେବାକୁ ଯୋଜନା କରିଛି ଏଭଳି ମଧ୍ୟ କିଛି ଲୋକଙ୍କ ମନରେ ଧାରଣା ସୃଷ୍ଟି ହୋଇଛି । ଏଣୁ ଏନ୍‌ସିସିଏଫ୍ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଯୋଗାଣ ହେଉଥିବା ସାମଗ୍ରୀର ସୂଚାରୁ ବଣ୍ଟନ ଓ ମାନ ଉପରେ ଧ୍ୟାନ ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

## ମରି ବି ଅମର ହୋଇଗଲେ:ଅଙ୍ଗଦାନ କରି ୪ ଜଣଙ୍କ ଜୀବନ ରକ୍ଷାକଲେ

**ରାୟଗଡ଼, ନ୍ୟୁଜ୍ ବ୍ୟୁରୋ**



ମରି ବି ଅମର ହୋଇଗଲେ ଆଦିବାସୀ ଯୁବ ଦିଲୀ । ୪ ଜଣଙ୍କୁ ଜୀବନ ଦାନ ଦେଇ ସବୁଦିନ ପାଇଁ ସେ ଅମର ହୋଇଗଲେ ଗୁଣପୁର ଦିଲୀ ମଣ୍ଡାଙ୍ଗି । ରାୟଗଡା ଜିଲ୍ଲା ଗୁଣପୁର ବ୍ଲକ ଅନ୍ତର୍ଗତ ରେଗେଡା ଗ୍ରାମର ଯୁବକ ଦିଲୀ ମାଣ୍ଡାଙ୍ଗି ଦୁର୍ଘଟଣାର ଶିକାର ହୋଇ ସ୍ଥାନୀୟ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଆନ୍ଧ୍ର ଶ୍ରୀକାକୁଲମର ଜେମ୍ସ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିଲେ । ଗତ ବୁଧବାର ୮ ତାରିଖ ଦିନ ହୋଇଥିବା ଦୁର୍ଘଟଣାରେ ଯୁବକଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ବ୍ରେନ୍ ଡେଡ୍ ହୋଇସାରିଥିବା ସେଠାକାର ଡାକ୍ତର କହିଥିଲେ । ତାଙ୍କୁ ଭେଣ୍ଟିଲେଟର ମଧ୍ୟରେ ରଖାଯାଇ ଚିକିତ୍ସା କରାଯାଉଥିଲା । ଯୁବକ ବଞ୍ଚିବା କଷ୍ଟ ନେଇ ଡାକ୍ତର ପରିବାରଙ୍କୁ କହିବା ପରେ ଗୁରୁତର ଯୁବକର ବାପା ସତ୍ୟ ମାଣ୍ଡାଙ୍ଗି ଏବଂ ମା ତାଙ୍କ ପୁଅର ଶରୀରରେ ଥିବା ବିଭିନ୍ନ ଅଙ୍ଗଦାନ କରିବା ପାଇଁ ଡାକ୍ତରଙ୍କୁ କହିଥିଲେ । ତାଙ୍କ ପୁଅର ଜୀବନ ଅନ୍ୟମାନଙ୍କ ଦେହରେ ବଞ୍ଚିରହିବା ପାଇଁ ନିବେଦନ କରିଥିଲେ । ନିବେଦନ ରକ୍ଷା କରି ମେଡିକାଲ୍ କର୍ତ୍ତୃପକ୍ଷ ଯୁବକର ଅର୍ଗାନ କାଢ଼ି ଆବଶ୍ୟକ ଥିବା ଅନ୍ୟ ରୋଗିଙ୍କ ଦେହରେ ପ୍ରତିରୋପଣ ପାଇଁ ସମ୍ମତି ପ୍ରକାଶ କରିଥିଲେ । ବ୍ରେନ୍ ଡେଡ୍ ଥିବା ଯୁବକ ଦିଲୀପଙ୍କ ବିଭିନ୍ନ ଅଙ୍ଗ ଦାନକୁ ନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ ମେଡିକାଲ୍ କର୍ତ୍ତୃପକ୍ଷ । ଯୁବକ ଶରୀରରୁ ୨ଟି କିଡନୀ, ଲଙ୍ଗସ୍ ଏବଂ ଲିଭର୍ କଢ଼ାଯାଇଛି । ବିଶାଖାପାଟଣାରୁ ଶରୀରର ଅଙ୍ଗ କଢ଼ାଯିବା ପାଇଁ ନିୟୋଜିତ ହୋଇଥିବା ଏକ ଡାକ୍ତର ଟିମ୍ ଆସି ଅଙ୍ଗକୁ ସୁରକ୍ଷିତ ଭାବରେ କାଢ଼ିଥିଲେ । ଯୁବକର ଅଙ୍ଗ ବାହାର କରିବା ପରେ ବିଶାଖାପାଟଣା ଓ ଆବଶ୍ୟକ ହେଉଥିବା ଅନ୍ୟ ମେଡିକାଲ୍‌କୁ ପଠାଯାଇଥିବା ମେଡିକାଲ ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି । ଯୁବକଙ୍କ ଅଙ୍ଗଦାନ ପରେ ଆବଶ୍ୟକତା ଥିବା ୪ଜଣ ରୋଗିଙ୍କ ଦେହରେ ପ୍ରତିରୋପଣ କରି ସେମାନେ ନୂତନ ଜୀବନ ଲାଭ କରିବେ ବୋଲି ମେଡିକାଲର ଟ୍ରାନ୍ସପ୍ଲାଣ୍ଟ କୋଡିନେଟର କହିଛନ୍ତି । ଆଦିବାସୀ ପରିବାରରୁ ଆସିଥିଲେ ମଧ୍ୟ ଲୋକଙ୍କ ଜୀବନ ବଞ୍ଚିବା ପାଇଁ ପୁଅର ଶେଷ ଅବସ୍ଥାରେ ଅଙ୍ଗଦାନ କରିବା ପଦକ୍ଷେପ ନେବା ମହତ ଚିନ୍ତାଧାରାକୁ ନେଇ ଅଞ୍ଚଳରେ ବେଶ୍ ଚର୍ଚ୍ଚାରେ ରହିବା ସହ ପ୍ରଶଂସା ମଧ୍ୟ ସାଉଁଟିଛନ୍ତ । ଅଙ୍ଗଦାନ କରିବା ପରେ ମେଡିକାଲ୍ କର୍ତ୍ତୃପକ୍ଷ ପୁଅର ଶବକୁ ଶେଷ ସମ୍ମାନ ଜଣାଇ ଶବକୁ ପରିବାରକୁ ହସ୍ତାନ୍ତର କରିଛି । ଜୀବନଦାନ ଯୋଜନାରେ ସାମିଲ୍ କରାଯାଇ ଅଙ୍ଗଦାନ କରିଥିବା ଜଣାପଡିଛି । ଆଜି ରେଗେଡାରେ ହୋଇଥିବା ଯୁବକଙ୍କ ଅନ୍ତେଷ୍ଟିକ୍ରିୟାରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ଶେଷ ଦର୍ଶନ କରିଥିଲେ । ଆଦିବାସୀ ସମୁଦାୟରେ ଅଙ୍ଗଦାନ ଭଳି ମହତ କାର୍ଯ୍ୟ ଦିଲୀଙ୍କ ପରିବାର କରିଥିବାରୁ ବିଧାୟକ ସତ୍ୟଜିତ ଏହା ନିଶ୍ଚିତରୂପେ ପ୍ରେରଣାଦାୟକ କହି ପ୍ରଶଂସା କରିଛନ୍ତି ।

## କାର୍ ଓଲଟି ଜଣେ ମୃତ, ଜଣେ ଗୁରୁତର

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଲା କାର୍, ଦୁର୍ଘଟଣାରେ ଘଟଣାସ୍ଥଳରେ ସୁରେଶ ଗୌଡ଼ ନାମକ ବ୍ୟକ୍ତି ମୃତ ବରଣ କରିଛନ୍ତି । ବିନୟ ଗୌଡ଼ ନାମକ ବ୍ୟକ୍ତି ଗୁରୁତର କିନ୍ତୁ ଛୋଟ ଝିଅଟି ଗାଡ଼ିରେ ଭିତରେ ଥିଲେ ମଧ୍ୟ ଝିଅର କିଛି ହୋଇନାହିଁ । ଗୁରୁତରଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମିଳିଥିବା ତଥ୍ୟ ଅନୁଯାୟୀ ଗାଡିରେ ଭାମିନୀ ଗ୍ରାମରୁ ଆସୁଥିଲେ ଗାଡିରେ ଗୋଟିଏ ସାନ ଝିଅ ଓ ୨ଜଣ ଯୁବକ ଆସୁଥିଲେ ଅଧିକାରୀଗୁଡା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ପଠାଇବା ବ୍ୟବସ୍ଥା କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଓ ଗାଡି ଜବତ କରିଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ମଇ ୨୦୨୫ ଶୁକ୍ରବାର





# ୨୦୦ ଫୁଟ୍ ନଦୀବନ୍ଧ ଧସିଲା:ଗ୍ରାମବାସୀ ଆତଙ୍କିତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଆଖୁଆପଦା ଜଳସମ୍ପଦ ବିଭାଗ, ଧାମନଗର ଅଧିନସ୍ତ ବୈତରଣୀ ନଦୀର ଶାଖା ନଦୀ କୋଚିଲା ନଦୀ ସଇଲୋ ଠାରେ ପ୍ରାୟ ୨ ଶହ ଫୁଟର ନଦୀବନ୍ଧ ଧସି ଯାଇଛି । ଫଳରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ପ୍ରକାଶ ଥାଉକି କୋଚିଲା ନଦୀର ରାମରାକୂଳ – ହସନାବାଦ ଟିଆରଇ ବନ୍ଧର ପଧାନି ପଞ୍ଚାୟତର ସଇଲୋ ଗ୍ରାମର ଇନ୍ଦ୍ରମଣି ବିଶ୍ୱାଳଙ୍କ ଘର ନିକଟରେ ଡାହାଣ ପାଖ ବନ୍ଧ ଧସିଯାଇଛି । ପ୍ରକାଶ ଥାଉକି ଉକ୍ତ ସ୍ଥାନରେ ପ୍ରତି ବର୍ଷ ଏପରି ବନ୍ଧ ଧସିଥାଏ ।ସେଠାରେ ମରାମତି ଆଳରେ ଲକ୍ଷ ଲକ୍ଷ ଟଙ୍କା ମରାମତିରେ ଖର୍ଚ୍ଚ ହୋଇଥାଏ ହେଲେ କୌଣସି ସ୍ଥାୟୀ ସମାଧାନ ହୋଇପାରେନା । ତେବେ ୧୦ ଦିନ ତଳେ ଉକ୍ତ ବନ୍ଧରେ ମାଟି ପକାଯାଇଥିଲା । ମାତ୍ର ଉକ୍ତ ସ୍ଥାନରେ ମାଟି ପକାଇବା ପରେ ରୁଲିଙ୍ଗ କରାଯାଇନଥିଲା । ତାପରେ ସେଠାରେ ପଥର ପ୍ୟାକିଂ ପାଇଁ ଟ୍ରକ୍‌ରେ ପଥର ଢ଼ଳା ଯାଇଥିଲା । ହେଲେ ଉକ୍ତ ବନ୍ଧ ପ୍ରାୟ ୨ ଶହ ଫୁଟ ଲମ୍ବରେ ମାଟି ଶହ ପଥର ଧସି ନଦୀ ଗର୍ଭକୁ ଚାଲିଯାଇଛି । ବିପଦ ସଙ୍କୁଳ ଅବସ୍ଥାରେ ଉକ୍ତ ବନ୍ଧଟି ରହିଛି । ଆଉ ମାତ୍ର ଗୋଟେ ମାସ ପରେ ବର୍ଷା ଦିନ ଆରମ୍ଭ ହୋଇଯିବ । ଉକ୍ତ ସ୍ଥାନ ମରାମତି ନ ହେଲେ ଉକ୍ତ ବିପଦ ସଙ୍କୁଳ ବନ୍ଧରେ ଘାଇ ହେଲେ ଶତାଧିକ ଘର ନଷ୍ଟ ହେବା ସହ ଚାଷ ବି କ୍ଷତି ହେବ । ମାତ୍ର ଘଟଣା ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇପାରିଲାନାହିଁ କି ବିଭାଗୀୟ ଉଚ୍ଚ ଅଧିକାରୀ ଉକ୍ତ ସ୍ଥାନକୁ ଆସିଲେ ନାହିଁ । ଏବେ ଭୟଭୀତ ଅବସ୍ଥାରେ ଗ୍ରାମବାସୀମାନେ ଅଛନ୍ତି । ଏ ଦିଗରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଧାମନଗର ବ୍ଲକ ପ୍ରତିନିଧି ତଥା ପଧାନି ପଞ୍ଚାୟତର ସରପଞ୍ଚ ଅଶୋକ ପୁହାଣ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଦେଖିବା ପରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ସେଠାରେ ବାରମ୍ବାର ଏପରି ହେଉଥିବାରୁ ଉକ୍ତ ସ୍ଥାନରୁ ସମ୍ପୂର୍ଣ୍ଣ ମାଟି କଢ଼ାଯାଇ ପଛରେ ସୁରକ୍ଷା ପାଚେରୀ କରାଯାଇ ସେଠାରେ ବନ୍ଧକୁ ସୁଦୃଢ଼ିକରଣ କରାଯିବ ବୋଲି ମନ୍ତ୍ରୀଙ୍କ ପ୍ରତିନିଧି କହିଥିଲେ । ଉକ୍ତ ନଦୀ ବନ୍ଧ କଡ଼ରେ କେତେକ ଲୋକ ଜାଗା ଛାଡୁ ନଥିବାରୁ ବନ୍ଧ କାମରେ ବାଧା ସୃଷ୍ଟି ହେଉଚି ବୋଲି ବିଭାଗୀୟ ଏସଡିଓ କିଶୋର ଦାସ କହିଛନ୍ତି । ତେବେ ତୁରନ୍ତ କାର୍ଯ୍ୟ ଆରମ୍ଭ କରି ନଦୀ ବନ୍ଧକୁ ସୁରକ୍ଷା ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ହତ୍ୟାକାରୀଙ୍କୁ ଆଜୀବନ ଜେଲ୍ ଓ ୧୦ ହଜାର ଜରିମାନା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଅତିରିକ୍ତ ଦୌରା ଜଜ୍ ମମିତା ଦାସ ଏକ ନରହତ୍ୟା ମାମଲାର ବିଚାର କରି ଆସାମୀ ନରୋତ୍ତମ ପେଣ୍ଡେଇ, ପିତା-କୀର୍ତ୍ତନ ପଣ୍ଡେଇ, ଗ୍ରାମ- ସିରିଗିଡା, ରୁଗୁଡିସାହି, ଥାନା-ତେଲକୋଇ, ଜିଲ୍ଲା-କେନ୍ଦୁଝରକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଆସାମୀ ନରୋତ୍ତମ ପେଣ୍ଡେଇଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଡେଇ (୪୫), ୧୦/୦୫/୨୦୨୨ ତାରିଖ ରାତି ୧୦ ଘଟିକା ସମୟରେ ତା' ସ୍ତ୍ରୀ ଗୋମତି ପେଣ୍ଡେଇ ଓ ଝିଅ ବବିତା ପେଣ୍ଡେଇ ସହ ଖାଇସାରି ଶୋଇବା ସମୟରେ ତା'ର ଜ୍ୱାଇଁ ଆସାମୀ ନରୋତ୍ତମ ପେଣ୍ଡେଇ ଗୋଟିଏ କୁରାଢି ଧରି ଘରକୁ ପଶି ଆସି ବିଶ୍ୱନାଥ ପେଣ୍ଡେଇଙ୍କ ଝିଅର ବେକକୁ କୁରାଢି ଦ୍ୱାରା ଆଘାତ କରିବାରୁ ପ୍ରବଳ ରକ୍ତ ଶ୍ରାବ ହୋଇଥିଲା । ଫଳରେ ବିଶ୍ୱନାଥଙ୍କ ଝିଅର ମୃତ୍ୟୁ ହୋଇଥିଲା ଏବଂ ୨ୟ ଚୋଟ ମାରିବାରୁ ବିଶ୍ୱନାଥଙ୍କ ସ୍ତ୍ରୀ ଗୋମତି ପେଣ୍ଡେଇ ଅଟକାଇବାରୁ ଆସାମୀ ତାକୁ ଠେଲି ଦେଇ ଘଟଣାସ୍ଥଳରୁ କୁରାଢି ଧରି ଦୌଡି ପଳାଇ ଯାଇଥିଲା । ଏନେଇ ଆସାମୀ ନରୋତ୍ତମ ପେଣ୍ଡେଇଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଡେଇ ୧୧/୦୫/୨୦୨୨ ତାରିଖରେ ତେଲକୋଇ ଥାନାରେ ଏକ ମକଦ୍ଦମା ରୁଜୁ କରିବା ପରେ ତେଲକୋଇ ଥାନା ୭୫/ ୨୦୨୨ରେ ଏକ ମକଦ୍ଦମା ରୁଜୁକରି ଅନୁସନ୍ଧାନ କରିବା ପରେ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୧୮ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି କେନ୍ଦୁଝର ଏଡିଜେ ମମିତା ଦାସ ଏହି କାରାଦଣ୍ଡ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କେଶ ପରିଚାଳନା କରିଥିଲେ ।

# ଲୁଟ୍ ସୁନା, ଟଙ୍କା ସହ ମାରଣାସ୍ତ୍ର ଜବତ:ଡକାୟତ ଗ୍ୟାଙ୍ଗ ଗିରଫ




**ସାଲେପୁର, ନ୍ୟୁଜ୍**

ଆନ୍ତଜିଲ୍ଲା ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି ପୋଲିସ । ଡକାୟତି ଦଳକୁ ଗିରଫ କରିବା ସହିତ ଆଇଚର ବସ୍ ଓ ବିପୁଳ ମାତ୍ରାରେ ସୁନାରୂପା ଅଳଙ୍କାର ଦେଶୀ ବନ୍ଧୁକ, ଖଣ୍ଡା ଜବତ ହୋଇଛି । କଟକ ଜିଲ୍ଲା ସାଲେପୁର ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡକାୟତି କରି ଫେରାର୍ ହୋଇଯାଉଥିବା ଗ୍ୟାଙ୍ଗକୁ କଟକ ଜିଲ୍ଲା ଗ୍ରାମାଞ୍ଚଳ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି । କଟକ ଜିଲ୍ଲା ସାଲେପୁର, ମାହାଙ୍ଗା ଓ ନେମାଳ ଅଞ୍ଚଳରେ ହୋଇଥିବା ଡକାୟତି ଘଟଣାର ତଦନ୍ତ ଆରମ୍ଭ କରି ପୋଲିସ ଏହି ଡକାୟତି ଦଳକୁ ଗିରଫ କରିବାରେ ସଫଳ ହୋଇଛି । ସେମାନଙ୍କ ପାଖରୁ ୧୪୦ ଗ୍ରାମ୍ ସୁନା ଓ ୫ କେଜି ୨୦୦ଶହ ଗ୍ରାମ ରୂପା ଅଳଙ୍କାର ଓ ୩ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ କରିଛନ୍ତି । ଏହା ସହିତ ଏକ ଆଇଚର ବସ୍ ଜବତ କରିଥିବା ସହ ଏକ ବନ୍ଧୁକ, ତିନୋଟି ଅଫୁଟା ଗୁଳି, ଚାରିଟି ଖଣ୍ଡା ଜବତ କରିଛି । ଏହି ସବୁଘଟଣାର ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ସୁଶାନ୍ତ ସାହୁ, ମାହାଙ୍ଗା ଥାନା ଅଞ୍ଚଳର ଦିପ୍ତିକାନ୍ତ ପୁଷ୍ଟି, ନେମାଳ ଅଞ୍ଚଳର ବସନ୍ତ ବଳ, ମାହାଙ୍ଗା ଅଞ୍ଚଳର କୈଳାସ ସାହୁ, ଜଗତସିଂହପୁର ଜିଲ୍ଲାର ବିରଞ୍ଚି ନାରାୟଣ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ଠାରୁ ଚୋରା ଅଳଙ୍କାର କିଣିଥିବା ସାଲେପୁର ଅଞ୍ଚଳ ଅଜୟ ସାହୁ, ତ୍ରିଲୋଚନ ସାହୁ ଓ ବାଲେଶ୍ୱରରେ ଆଲୋକ ନନ୍ଦିଙ୍କୁ ପୋଲିସ ଗିରଫ କରିଛି । ସାଲେପୁର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତିକ ସିଂହ ଏ ନେଇ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ଜଗତସିଂହପୁର, ଯାଜପୁର, କଟକ, ବାଲେଶ୍ୱର ଜିଲ୍ଲା ବହୁ ଚୋରି, ଡ଼କାୟତି, ରାହାଜାନି ଘଟଣା ଘଟାଇ ଫେରାର୍ ଥିବା ଜଣାପଡିଛି ।

# ମହିଳା ବ୍ୟବସାୟୀଙ୍କ ଠାରୁ ୧୧ ଲକ୍ଷ ନେଇଗଲେ ସାଇବର ଲୁଟେରା

**କଟକ, ନ୍ୟୁଜ୍ ବ୍ୟୁରୋ**

ଟ୍ରେଡିଂ ନାଁରେ ସାଇବର୍ ଠକ ପୁଣି ଜଣେ ମହିଳାଙ୍କଠୁ ଠକିଛନ୍ତି । ନିବେଶରେ ମୋଟା ଅଙ୍କର ଅର୍ଥ ଲୋଭ ଦେଖାଇ ମହିଳା ବ୍ୟବସାୟୀଙ୍କଠୁ ପ୍ରାୟ ୧୧ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଏନେଇ ମହିଳା ଜଣକ କଟକ ସାଇବର ଥାନାରେ ଏତଲା ଦାୟର କରିଛନ୍ତି । ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ମିଳିଥିବା ସୂଚନା ଅନୁସାରେ କଟକ ସହରର ରୋଜାଲିନ ଦାସ କମ୍ପ୍ୟୁଟର ସମ୍ପର୍କିତ ବ୍ୟବସାୟ କରନ୍ତି । ଫେବୃୟାରୀ ମାସରେ ସେ ଏକ ଅନ୍‌ଲାଇନ୍ ନିବେଶ ବିଷୟରେ ସୂଚନା ପାଇଥିଲେ । କମ୍ ଅର୍ଥ ନିବେଶ କଲେ ଭଲ ଲାଭ ମିଳିବ ବୋଲି ତାଙ୍କୁ କୁହାଯାଇଥିଲା । ଏହି ସୂଚନା ପାଇବା ପରେ ନିବେଶ କରିବା ପାଇଁ ନିଷ୍ପତ୍ତି ନେଇ ଏକ ସୋସିଆଲ୍ ମିଡିଆ ଗ୍ରୁପ୍ ଜରିଆରେ ନିବେଶ କରିବା ଆରମ୍ଭ କଲେ । ମୋବାଇଲ୍ ଆପ୍‌ରେ ଭର୍ଚୁଆଲ୍ ଆକାଉଣ୍ଟ ଖୋଲି ଏକାଧିକ କିସ୍ତିରେ ପ୍ରାୟ ୧୧ ଲକ୍ଷ ଟଙ୍କା ନିବେଶ କରିଥିଲେ । ପ୍ରଥମେ କିଛି ଅର୍ଥ ଫେରସ୍ତ ଆସିଥିଲା । ତେଣୁ ସେ ନିବେଶ ଅର୍ଥ ବଢ଼ାଇଥିଲେ । ମାସେ ବିତିବା ପରେ ଅର୍ଥାତ୍ ମାର୍ଚ୍ଚ ମାସ ଶେଷ ବେଳକୁ ଆକାଉଣ୍ଟରେ ପ୍ରାୟ ଦୁଇ ଗୁଣା ଲାଭ ଅର୍ଥ ଦେଖାଇଲା । ଏହା ପରେ ସେ ଆକାଉଣ୍ଟ ଅର୍ଥ ଉଠାଇବା ପାଇଁ ଉଦ୍ୟମ କରିଥିଲେ । ହେଲେ ତାହା ସମ୍ଭବ ହେଲାନି । ଆକାଉଣ୍ଟରେ ସମସ୍ୟା ଅଛି, ଅଧିକ ଅର୍ଥ ନିବେଶ କରି ଚାଲ ପରେ ସମସ୍ତ ଅର୍ଥ ଫେରସ୍ତ ପାଇବ ବୋଲି କୁହାଗଲା । ଏଭଳି ସ୍ଥିତିରେ ସେ ଏକ ପ୍ରକାର ନିଶ୍ଚିତ ହୋଇଗଲେଯେ, କୌଣସି ଏକ ଠକ ହାବୁଡ଼େ ପଡ଼ିଛନ୍ତି । ତେଣୁ ସେ କଟକ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପୋଲିସ ଅଭିଯୋଗ ପାଇବା ପରେ ମାମଲା ରୁଜୁ କରି ଠକେଇରେ ସାଇବର ଠିକ ବ୍ୟବହାର କରୁଥିବା ଏକାଧିକ ଆକାଉଣ୍ଟକୁ ଅଚଳ କରିଛି । ଏଥିସହିତ ଠକଙ୍କର ବୈଷୟିକ ତଥ୍ୟ ମଗାଯାଇଛି । ଏନେଇ ପର୍ଯ୍ୟାପ୍ତ ତଥ୍ୟ ଆସିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସାଇବର ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ସମୃଦ୍ଧି ଜିଲ୍ଲା ଟପ୍ପର



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବିଦ୍ୟାଳୟ ସଙ୍ଗଠନର ସିବିଏସ୍‌ଇ ଦଶମ ଶ୍ରେଣୀ ଛାତ୍ରୀ ସମୃଦ୍ଧି ଘରାମୀ ଆଦର୍ଶ ବିଦ୍ୟାଳୟ ସଙ୍ଗଠର ସିବିଏସ୍‌ଇ ମାଟ୍ରିକ୍ ପରୀକ୍ଷାରେ ୯୭.୬ ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି । ସେ ଗଣିତ ଓ ସାମାଜିକ ବିଜ୍ଞାନରେ ଶତ ପ୍ରତିଶତ ନମ୍ବର ରଖୁଛନ୍ତି । ରାଇଘର ବ୍ୟବସାୟୀ ନେପାଳ ଘରାମୀ ଓ ଗୃହଣୀ ଗୀତାଙ୍କ ଝିଅ ସମୃଦ୍ଧି । ରାଇଘର ଭଳି ଉପାନ୍ତ ଅଞ୍ଚଳର ଝିଅ ମାଟ୍ରିକ ପରୀକ୍ଷାରେ ନବରଙ୍ଗପୁର ଜିଲ୍ଲାରେ ଆଗୁଆ ଝିଅ ହୋଇ ରାଇଘର ସମେତ ଜିଲ୍ଲାକୁ ଗୌରବ ଆଣିଦେଇଥିବାରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ସମୃଦ୍ଧି ପ୍ରତିଦିନ ୧୦ ଘଣ୍ଟା ପରିଶ୍ରମ କରୁଛି ଆଗାମୀ ଦିନରେ ଆଇଏଏସ୍ ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି । ଏହି ସଫଳତାର ଶ୍ରେୟକୁ ସମୃଦ୍ଧି ତାଙ୍କ ମାଆ ବାପା ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି ।

# ପୋଖରୀରୁ ନବଜାତ ଶିଶୁ ପୁତ୍ରର ଶବ ଉଦ୍ଧାର

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସାନଭରଣ୍ଡୀ ନିକଟରେ ଥିବା ପୋଖରୀରୁ ଏକ ନବଜାତ ଶିଶୁ ପୁତ୍ରର ଶବ ଭାସୁଥିବା ଅବସ୍ଥାରେ ଉଦ୍ଧାର, ଶିଶୁଟି ଦୁଇ ତିନି ଦିନର ହୋଇଥିବା ଅନୁମାନ କରାଯାଉଛି । ସକାଳୁ ସ୍ଥାନୀୟ ଗ୍ରାମବାସୀ ପୋଖରୀକୁ ଯିବା ସମୟରେ ଶବ ଭାସୁଥିବା ଦେଖିଥିଲେ ଓ ଉମରକୋଟ ପୋଲିସକୁ ଖବର ଦେଇଥିଲେ କିଏ ଓ କାହିଁକି ନବଜାତର ଶରୀର ଏହିଠାରେ ଫୋପାଡିଛି ଆଲୋଚନା ଜୋର୍ ଧରିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ନବଜାତକର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ସ୍ଥାନୀୟ ଲୋକଙ୍କୁ ଅଧିକା ତଦନ୍ତ କରୁଛନ୍ତି । ମୃତ ଶିଶୁକୁ କେହି ପାଣିରେ ଫୋପାଡ଼ି ଦେଇଛି କି ନବଜାତ ଶିଶୁ ଜନ୍ମ ହେବାପରେ ଏହି ଠାରେ ଆଣି ପାଣିରେ ବୁଡାଇ ହତ୍ୟା କରିଛି ତାହାର ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ଜୟଦେବ ଓଡ଼ିଶାର ଅସ୍ମିତା ଓ ଯୋଗଜନ୍ମା ଥିଲେ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଅସ୍ମିତାର ପ୍ରତୀକ ଶ୍ରୀଗୀତଗୋବିନ୍ଦର ପ୍ରଣେତା ଶ୍ରୀ ଜୟଦେବ ଜଣେ ଯୋଗଜନ୍ମା ଏବଂ ତାଙ୍କର ରଚିତ ଶ୍ରୀ ଗୀତଗୋବିନ୍ଦର ପ୍ରଭାବ ଯୋଗୁଁ ଆଜି ପୃଥିବୀରେ ଓଡ଼ିଆ ଜାତି ପରିଚିତ ହୋଇଆସିଛି । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସେବାରେ ପ୍ରତିଦିନ ଶ୍ରୀଗୀତଗୋବିନ୍ଦ ବୋଲିବା ପରମ୍ପରା ରହିଛି ଓ ତାହା ଦେଶର ସର୍ବତ୍ର ବିସ୍ତାରିତ ହୋଇପାରିଛି ବୋଲି ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଏକ ଆଲୋଚନା ଚକ୍ର ଭୁବନେଶ୍ୱରସ୍ଥ, ଜୟଦେବ କମ୍ପ୍ଲେକ୍ସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଅଜିତ୍ କୁମାର ତ୍ରିପାଠୀ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ସମ୍ମାନୀତ ବକ୍ତା ଭାବେ ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି, ଅବସରପ୍ରାପ୍ତ ବନସଂରକ୍ଷକ ଡ. ଗଦାଧର ମହାପାତ୍ର, ସାହିତ୍ୟିକ ଅସିତ୍ ମହାନ୍ତି, ଉତ୍କଳ ସମ୍ମିଳନୀର ପୂର୍ବତନ ସମ୍ପାଦକ ରାଧାନାଥ ପ୍ରହରାଜ ପ୍ରମୁଖ ବହୁ ବିଶିଷ୍ଟ ସାହିତ୍ୟିକ ଓ ଐତିହାସିକମାନେ । ପ୍ରଥମେ ପ୍ରାରମ୍ଭିକ ସୂଚନା ଦେଇଥିଲେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ତଥା ବିଶିଷ୍ଟ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ । ସଭାପତି ଭାବେ ଯୋଗଦେଇ ଡ. ଅଜିତ୍ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ଭଗବାନ ଗୌତମବୁଦ୍ଧ ବିଷୟରେ ଜନସମ୍ପର୍କ କଥା ଆଲୋକପାତ କରିବା ସହିତ ଓଡ଼ିଶାର ଲୁମ୍ବିନି ହେଉଛି ଭୁବନେଶ୍ୱରରେ ଅବସ୍ଥିତ କପିଳେଶ୍ୱର ଜନପଥ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ । ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଶ୍ରୀଜୟଦେବ ଗୀତଗୋବିନ୍ଦର ଦଶାବତାର ସ୍ତୋତ୍ରରେ ଭଗବାନ ଗୌତମ ବୁଦ୍ଧଙ୍କୁ ୯ମ ଅବତାର ଭାବେ କିପରି ବର୍ଣ୍ଣନା କରାଯାଇଛି ତାହା ବିଶଦ୍ ଭାବେ ଜଣାଇଥିଲେ । ଏହାକୁ କେତେ ଲୋକ ଅନ୍ୟ ଅର୍ଥ କହୁଥିବା କଥା ସେ କହିଥିଲେ ଓ ସେଥିପାଇଁ କୋର୍ଟରେ ମକଦ୍ଦମା ବିଚାରାଧିନ ଅଛି ବୋଲି ସେ ଦର୍ଶାଇଥିଲେ । ଶ୍ରୀଜୟଦେବ ଓଡ଼ିଶାର ପ୍ରାଣ ସଦୃଶ ଏବଂ ତାଙ୍କ ରଚିତ ଶ୍ରୀ ଗୀତଗୋବିନ୍ଦରେ ୧୨ ସର୍ଗ ସହ ୭୨ଟି ଗୀତ କିଭଳି ପୃଥିବୀରେ ପ୍ରଚାରିତ ହୋଇପାରିଲା ତାହାର ବର୍ଣ୍ଣନା କରିଥିଲେ । ବିଶିଷ୍ଟ ସାହିତ୍ୟିକ ଅସିତ୍ ମହାନ୍ତି ଜୟଦେବଙ୍କ ସମ୍ପର୍କରେ କହିଲେ ଯେ ସେ ଏକ ଯୋଗଜନ୍ମା ବୋଲି ଏକ ବରେଣ୍ୟ ବ୍ୟକ୍ତିତ୍ୱ ବୋଲି କହିଥିଲେ । ଶ୍ରୀ ମହାନ୍ତି ଜୟଦେବଙ୍କ ଉପରେ ଆହୁରି ଅଧିକ ଆଲୋଚନା ହେବା ନିମନ୍ତେ ନିଜର ମତ ଦର୍ଶାଇଥିଲେ । ଡ. ଅରବିନ୍ଦ ଢାଲି ଜୟଦେବଙ୍କୁ ବିଶ୍ୱର ଜଣେ ସର୍ବଶ୍ରେଷ୍ଠ ଈଶ୍ୱର ଭକ୍ତ ଥିବା ଦେବ ଯୋଗ୍ୟ ବୋଲି କହିବା, ସହ ଓଡ଼ିଶାରେ ତାଙ୍କ ନିମନ୍ତେ ବିଶେଷ କିଛି କାର୍ଯ୍ୟ କରାଯାଇନାହିଁ । ଏଥିନିମନ୍ତେ ତତ୍ପର ହେବା ପ୍ରତ୍ୟେକଙ୍କ ଉଚିତ୍ । ମୁଖ୍ୟ ଅତିଥି ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ନିଜର ଅଭିଭାଷଣରେ ଜୟଦେବ ଓଡ଼ିଆ ଜାତିର ଅସ୍ମିତା ଏବଂ ତାଙ୍କ ନିମନ୍ତେ ସମସ୍ତ ପ୍ରକାର କାର୍ଯ୍ୟ କରାଯିବ ବୋଲି ଦର୍ଶାଇଥିଲେ । ସଭାରେ ଭୁବନେଶ୍ୱରର ବହୁ ବିଶିଷ୍ଟ ଲୋକମାନେ ଯୋଗଦେଇଥିଲେ । ଶେଷରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରୀ ପ୍ରହରାଜ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଆଲୋଚନା ଚକ୍ର ନିମନ୍ତେ ଅନୁଷ୍ଠାନର ଇଂ. ପଦ୍ମନାଭ ତ୍ରିପାଠୀ, ଜିତେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ ବହୁ ଉଦ୍ୟମ କରିଥିଲେ ।

# ବିପୁଳ ମଦ ଜବତ:ମହିଳାଙ୍କ ସମେତ ୫ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଆଜି, ନିକିରେଇ ଓ କେନ୍ଦ୍ରାପଡ଼ା ସହର ଓ ସଦର ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ତ୍ରିଲୋଚନପୁର ଗ୍ରାମର ଶଶିକାନ୍ତ ରାଉତଙ୍କ ଠାରୁ ୨୦ ଲିଟର ଦେଶୀ ମଦ, ଜମଧର ଗ୍ରାମର ଅନାମ ଚରଣ ବାରିକଙ୍କ ଠାରୁ ୩୦ ଲିଟର ଦେଶୀ ମଦ, ବାଳକଟି ଗ୍ରାମର ସୁଶାନ୍ତ ମଳିକଙ୍କ ଠାରୁ ୪୦ ଲିଟର ଦେଶୀ ମଦ, ପଦନିପାଳ ଗ୍ରାମର ପ୍ରଭାକର ମଳିକଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ଓ ଆରତୀ ମଳିକଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଏବଂ ବଡ଼ଙ୍କ ଗ୍ରାମାର ମାନସ ଦାସଙ୍କ ଠାରୁ ୪୫ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୫୫ ଲିଟର ବିଦେଶ ଓ ଦେଶୀ ମଦ କରାଯାଇ ୧ ମହିଳା ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



# ଦୁଇ ହରିଣ ଶିକାରୀଙ୍କୁ ୪ ବର୍ଷ ଜେଲ୍‌ଦଣ୍ଡ ସହ ୫୦ହଜାର ଜରିମାନା



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ଚିଫ୍ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ୍ ଏକ ଚିତଳ ହରିଣ ଶିକାର ସମ୍ବନ୍ଧୀୟ ମାମଲାର ବିଚାର କରି ଦୁଇ ଅଭିଯୁକ୍ତ ଶିକାରୀଙ୍କୁ ୪ ବର୍ଷ ଜେଲ୍‌ଦଣ୍ଡ ସହିତ ୫୦ ହଜାର ଟଙ୍କାର ଜରିମାନା ପୈଠ କରିବା ପାଇଁ ଶୁଣାଣି କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଅଭିଯୁକ୍ତ ଶିକାରୀ ହେଲେ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ବଡ଼ ଜୁନପାଳ ଗ୍ରାମର ନିର୍ମଳ ବିରୁଆ( ୨୭) ଏବଂ ପ୍ରେମ ମୁଣ୍ଡା (୩୫) ବୋଲି ଜଣାଯାଇଛି । ଏମାନେ ତା ୨୩.୦୬.୨୦୨୦ ରିଖ ସନ୍ଧ୍ୟା ପ୍ରାୟ ୭ ଘଟିକା ସମୟରେ ଶିମିଳିପାଳ ବ୍ୟାଘ୍ର ସଂଗ୍ରକ୍ଷଣ ପ୍ରକଳ୍ପର ପୋଡାଡିହା ରେଞ୍ଜ ଅଞ୍ଚଳରେ ଅନଧିକାର ଭାବେ ପ୍ରବେଶ କରି ଏକ ଚିତଳ ହରିଣକୁ ଶିକାର କରିଥିଲେ । ବନ ବିଭାଗର ପାଟ୍ରୋଲିଙ୍ଗ ଟିମ୍ ଏମାନଙ୍କୁ ଧରିଥିଲା ।

# ଜାତୀୟ ସଙ୍କଟ ସମୟରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାଲେଶ୍ୱର, ନ୍ୟୁଜ୍**

ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ, ଗଣ ଭାରତ, ସମଗ୍ର ଦେଶରେ ଯୁବପିଢ଼ିଙ୍କୁ ଗଣ ଭାରତ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକ ଭାବରେ ପଞ୍ଜିକରଣ କରିବା ପାଇଁ ସକ୍ରିୟ ଭାବରେ ସଂକଳିତ କରୁଛି । ଏହି ଦେଶବ୍ୟାପୀ ଆହ୍ୱାନ୍ ଯୁବ ନାଗରିକମାନଙ୍କୁ ଜାତୀୟ ଉଦ୍ଦେଶ୍ୟ, ବିଶେଷକରି ଜରୁରୀକାଳୀନ ପରିସ୍ଥିତି ଏବଂ ସଙ୍କଟ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସଶକ୍ତ କରିବା ପାଇଁ ଏକ ସମନ୍ୱିତ ପ୍ରୟାସର ଅଂଶ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଏକ ସୁପ୍ରଶିକ୍ଷିତ, ପ୍ରତିକ୍ରିୟାଶୀଳ ଏବଂ ସ୍ଥିର ସ୍ୱେଚ୍ଛାସେବକ ବାହିନୀ ଗଠନ କରିବା ଯାହା ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ଘଟଣା, ସାଧାରଣ ଜରୁରୀକାଳୀନ ପରିସ୍ଥିତି ଏବଂ ଅନ୍ୟାନ୍ୟ ଅପ୍ରତ୍ୟାଶିତ ପରିସ୍ଥିତିରେ ନାଗରିକ ପ୍ରଶାସନକୁ ସମର୍ଥନ କରିପାରିବ । ବର୍ତ୍ତମାନର ପରିସ୍ଥିତି ଏବଂ ଉଦୀୟମାନ ସୁରକ୍ଷା ଚିନ୍ତାକୁ ଦୃଷ୍ଟିରେ ରଖି, ଏକ ଦୃଢ଼, ସମ୍ପ୍ରଦାୟ-ଆଧାରିତ ପ୍ରତିକ୍ରିୟା ବ୍ୟବସ୍ଥା ପ୍ରତିଷ୍ଠା କରିବାର ଏକ ଜରୁରୀ ଏବଂ ପ୍ରତିବନ୍ଧିତ ଆବଶ୍ୟକତା ରହିଛି । ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକମାନେ ବିଭିନ୍ନ ସେବା ମାଧ୍ୟମରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସହଯୋଗ ଓ ସମର୍ଥନ କରି ଏହି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଏଥିରେ ଉଦ୍ଧାର ଏବଂ ସ୍ଥାନାନ୍ତର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ସେବା, ଟ୍ରାଫିକ୍ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଜନସାଧାରଣ ସୁରକ୍ଷା ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ଏବଂ ପୁନର୍ବାସ ପ୍ରୟାସରେ ସହାୟତା ଅନ୍ତର୍ଭୁକ୍ତ । ଏକ ପ୍ରସ୍ତୁତ ଏବଂ ପ୍ରଶିକ୍ଷିତ ନାଗରିକ ବାହିନୀର ଗୁରୁତ୍ୱ ପୂର୍ବ ଅପେକ୍ଷା ଅଧିକ, ଏବଂ ଗଣ ଭାରତ ଏହି ଜାତୀୟ ମିଶନରେ ଯୋଗଦାନ ଦେବାକୁ ପ୍ରତିବଦ୍ଧ । ତେଣୁ, ଗଣ ଭାରତ ଏହାର ଯୁବ ସ୍ୱେଚ୍ଛାସେବକଙ୍କ ଗତିଶୀଳ ନେଟୱାର୍କକୁ – ଏବଂ ଅନ୍ୟ ସମସ୍ତ ଉତ୍ସାହୀ ଯୁବ ନାଗରିକଙ୍କୁ – ଆଗକୁ ବଢ଼ି ଗଣ ଭାରତ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବକ ଭାବରେ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି । ଗଣ ଭାରତ ସ୍ୱୟଂସେବକ ଏବଂ ନୂତନ ବ୍ୟକ୍ତି ଯେଉଁମାନେ ଏହି କ୍ଷମତାରେ ଦେଶ ସେବା କରିବାକୁ ଚାହାଁନ୍ତି, ସେମାନେ ଯୋଗଦେବାକୁ ସ୍ୱାଗତ । ଏହି ପଦକ୍ଷେପ କେବଳ ଯୁବପିଢ଼ିଙ୍କ ମଧ୍ୟରେ ନାଗରିକ ଦାୟିତ୍ୱ ଏବଂ ଶୃଙ୍ଖଳାର ଏକ ଦୃଢ଼ ଭାବନା ସୃଷ୍ଟି କରେନାହିଁ ବରଂ ସେମାନଙ୍କୁ ଜୀବନ ରକ୍ଷାକାରୀ କୌଶଳ ଏବଂ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଶୀଘ୍ର କାର୍ଯ୍ୟ କରିବା ପାଇଁ ତାଲିମ୍ ପ୍ରଦାନ କରେ । ପଞ୍ଜିକରଣ ପ୍ରକ୍ରିୟା ସରକାରୀ ଗଣ ଭାରତ ପୋର୍ଟାଲ: https:// mybharat.gov.in ମାଧ୍ୟମରେ ସରଳ ଏବଂ ସୁଗମ । ଏହି ଜାତୀୟ ଉଦ୍ଦେଶ୍ୟ ପାଇଁ ସମସ୍ତ ଆଗ୍ରହୀ ଯୁବପିଢ଼ି ଓ ଜନସାଧାରଣଙ୍କୁ ଆଗକୁ ଆସିବା ଏବଂ ସଂକଳ୍ପବଦ୍ଧ କରିବା ପାଇଁ ଯୁବପିଢ଼ିଙ୍କ ପାଇଁ ଏକ ସ୍ପଷ୍ଟ ଆହ୍ୱାନ । ଆଗ୍ରହୀ ଯୁବପିଢ଼ି ଗଣ ଭାରତ ସମ୍ପର୍କରେ ସବିଶେଷ ତଥ୍ୟ ନିମନ୍ତେ ଯୁବ ଅଧିକାରୀ, ବାଲେଶ୍ୱର ଏମ୍. ବିଘ୍ନେଶଙ୍କ ସହ ମୋ ନଂ ୯୬୭୭୭୮୪୬୬୩ ରେ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବାଲେଶ୍ୱର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଦମ୍ପତିଙ୍କୁ ଆକ୍ରମଣ କରି ଲୁଟିନେଲେ ସୁନା ଓ ରୂପା ଅଳଙ୍କାର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଶିକରପାଇ ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା । ସୋମବାର ରାତିରେ ୧୦ଜଣ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କ ଘରେ ପଶିଛନ୍ତି । ଦମ୍ପତିଙ୍କୁ ଆକ୍ରମଣ କରି ୧୫ ତୋଲା ସୁନା ଓ ୧୧ କେଜି ରୂପା ଅଳଙ୍କାର ଲୁଟି ନେଇଛନ୍ତି । ଖବରପାଇ ରାୟଗଡ଼ା ଏସ୍‌ଡିପିଓ ଗୌରହରୀ ସାହୁ ଓ କଲ୍ୟାଣସିଂହପୁର ଥାନା ପୋଲିସ ପହଞ୍ଚି ତନାଘନା କରିଛନ୍ତି । ଅଭିଯୋଗ ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଏକ ବୋଲେରୋରେ ୧୦ ଜଣ ଦୁର୍ବୃତ୍ତ ଶିକରପାଇରେ ପହଞ୍ଚିଥିଲେ । ଗାଁର ବ୍ୟବସାୟୀ ଗୋପାଳଚେଟି ଉପେନ୍ଦ୍ରଙ୍କ ଘରେ ପଶିଥିଲେ । ଛାତକୁ ଚଢ଼ି ପଛପଟୁ ଘର ଭିତରକୁ ପ୍ରବେଶ କରିଥିଲେ । ଉପେନ୍ଦ୍ର ଓ ତାଙ୍କ ପତ୍ନୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ । ପ୍ରତିବାଦ କରିବାରୁ ଉପେନ୍ଦ୍ରଙ୍କୁ ମାଡ଼ ମାରିଥିଲେ । ଏହାପରେ ତାଙ୍କ ସ୍ତ୍ରୀ ପିନ୍ଧିଥିବା ଏବଂ ଘରେ ଥିବା ୧୫୦ ଗ୍ରାମ (ତୋଳା)ର ସୁନା ଅଳଙ୍କାର ଓ ଏକ ଛୋଟ ପୁରୁଣା ଆଲମାରିକୁ ଉଠାଇ ନେଇଥିଲେ । ସେଥିରେ ପ୍ରାୟ ୧୧ କେଜି ରୂପା ଅଳଙ୍କାର ଥିବା ଉପେନ୍ଦ୍ର କହିଛନ୍ତି । ଦୁର୍ବୃତ୍ତଙ୍କ ଭୁଜାଲି ମାଡ଼ରେ ସେ ଆହତ ହୋଇଛନ୍ତି । ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା କରାଯାଇଛି । ଲୁଟ୍ ପରେ ଦୁର୍ବୃତ୍ତମାନେ ଗୋଟିଏ ବୋଲେରୋ ଓ ଏକ ବାଇକ୍‌ରେ ଫେରାର୍ ହୋଇଯାଇଛନ୍ତି । ଏସ୍‌ଡିପିଓ ଶ୍ରୀ ସାହୁ ଓ କଲ୍ୟାଣସିଂହପୁର ଥାନା ପୋଲିସ୍ ପହଞ୍ଚି ତନାଘନା କରିଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଦୁର୍ବୃତ୍ତଙ୍କ ଟେର୍ ପାଇନି ପୋଲିସ ।

# ଭିଜିଲାନ୍ସ ଜାଲରେ ଏବିଡ଼ିଓ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଧର୍ମଶାଳା ବ୍ଲକର ଏବିଡ଼ିଓ ଅସିତ୍ କୁମାର ପାତ୍ରଙ୍କ ନିଜଘର ଓ ୭ଟି ସ୍ଥାନରେ ଏକକାଳୀନ ଚଢଉ ଜାରି ରହିଛି । ଯାଜପୁର ଟାଉନର ନିଜ ଗାଁଘର, ଯାଜପୁରରୋଡ୍ କାହ୍ନେପୁରରେ ଥିବା ୨ଟି ଫ୍ଲାଟ, କଟକ ଚାଉଳିଆଗଞ୍ଜ ଘର, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫ୍ଲାଟ୍, ଧର୍ମଶାଳା ବ୍ଲକ୍‌ର ନିଜ ଅଫିସ ଓ ସରକାରୀ କ୍ୱାର୍ଟର, ଶଶୁରଘର, ସମ୍ପର୍କୀୟ ଘର ଉପରେ ଚଢଉ ହୋଇଛି । ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଏହି ଚଢ଼ଉରେ ୮ ଜଣ ଡିଏସ୍‌ପି, ୯ ଜଣ ଅଧିକାରୀ ଓ ଅନ୍ୟ କର୍ମଚାରୀ ସାମିଲ୍ ଅଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୬।୫।୨୦୨୫, ଜ୍ୟୈଷ୍ଠ ଦ୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୫।୧୧।୧୬ **ଚନ୍ଦ୍ରୋଦୟ-** ରାଘ ୯।୩୯।୦୮

**ଚତୁର୍ଥୀ-** ଅହୋରାତ୍ର । **ମୂଳା ନକ୍ଷତ୍ର-** ଦିଘ ୪।୦୮ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶି । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୬ ଗତେ ଘ ୬।୫୮ ମଧ୍ୟେ । ଦିଘ ୧୨।୧୦ ଗତେ ଘ ୨।୪୪ ମଧ୍ୟେ ।



**ମେଷ:** ଶତ୍ରୁ ନାଶ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ଦେହ ଓ ମନ ଭଲ ରହିବ । ପାରିବାରିକ ଜୀବନରେ ସୁଖଶାନ୍ତି ବିରାଜମାନ କରିବ ।



**ବୃଷ:** ଆୟର ପରିମାଣ ବଢ଼ିବ । ଅଟକି ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ମନ ଭଲ ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ କାର୍ଯ୍ୟ ସଫଳ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ । ପାରିବାରିକ ଜୀବନ ସୁଖମୟ ହେବ । ବନ୍ଧୁ ଦର୍ଶନ ସହିତ ସହଯୋଗ ମଧ୍ୟ ପ୍ରାପ୍ତ ହେବ ।



**କର୍କଟ:** ଧନ ଲାଭ ହେବ । ଶତ୍ରୁ ନାଶ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଦେବ କାର୍ଯ୍ୟ କରିପାରନ୍ତି ।



**ସିଂହ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଚଞ୍ଚଳ ସ୍ୱଭାବର ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ଛାତ୍ରଛାତ୍ରୀ ମାନେ ପଢ଼ାପଢ଼ିରେ ଆଗେଇବେ ।



**କନ୍ୟା:** ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ଶୁଭ ଖବର ମିଳିପାରେ । ମହିଳାମାନେ ସୁଖୀ ହେବେ ।



**ତୁଳା:** ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନିତ ହେବେ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ବିଛା:** ସ୍ଥିର ସ୍ୱଭାବ ଯୁକ୍ତି ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଶତ୍ରୁମାନେ ପରାସ୍ତ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନ ସୁଖମୟ ହେବ ।



**ଧନୁ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କାର୍ଯ୍ୟକ୍ଷେତ୍ରରେ ଆଶାନୁରୂପ ସଫଳତା ପ୍ରାପ୍ତ ହେବ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ।



**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆୟ ଓ ବ୍ୟୟ ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଭଲ ରହିବ ।



**କୁମ୍ଭ:** ଆଜି ଆପଣଙ୍କର ଘାତଚନ୍ଦ୍ର ଏଣୁ ସାବଧାନତା ଅବଲମ୍ବନୀୟ । ବ୍ୟୟର ମାତ୍ରା ବୃଦ୍ଧି ପାଇବ । ବ୍ୟବସାୟ କ୍ଷତିରେ ଚାଲିବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ମନ ଅସ୍ଥିର ରହିବ ।



**ମୀନ:** ପରିଶ୍ରମ ଅନୁସାରେ ପାରିଶ୍ରମିକ ପାଇ ଉପକୃତ ହେବେ । ଦେହ ଓ ମନ ଭଲ ରହିବ । ଗୃହେ ଶାନ୍ତିର ବାତାବରଣ ଦେଖାଦେବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ବନ୍ଧୁ ସହଯୋଗ ମିଳିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୭।୫।୨୦୨୫, ଜ୍ୟୈଷ୍ଠ ଦ୩ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୫।୧୦।୫୪ **ଚନ୍ଦ୍ରୋଦୟ-** ରାଘ ୧୦।୨୯।୧୧

**ଚତୁର୍ଥୀ ମଳ-** ପ୍ରାଘ ୫।୧୪ ପର୍ଯ୍ୟନ୍ତ । **ପୂର୍ବାଷାଢ଼ା ନକ୍ଷତ୍ର-** ସଂଘ ୫।୪୪ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ରାଘ ୧୨।୦୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର ।ରାଘ ୧୨।୦୨ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶି । ରାଘ ୧୨।୦୨ ଗତେ ସିଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୫।୧୪ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୬ ଗତେ ଘ ୧୨।୦୯ ମଧ୍ୟେ । ଦିଘ ୨।୫୮ ଗତେ ଘ ୩।୩୭ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଆରମ୍ଭ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୧୦% ଲୋକଙ୍କ ପ୍ରିମିୟମ ବୃଦ୍ଧି

ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବହୁ ମାତ୍ରାରେ ମହଙ୍ଗା ହୋଇଗଲାଣି। ଗତ ୧୦ ବର୍ଷରେ ଏହା ଦୁଇ ଗୁଣା ବଢ଼ିଯାଇଛି । ଫଳରେ ଅନେକ ଲୋକ ନିଜ ନିଜର ବୀମା ବନ୍ଦ କରିବାକୁ ବାଧ ହେଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ମହଙ୍ଗା ପ୍ରିମିୟମ ଯୋଗୁ ଲୋକେ ପଲିସି ବନ୍ଦ କରିଦେଉଛନ୍ତି ଅବା କମ୍ କଭର ରହିଥିବା ପ୍ଲାନ୍ ନେଉଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରତି ୧୦ରେ ଜଣେ ବୀମାଧାରୀ ନିଜର ସ୍ୱାସ୍ଥ୍ୟ ବୀମା ପଲିସିକୁ ରିନ୍ୟୁ କରିନାହାନ୍ତି । ପ୍ରାୟ ୧୦% ଲୋକଙ୍କ ପ୍ରିମିୟମ ୩୦% କିମ୍ବା ଏହାଠାରୁ ଅଧିକ ବୃଦ୍ଧି ପାଇଛି । ଏଥିମଧ୍ୟରୁ ମାତ୍ର ଅଧା ଲୋକ ହିଁ ପୁରା ପ୍ରିମିୟମ ଭରିଛନ୍ତି । ଗତ ୧୦ ବର୍ଷରେ ୫୨% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ୫ରୁ୧୦% ବୃଦ୍ଧି ଘଟିଛି। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତିଙ୍କ ପ୍ରିମିୟମ୍ ୧୦୦ ଟଙ୍କା ଥିଲା ୧୦ ବର୍ଷ ପରେ ଏହା ୧୬୨- ୨୫୯ ଟଙ୍କା ହୋଇଛି । ୩୮% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ବୃଦ୍ଧି ୧୦ରୁ୧୫% ରହିଛି । ଅର୍ଥାତ୍ ସେମାନଙ୍କ ୧୦୦ ଟଙ୍କା ଥିବା ପ୍ରିମିୟମ ୨୫୯ରୁ୪୦୪ ଟଙ୍କା ହୋଇଛି। କିନ୍ତୁ ୩% ଲୋକଙ୍କ ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ୧୫ରୁ୩୦% ରହିଥିବା ଜଣାପଡ଼ିଛି । ପ୍ରଶ୍ନ ଉଠୁଛି ଯେ, ପ୍ରିମିୟମ କାହିଁକି ଏତେ ମାତ୍ରାରେ ବୃଦ୍ଧି ପାଇଛି । ବୀମା କମ୍ପାନିଙ୍କ କହିବାନୁସାରେ, କ୍ଲେମ୍ ଅନୁପାତ ବିଗିଡ଼ିବା କାରଣରୁ ଏଭଳି ହେଉଛି । କ୍ଲେମ୍ ଅନୁପାତ ଅର୍ଥାତ୍, ଯେତିକି ପ୍ରିମିୟମ ସଂଗ୍ରହ ହୋଇଛି, ସେଥିମଧ୍ୟରୁ କେତେ ମାତ୍ରାକୁ କ୍ଲେମ୍ କରାଯାଇଛି । ଯଦି ଅଧିକ କ୍ଲେମ୍ ଆସେ, ତେବେ କମ୍ପାନିଗୁଡ଼ିକୁ ପ୍ରିମିୟମ ବଢ଼ାଇବାକୁ ପଡ଼ିଥାଏ। କିଛି ଲୋକଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି । କାରଣ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ପ୍ରତିବର୍ଷ ଏକାଭଳି ବଢ଼ି ନ ଥାଏ । ଏହା କିଛି ବର୍ଷର ବ୍ୟବଧାନରେ ଅଚାନକ ବୃଦ୍ଧି ପାଇଥାଏ । ବୀମା କମ୍ପାନିଗୁଡ଼ିକ ପ୍ରତି ୩ ବର୍ଷରେ ମେଡିକାଲ ଖର୍ଚ୍ଚ ହିସାବରେ ନିଜ ନିଜର ବୀମା ଦର ବଢ଼ାଇଥାନ୍ତି । ବୟସ ବଢ଼ିବା ସହ ପ୍ରିମିୟମ ବଢ଼ିଥାଏ। ବୟୋବୃଦ୍ଧ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଅଧିକ ରହିଥାଏ । ତେଣୁ ସେମାନଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି କରାଯାଇଥାଏ। ପଲିସିବଜାରର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ସ୍ୱାସ୍ଥ୍ୟ ବୀମା ବଜାରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏହି ସର୍ଭେରେ ବର୍ଦ୍ଧିତ ପ୍ରିମିୟମ, ଲୋକଙ୍କ ଖର୍ଚ୍ଚ କମ୍ କରିବାର ଉପାୟ ଏବଂ ମେଡିକାଲ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ କମ୍ପାନିଗୁଡ଼ିକର ମତାମତ ନିଆଯାଇଛି । କିଛି ଲୋକଙ୍କୁ ପ୍ରିମିୟମ୍‌ରେ ବଡ଼ ବୃଦ୍ଧିର ସାମ୍ନା କରିବାକୁ ପଡ଼ିଛି । କିନ୍ତୁ ଅଧିକାଂଶ ଲୋକ ନୂଆ ପ୍ଲାନ୍ ଏବଂ ସଞ୍ଚୟର ବିଭିନ୍ନ ଉପାୟ ମାଧ୍ୟମରେ ଖର୍ଚ୍ଚକୁ ଭଲ ଭାବେ ପରିଚାଳନା କରିପାରୁଥିବା ଏଥିରେ ଉଲ୍ଲେଖ କରାଯାଇଛି। ବିଶେଷଜ୍ଞଙ୍କ ମତରେ, ଯଦି ପ୍ରିମିୟମ ବଢ଼େ ଏବଂ ବୀମାଧାରୀ ତାହାକୁ ଭରିବାକୁ ଚାହାନ୍ତି ନାହିଁ ତେବେ ସେମାନଙ୍କ ପାଖରେ କମ୍ ପ୍ରିମିୟମଯୁକ୍ତ ପ୍ଲାନ୍ ବାଛିବାର ବିକଳ୍ପ ରହିଛି । କେତେକ ଲୋକ ଟଙ୍କା ବଞ୍ଚାଇବା ପାଇଁ 'ଡିଡକ୍ଟେବଲ' ବିକଳ୍ପ ବି ବାଛୁଛନ୍ତି। 'ଡିଡକ୍ଟେବଲ'ର ଅର୍ଥ ହେଉଛି, ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ ଖର୍ଚ୍ଚକୁ ନିଜକୁ ଉଠାଇବାକୁ ପଡ଼ିବ, ଏହା ପରେ ହିଁ ବୀମା କମ୍ପାନି ଖର୍ଚ୍ଚ କରିବ। ମେଡିକାଲ ଖର୍ଚ୍ଚ ବୃଦ୍ଧି ଏବଂ ନୂଆ ପ୍ରଯୁକ୍ତି ସହିତ ସ୍ୱାସ୍ଥ୍ୟ ବୀମାର ପରିସର ବଢୁଛି, ଯାହାଦ୍ୱାରା ପ୍ରିମିୟମ ଉପରେ ପ୍ରଭାବ ପଡୁଛି।



## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ
# ଗୀତାମୃତ ଲହରୀ
ଚତୁର୍ଥ ଅଧ୍ୟାୟ
(କଳା କଳେବର କହ୍ନାଇ-ବୃତ୍ତେ)

ଚତୁର୍ଥରେ ଜ୍ଞାନଯୋଗକୁ ହରି କହନ୍ତି ଫେଇ
ବୁଝ ସବ୍ୟସାଚୀ ଏହାକୁ ଭ୍ରମେ ନୋହିବୁ ବାଇ ।୧।

ପୂରବେ ସୂର୍ଯ୍ୟଙ୍କ ଆଗରେ କରିଥିଲି ପ୍ରକାଶ
ସେ ତାହାଙ୍କ ପୁତ୍ର ମାନଙ୍କୁ ଦେଲେଟି ଉପଦେଶ ।୨।

କ୍ରମେ ରାଜରଷି ମାନବ ମଧ୍ୟେ ବ୍ୟାପିଣ ଥିଲା
ଏବେ କାଳର ପ୍ରଭାବରେ ତାହା ଧ୍ୱଂସ ହୋଇଲା ।୩।

ପାପାଚାରୀ ଲୋକେ ଦୁର୍ବଳମନା ହୋଇଲେ ଯହୁଁ
ଅନାଚାରେ ଏହା ଆଚାର କେହି ନ କଲେ ତହୁଁ ।୪।

ତୁ ମୋହର ପ୍ରିୟ ଭକତ ତେଣୁ କହୁଛି ଶୁଣ
ଏ ଗୁପତ ଜ୍ଞାନ-ଗତିକୁ କର ଅନୁସରଣ ।୫।

ଅର୍ଜ୍ଜୁନ ପୁଚ୍ଛନ୍ତି ଶ୍ରୀପତି ସ୍ମୃତି ଜାଗେ ମୋହର
ଭାସ୍କର ତୁମ୍ଭର ଆଗହୁଁ ଜନ୍ମିଥିଲେ ନିକର ।୬।

ଆପଣ କିପରି ତାହାଙ୍କୁ ଜ୍ଞାନ କହିଲେ ପୁଣି
ଏହି କଥାରେ ମୋ ସନ୍ଦେହ ହୁଏ, କହୁଛି ଜାଣି ।୭।
ଦର ଦର ହସ ପ୍ରସନ୍ନ ଚିତ୍ତେ ଶ୍ୟାମସୁନ୍ଦର
ବୋଇଲେ ହେ ସଖା, ଶ୍ରବଣେ ଶୁଣ ଯଥାର୍ଥ ଗିର ।୮।
ମୁଁ ଜାଣେ ତୋହର ମୋହର କେତେ ଜନ୍ମ ଗଲାଣି
ଜ୍ଞାନଶକ୍ତି ଲୋପ ହେବାରୁ ତୁମ୍ଭେ ପାରୁନା ଜାଣି ।୯।
(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୨୩)
## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ସେହି ବଟବୃକ୍ଷକୁ ଏତେ ସୂକ୍ଷ୍ମବସ୍ତ୍ର ମାନଙ୍କରେ ଆଚ୍ଛାଦିତ କରାଯାଇଥାଏ ଯେ ତାହା କଳନା କରିପାରୁନଥାନ୍ତି ବିଶର ମହାନ୍ତି। ଆଚ୍ଛାଦିତ ପ୍ରକ୍ରିୟା ଚାଲୁ ରହିଥାଏ। ବିଦେଶରୁ ଆଣିଥିବା ସମସ୍ତ ମୂଲ୍ୟବାନ ବସ୍ତ୍ର ମଧ୍ୟରୁ ସବୁଠାରୁ ଉତ୍ତମ ବସ୍ତ୍ରମାନ ଏହି ବଟ ବୃକ୍ଷରେ ଆଚ୍ଛାଦିତ ହୋଇଗଲାଣି। ବୃକ୍ଷର ଚତୁଃପାର୍ଶ୍ୱରେ ପ୍ରଜ୍ୱଳିତ ମଶାଲ ଦ୍ୱାରା ଆଲୋକିତ କରାଗଲା। ବିଭିନ୍ନ ରଙ୍ଗ ବେରଙ୍ଗର ସୁବାସିତ ପୁଷ୍ପମାନ ସବୁ ବଟ ବୃକ୍ଷର ନିମ୍ନ ଭାଗରେ ସଜ୍ଜିତ କରାଗଲା। ସମସ୍ତ ସାଧବ ପୁଅ, ନାବିକ ମଣ୍ଡଳି ବିଶର ମହାନ୍ତିଙ୍କୁ ପୂଜା କରିବାର ଦାୟିତ୍ୱ ଅର୍ପଣ କଲେ । ଧୀରେ ଧୀରେ ବୃକ୍ଷର ଚାରିପେଟ ସାଧବ ପୁଅମାନେ ପାରମ୍ପରିକ ନୂତନ ବସ୍ତ୍ର ପରିଧାନ କରି ବସିଲେ। ବିଶର ମହାନ୍ତି ନୈବେଦ୍ୟ ଅର୍ପଣ କଲେ। ଏହା ପରେ ସୁଲଳିତ କଣ୍ଠରେ ଗାନ କଲେ ଭାଗବତ ମହାପୁରାଣ କେତୋଟି ମନଛୁଆଁ ପଦ। "ଯାହାଙ୍କ ଦୋଷ ଗୁଣ ଯେତେ, ମନେ ନ ଧରି କଦାଚିତେ" ଈଶ୍ୱର ବସେ ସର୍ବଦେହେ, ଏ ଯେନି ନମିବ ନିର୍ଭୟେ। ଜନ୍ମ ମରଣେ ଯାଉମନ, ନ ଘେନେ ଦେହେ ଅଭିମାନ" ଜାତି, ଆଶ୍ରମ, ବର୍ଣ୍ଣ ଧର୍ମ, ଏ ଅହଙ୍କାରେ ନୋହେ ଭ୍ରଣ।" ଏତକ ବିଶର ମହାନ୍ତି ନବାକ୍ଷରୀ ଭାଗବତ ଗାଇଦେବା ପରେ ବିଶର ଅନ୍ୟମାନଙ୍କୁ କହିଲେ "ଆପଣ ମାନଙ୍କ ଭିତରୁ କ'ଣ କେହି ଭାଗବତର ଦୁଇ ଚାରିପଦ ଗାଇ ଶୁଣାନ୍ତୁ।" ଏହି କଥା ଶୁଣିବା ପରେ ସେହି ବୟସ୍କ ବଣିକଟି ଗାଇବାକୁ ଲାଗିଲେ " ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦୁଁ ଗଳୁଛି ମକରନ୍ଦ" ସେ ମକରନ୍ଦ ପାନ କରି, ହେଲେ ତରିଲେ ବ୍ରଜନାରୀ" ସେ ବ୍ରଜ ନାରୀଙ୍କ ପୟରେ, ମନ ମୋ ରହୁ ନିରନ୍ତରେ। ମନ ମୋ ନିରନ୍ତରେ ରହୁ, ହା କୃଷ୍ଣ ବୋଲି ଜୀବଯାଉ। ହା କୃଷ୍ଣ ବୋଲି ଯାଉଜୀବ, ମୋତେ ଉଦ୍ଧାର ରାଧାମାଧବ। ଏତକ ଗାନ କରିସାରିବା ପରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ସେହି ବଟବୃକ୍ଷଙ୍କୁ। ଆଖିରେ ତାଙ୍କର ଲୁହ ଭରି ଯାଉଥିଲା। ସମ୍ମିଳିତ ସ୍ୱରରେ ହରିବୋଲ, ହରିବୋଲ ଗାଇ ଆନନ୍ଦରେ ନାଚି ଉଠୁଥାନ୍ତି। ହରିବୋଲ ଶବ୍ଦରେ ନିର୍ଜନ ଅରଣ୍ୟଟି ଯେପରି ଏକ ବୈକୁଣ୍ଠ ଧାମର ଭ୍ରମସୃଷ୍ଟି କରୁଥାଏ। ବିଶର ଅତ୍ୟନ୍ତ ବିନମ୍ର ଭାବରେ ଗୋଟିଏ ଛୋଟ ଆଉ ଅନନ୍ୟ ଉଦାହରଣ ମାଧ୍ୟମରେ ଉପସ୍ଥିତ ଥିବା ସମସ୍ତ ନାବିକ ଏବଂ ସାଧବ ପୁଅଙ୍କୁ କହିଲେ " ହେ ମୋର ପ୍ରିୟ ବନ୍ଧୁଗଣ, ଦିନେ ଦେବଶ୍ରୀ ନାରଦ ଅନନ୍ତ ଶୟନରେ ଶାୟିତ ଶ୍ରୀ ବିଷ୍ଣୁଙ୍କୁ ପ୍ରଣାମ କରି ପଚାରିଲେ, ହେ ପ୍ରଭୁ ! ଆପଣ କେଉଁଠାରେ ନିବାସ କରିବାକୁ ଭଲ ପାଆନ୍ତି ? ମହାବିଷ୍ଣୁ କହିଲେ, ହେ ନାରଦ ! ମୁଁ ବୈକୁଣ୍ଠରେ ରହିବାକୁ ଭଲ ପାଏ ନାହିଁ । ଯେଉଁ ଭକ୍ତ ମୋର ନାମକୁ ନିୟମିତ ଜପ କରି କରି ତନ୍ମୟ ହୋଇ ରହିଥାଏ ଏବଂ ଯେଉଁ ଭକ୍ତ ଯେତେ ବିପଦରେ ପଡିଥିଲେ ବି ମୋର ନାମକୁ ଭୁଲି ନଯାଇ ଜୀବନବ୍ୟାପି ଜପ କରିଚାଲେ ସେହି ମହାତ୍ମାଙ୍କ ନିକଟରେ ସଦାବେଳେ ରହିବାକୁ ଭଲପାଏ। କୌଣସି ବି ପରିସ୍ଥିତିରେ ସେ ମୋତେ ଛାଡିଦିଏ ନାହିଁ, ମୁଁ ବି ତାକୁ ସହଜରେ ଛାଡି ଦେଇ ପାରେ ନାହିଁ। ଏଇ ହେଉଛି ମୋର ଭକ୍ତ ସହିତ ମୋର ନିବିଡ ସଂପର୍କ। ମୋତେ ଛାଡିଦେଲେ ଏଦୁନିଆରେ କେହି ଆତ୍ମିୟତାର ସୂତ୍ରରେ ତାକୁ ବାନ୍ଧି ରଖି ପାରନ୍ତି ନାହିଁ।" ସମସ୍ତ ଆଧ୍ୟାତ୍ମିକ ଆଲୋଚନା ସମାପ୍ତ ହେବା ସହିତ ରାତ୍ରୀ ଧୀରେ ଧୀରେ ବଢି ଚାଲିଥାଏ। ଉପାସନା ପର୍ବ ସମାପ୍ତି ହେଲା। ରାତ୍ରୀ ଗଭୀର ହୋଇ ଆସିଲାଣି। ସମସ୍ତେ ମିଳିମିଶି ସେଠାରେ ଅନ୍ନପ୍ରସାଦ ଭୋଜନ କଲେ। ଭୋଜନ ସମାପ୍ତି ପରେ ବିଶ୍ରାମ ଶିବିର ବାହାରେ ବିଶର ଶୟନ କଲେ। ଶିବିର ମଧ୍ୟରେ ସମସ୍ତ ନାବିକ ଓ ସାଧବ ପୁଅମାନେ ଗଭୀର ନିଦ୍ରାରେ ନିମଗ୍ନ। ତାରକଖଚିତ ଅନନ୍ତ ଆକାଶକୁ ଚାହିଁ କେତେ କ'ଣ ଚିନ୍ତା କରି ଚାଲିଥାନ୍ତି। ବିଶର ଆଖିରେ ନିଦ ନାହିଁ। ବହୁତ ଦୂରରୁ ଛୁଟି ଆସୁଥାଏ ବଣ ମଲ୍ଲୀ ଫୁଲର ମନମୋହନ ସୁଗନ୍ଧ। ଚମ୍ପା ଓ କେତକି ଫୁଲର ସୁଗନ୍ଧ ସାଥିରେ ଭାସି ଆସୁଥାଏ ହରିନାମର ସଙ୍କୀର୍ତ୍ତନର ଗୋଟାଏ ଅଖଣ୍ଡ ଧ୍ୱନି। ସେ ଧ୍ୱନି ପୁଣି ନିର୍ଜନ ରାତିର ଗଭୀରତା ସହିତ ତାଳ ଦେଇ ପ୍ରକମ୍ପିତ ହେଉଥାଏ, ହରିନାମର ଅପୂର୍ବ କୀର୍ତ୍ତନ। ଏତେ ବଡ ନିର୍ଜନ ଓ ନିବିଡ ଅରଣ୍ୟ ମଧ୍ୟରେ ହରିନାମର କୀର୍ତ୍ତନ ଆସୁଛି କିପରି ? ହଠାତ୍ ଉଠି ବସିଲେ ବିଶର, ଚାରିଆଡକୁ ଚାହିଁଲେ, କିଛି ଜାଣି ପାରିଲେ ନାହିଁ। ଯେଉଁ ବୟସ୍କ ବଣିକଟି ଅପରାହ୍ନରେ ତାଙ୍କୁ ସରୋବର ଆଡକୁ ବୁଲାଇ ନେଇ ଏହି ଜାଗାର ଦିବ୍ୟତ୍ୱର ପରିଚୟ କରାଇ ଦେଇଥିଲା ସେହି ବୟସ୍କ ବଣିକଟିକୁ ବିଶର ନିଦରୁ ଉଠାଇଲେ, ପଚାରିଲେ ଭାଇ ! ଟିକିଏ କାନ ଦେଇ ଶୁଣତ, ଏ ହରିନାମର କୀର୍ତ୍ତନ ଶବ୍ଦ ଆସୁଛି କେଉଁଠୁ ? ମୋତେ ଏହି ଘଟଣା ବଡ ଆଶ୍ଚର୍ଯ୍ୟ ଲାଗୁଛି। ଏଠାରେ ନିର୍ଜନ ରାତିରେ ତ କେହି ନାହାଁନ୍ତି। ହରିନାମର ଶବ୍ଦ ଆସୁଛି କେଉଁଠୁ ? ସତେ ଯେପରି ମାତ୍ର ଦଶହାତ ଦୂରରେ ଏହି ସଂକୀର୍ତ୍ତନ ଚାଲିଛି। ମୁଁ ବହୁତ ଦୂର ପର୍ଯ୍ୟନ୍ତ ଯାଇ ବହୁତ ଖୋଜିଲେଣି, କିନ୍ତୁ କେହି ନାହାନ୍ତି, କେହି ମଧ୍ୟ ମୋ ଦୃଷ୍ଟିକୁ ଆସିଲେନାହିଁ।" ବିଶର ମହାନ୍ତିଙ୍କର ଏହି ସନ୍ଦେହାଚ୍ଛନ୍ନ ମାନସିକତାକୁ ଲକ୍ଷ୍ୟକରି ସେହି ବୟସ୍କ ବଣିକଟି କହିଲା " ହରିନାମ ସଙ୍କୀର୍ତ୍ତନ ଏଠାରେ ପ୍ରାୟ ଅଧିକାଂଶ ସମୟରେ ଶୁଭେ କିନ୍ତୁ ଏହାର ସଠିକ୍ ପ୍ରମାଣ ଏପର୍ଯ୍ୟନ୍ତ କେହି ଆବିଷ୍କାର କରିପାରିନାହାଁନ୍ତି। ଏତିକି ମାତ୍ର କଥା ବିଶରଙ୍କୁ କହିଦେଇ ବୟସ୍କ ବଣିକଟି ଶୋଇପଡିଲା। ବଡ ବିସ୍ମୟାଭିଭୂତ ବିଶର ବିଛଣାରେ ବସିପଡିଲେ।
(କ୍ରମଶଃ)

# ମଉସାଙ୍କ ପ୍ରାର୍ଥନା



ସଂଘମିତ୍ରା ମିଶ୍ର
ପ୍ଲଟ-ବି-୩୫
ଶହୀଦନଗର, ଭୁବନେଶ୍ୱର

ପ୍ରାୟ ନବେ ବର୍ଷ ବୟସ୍କ ମଉସା ଡକାଇ ପଠାଇଥିଲେ। ସେ କିଛି ଦିନ ପୂର୍ବରୁ ଖବରକାଗଜ ପଢି ମୋତେ ଫୋନ୍ କରୁଥିଲେ। କେବେ କେମିତି ମୋ ହାତରେ କିଛି ବହି ମଧ୍ୟ ମଗାଉଥିଲେ। ତାଙ୍କ ପିଲାଏ ଆଉ ପାଞ୍ଚଟା ପିଲାଙ୍କ ଠାରୁ ଭଲ। ତେଣୁ ମଉସା ନାତି ନାତୁଣୀଙ୍କୁ ଗପ କହି, ଶ୍ରୁତଲିଖନ ଡାକି ହସ ଖୁସିରେ ଥିଲେ। କ'ଣ ହେଲା ତାଙ୍କର ? ମୁଁ ଖବର ପାଇବାର ତିନି ଦିନ ପରେ ଗଲି । ସେ ଶୋଇଥିଲେ ଆଉ ନମସ୍କାର କରି ଚାଲିଥିଲେ ଦିହାଦ ଯୋଡି, କ'ଣ କହୁଥିଲେ ମୁଁ ବୁଝି ପାରୁ ନଥିଲି। "ମଉସା, ମୁଁ ଆସିଛି ଆପଣଙ୍କ କୁନି।" "ହଉ" କହି ସେ ସେମିତି ନମସ୍କାର କରି ଚାଲିଥାଆନ୍ତି। "କ'ଣ କରୁଛନ୍ତି ମଉସା ?" ନାଇ ଏଇ ଜଗନ୍ନାଥଙ୍କୁ ଡାକୁଛି ମ, "ଆପଣ ପୁରୀ ଯିବେ କି ?" ନାଁ ନାଁ ତିନିଥର ଫେରେଇ ଦେଇଛି ସିଏ ମତେ। ଆଉ ଏ ଜୀବଥିଲା ଯାଏ ତା ଦୁଆରକୁ ଯିବିନି। କେବେ ଯିବିନି।" ସେ ହାମ୍ପେଇଗଲେ। ମୁଁ ତାଙ୍କୁ ଆଉଁଷି ଦେଲି। "କିଏ ଫେରାଇ ଦେଲା ଆପଣଙ୍କୁ ? ସେଇ ଜଗନ୍ନାଥ ତ ଆଉ କିଏ ? ଥରେ ଯାଇଥିଲି ଯେ କ'ଣ ଦେଉଳ ଶୋଧ ହେଉଥିଲା। ତୋ ମାଉସୀ ବି ଯାଇଥିଲା। ପଦାରେ ଠିଆ ହୋଇ ପତିତପାବନଙ୍କୁ ମୁଣ୍ଡିଆ ମାରି ଫେରିଥିଲୁ। ଆଉ ଥରେ, ତୋ ମାଉସୀ ଦେହ ସେତେବେଳେକୁ ଖରାପ ହେଲାଣି। ମୁଁ ଭାବିଲି ଯାଏ ଠାକୁର ଦର୍ଶନ କରିବି। ମୋ ବୁଢୀ ପାଇଁ ଟିକେ ଛଡା ତୁଳସୀ ଆଣି ଦେବି, ତା ବି ହେଲାନି।' ମଉସା ଦୀର୍ଘଶ୍ୱାସ ପକାଇଲେ। ଶୁଣିବୁ ମା କୁନି କ'ଣ ପ୍ରକଳ୍ପ ହେବ ବୋଲି ମନ୍ଦିର ସାମନା ତଡାତଡି ହୋଇଥାଏ। କେତେ ବର୍ଷ ହେବ ? ହଁ ନିହାତି ଚାରିବର୍ଷ ତ ହବ। ମତେ ସମସ୍ତେ କହିଲେ ଏଥର ତୁମେ ଯାଇପାରିବନି ମଉସା। ଏଇକାମ ସରିଗଲେ ବାଟ ପରିଷ୍କାର ହୋଇଯିବ। ତୁମେ ଖୁସିରେ ଆସି ଜଗାଦର୍ଶନ କରିବ।" ଆରେ ବାବୁ, ମୁଁ ଆଉ କ'ଣ ଅପେକ୍ଷା କରିବା ଅବସ୍ଥାରେ ଅଛି। ଟିକେ ମୋତେ ଦୟାକର।" କିଏ ବୁଦ୍ଧି ଦେଲା "ଦକ୍ଷିଣ ଦୁଆର ବାଟେ ଯାଅ, କିଏ କହିଲା ତୁମର ଯୋଗ ନାହିଁ। ମୁଁ ଫେରି ଆସିଲି। ଏ ଭିତରେ ମାଉସୀ ତୋର ଚାଲିଗଲା। ତାକୁ ଟିକେ ତୁଳସୀ ଦେଇପାରିଲିନି ମୁଁ ହତଭାଗା। ମୋ ବ୍ୟସ୍ତତା ଦେଖି ବଡ ପୁଅ ବୋହୂ ମତେ କଲିକତା ନେଇଗଲେ ଉଡାଜାହାଜରେ। ଦକ୍ଷିଣେଶ୍ୱର, କଲିକତା କାଳୀ ଦେଖିଲି। ସେମାନେ କହୁଥିଲେ ତାଙ୍କ ମା'ର ଅସ୍ଥି ନେଇ ବନାରସରେ ଗଙ୍ଗାରେ ପକାଇ ଦେବେ। ମୁଁ ଯିବି ସାଙ୍ଗରେ। ମୁଁ କହିଲି "ଥାଉ ସେ ଅସ୍ଥି। ମୁଁ ଗଲାପରେ ଦିଜଣଙ୍କ ଅସ୍ଥି ନେଇ ଗଙ୍ଗାରେ ବିସର୍ଜନ କରିଦେବ।" ଯା ଭିତରେ ଥରେ ବିରଜା ଠାକୁରାଣୀଙ୍କ ପାଖକୁ ଯାଇଛୁ। ଆଉ ଥରେ ଚର୍ଚ୍ଚିକାଙ୍କୁ ବି ଦେଖିଛୁ। ମୋ ମନତ ଜଗା ପାଖରେ। କେବେ କେମିତି ଟି.ଭିରେ ଦେଖେ ମନ୍ଦିର ଚାରିପାଖ ସୁନ୍ଦର ଦିଶୁଛି। ଯେମିତି ଚିତା ପଡିଛି। ମୋ କଥା ଶୁଣି ଥରେ ଦି' ପୁଅଯାକ ମୋତେ ନେଇଗଲେ ପୁରୀ। ଚାଲୁଚି ତ ଚାଲୁଚି। ଆଉ ଗୋଡ ଚାଲିଲାନି। ମୋ ଅବସ୍ଥା ଦେଖି ମନ୍ଦିର ପୋଲିସମାନେ ତାଙ୍କ ବାଡ ଟିକେ ହଟେଇ ଦେଲେ। ମୋ ପୁଅ ଯାଇ ରିକ୍ସା ଡାକି ଆଣିଲା। ଆମେ ଗାଡି ଷ୍ଟାଣ୍ଡ ଯାଏ ଆସିଲୁ। ସେଥର ବି ଜଗା ମତେ ଦେଖା ଦେଲାନି, କପଟ କଲା।

ରଥଯାତ୍ରା ଦେଖେ ଟିଭିରେ। ଭାବେ ହଉ ଦେଖୁଛି ତ ତତେ। ମୋ ପୁଅ ବ୍ରତଘର ବେଳେ, କେଜାଣି ପଚାଶ ବର୍ଷ ତଳେ ମନ୍ଦିର ପାଖରୁ ଗୋଟେ ବଡ ଜଗନ୍ନାଥ ଛବି ଆଣିଥିଲି। ତାକୁ ବନ୍ଧେଇ ରଖିଛୁ ମୁଣ୍ଡପାଖରେ। ଆମ ଘରେ ଆଜିଯାଏ ଯାହା ଶୁଭକାର୍ଯ୍ୟ ହୁଏ ସେ ଛବିଟି ଆଗ ସେଠି ରଖାହୁଏ। ଶୋଇବାକୁ ଗଲାବେଳେ ମୁଣ୍ଡିଆ ମାରି କହେ, "ଏଠୁ କୁଆଡେ ଯିବୁ କହିଲୁ ?" ଉଠିଲାବେଳେ କହେ " ମୋ ଗାଳି ତତେ ବାଧୁଛି ଯଦି ଉଠି ପଳା ଏଠୁ।" ମନ ମୋର କଷ୍ଟ ହୁଏ । ଏମିତି କାହିଁକି କହିଲି। କିନ୍ତୁ ଜଗନ୍ନାଥଙ୍କର ହସଖଣ୍ଡକ ସେମିତି ତାଙ୍କ ମୁହଁରେ ଲାଖିଥାଏ। ମୋ ଗାଳି ସେ ଦେହକୁ ନିଅନ୍ତିନି ।" ମଉସା ଏତେ ଗୁଡାଏ କଥା କହି ହାଲିଆ ହୋଇ ଯାଇଥିଲେ। ମୁଁ କହିଲି " ସେତିକି ଥାଉ, ମୁଁ ପୁଣି କାଲି ଆସିବି।" ନାଇଁରେ ମା, କାଲି କିଏ ଦେଖିଛି ? ଆଜିକଥା ଆଜି କହିଦିଏ। " ସେ ସବୁ ଛାଡନ୍ତୁ ମଉସା, ଆପଣ ହାତଯୋଡି ଜଗନ୍ନାଥଙ୍କୁ କି ଗୁହାରି କରୁଥିଲେ ସେତକ କୁହନ୍ତୁ।"

"ହସିବୁନି ତ ମା" ମୁଁ ମାଗୁଥିଲି ମୋ ଭଳି କେତେ ବୟସ୍କ ମଣିଷ ତୁମକୁ ଦେଖିପାରୁ ନଥିବେ। ହେ ବଳୀୟାରଭୂଜ ମୋତେ ଦୟା ନ କଲ ନାହିଁ ସେମାନଙ୍କୁ ଦୟାକର। ଏ ଧାଡିଦର୍ଶନ ଆଉ କି ଦର୍ଶନ ନାଁରେ ବର୍ଷ ବର୍ଷ ଆମଠୁଁ ଦୂରେଇ ରୁହନି।" ସବୁ ସୁବିଧା ହୋଇଯିବ ମଉସା। ତାପରେ ଆମେ ଯିବା।" ନାଇଁ ଲୋ ମା, ସେ ଉଚ୍ଚା ପଥର ପାହାଚ ଚଢିବାକୁ ଆଉ ବଳ କାହିଁ ? ମୋ ମୁଣ୍ଡ ଉପରେ ଏଇ ଯୋଉ ଫଟୋଟା ନାଇଁ, ତାକୁ ଦେଖୁଛି ଦିନରାତି। ଭାବୁଛୁ କି ମୁଁ ଅଭିମାନରେ କହୁଛି ? ନାଇଁରେ, କେତେ ଦୂରରୁ ଲୋକମାନେ ଆସି ଫେରୁଛନ୍ତି। ମୁଁ କ'ଣ ତାଙ୍କଠୁ ଅଲଗା କି ? ଜଗାର ପୁଣି ମନ ଅଛି ନା ନାହିଁ ? ସେ ଏବେ ମୋତେ ଦେଖା ଦେବାକୁ ମନ କରୁ ନଥିବ। ସେଥିକି ମୋର ଚାରା କ'ଣ ? ଶୁଣିବୁ, ମୁଁ କ'ଣ କହିଲି ? "ମୁଁ କହିଲି, ତୁମେ ଷାଠିଏ ପଉଟି ଖାଇ ବଡ ଦେଉଳରେ ବସିଥାଅ। ଆମ ଡାକ ତୁମଯାଏ ପହଞ୍ଚି ପାରିବନି ମୁଁ ଜାଣିଛି। ମତେ ଗାଳି ଦିଅ, ଅଭିଶାପ ଦିଅ, ମନାନାହିଁ କିନ୍ତୁ ପ୍ରଭୁ ତୁମ "ପତିତପାବନ" ନାମକୁ ସାର୍ଥକ କର। ଆମଠୁ ଦୂରରେ ଅଣଧାଡିଆ ହୋଇ ବସି ବାହୁ ବଢାଇଲେ କିଛି ଲାଭ ନାହିଁ। ଏତିକି କହୁଛି ମୁଁ ତାଙ୍କୁ,' ମଉସା ଢୁଳେଇ ପଡିଲେ।

# ଯୁଦ୍ଧ ନୁହେଁ ଶାନ୍ତି ଚାହେଁ ଭାରତ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।" ନିଜ ଜନ୍ମଭୂମିକୁ କିଏ ବା ଭଲ ନ ପାଏ । ଯାହା ବକ୍ଷରେ ପାଦଥାପି ମଣିଷଟିଏ ଜନ୍ମନିଏ, ଯାହାର ମାଟି, ପାଣି, ପବନରେ ବଢ଼ିହୁଏ, ଯାହାର ଫଳମୂଳ ଶସ୍ୟକୁ ଆହାର କରି ଜୀବନ ଧାରଣ କରେ ପରିଶେଷରେ ଯାହା ଉପରେ ବସତି ସ୍ଥାପନ କରି ସୁରକ୍ଷିତ ରୁହେ ତାକୁ ସୁରକ୍ଷା ଦେବା ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଆମର ଜନ୍ମଭୂମି ଭାରତ ବିଶ୍ୱର ଏକ ସର୍ବଶ୍ରେଷ୍ଠ ଧର୍ମକ୍ଷେତ୍ର ଯେଉଁଠି ଯୁଗଯୁଗ ଧରି ଭଗବାନ ବିଭିନ୍ନ ଅବତାରରେ ଅବତୀର୍ଣ୍ଣ ହୋଇଛନ୍ତି। ସମସ୍ତ ଅବତାରର ଗୋଟିଏ ମାତ୍ର ଲକ୍ଷ୍ୟ-ଧର୍ମ ସଂସ୍ଥାପନା। ଗୀତାରେ ଭଗବାନ ଶ୍ରୀକୃଷ୍ଣ ଏକଥା କହିଛନ୍ତି। ସ୍ୱଧର୍ମ ସମନ୍ୱୟର ପିଠସ୍ଥଳୀ ହେଉଛି ଭାରତ । ସର୍ବଦା ଶାନ୍ତି ମାର୍ଗରେ ଚାଲିଥାଏ ଭାରତ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସୃଷ୍ଟି ହେଲା ଯୁଦ୍ଧ ପରିସ୍ଥିତି। ପାକିସ୍ତାନ ହିଂସାରେ ବିଶ୍ୱାସ କଲାବେଳେ ଭାରତ ଅହିଂସାର ମାର୍ଗକୁ ବାଛିନିଏ । ଭାରତ 'ବଇରୀ ନୁହେଁ ମୈତ୍ରୀ ଚାହେଁ , ଯୁଦ୍ଧ ନୁହେଁ ଶାନ୍ତି ଚାହେଁ' ।କିନ୍ତୁ ପଡ଼ୋଶୀରାଷ୍ଟ୍ର ପାକିସ୍ତାନ ଧର୍ମ ନାମରେ ଯୁଦ୍ଧ, ଗଣହତ୍ୟାଭଳି କୁକର୍ମ କରି ଚାଲିଛି । ଆତଙ୍କବାଦକୁ ପ୍ରୋତ୍ସାହିତ କରି ଅଶାନ୍ତ ପରିବେଶ ସୃଷ୍ଟି କରିଛି । ଧର୍ମ ନାମରେ ଆତଙ୍କବାଦୀମାନେ ଭାରତୀୟଙ୍କ ରକ୍ତରେ ଖେଳିଛନ୍ତି ହୋଲି ଏହାକୁ । ଭାରତ ଧୈର୍ଯ୍ୟର ସହ ମୁକାବିଲା କରିଛି। ପରିଶେଷରେ ଧର୍ମର ହିଁ ଜୟ ହୋଇଛି । ଏବଂ ଶତ୍ରୁପକ୍ଷ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି । ଭାରତମାତା ପାଇଁ ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଆତଙ୍କବାଦ ଏବଂ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ରାଷ୍ଟ୍ର ବିରୋଧରେ ଏକଜୁଟ ହୋଇ ଆଗେଇ ଆସିଛନ୍ତି । ପାକିସ୍ତାନ ଭାରତର ଯେତେ କ୍ଷତି ପହଞ୍ଚାଇବାକୁ ଚାହିଁଲେ ମଧ୍ୟ ଭାରତର ବୀର ସୈନିକ ତାହାର ଦୃଢ଼ ଜବାବ ଦେଉଛନ୍ତି । ଭାରତ ମୈତ୍ରୀର ହାତ ବଢାଉଥିବାବେଳେ ସେମାନେ ପିଠିରେ କୁଠାରଘାତ କରୁଛନ୍ତି । ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧଭଳି ପରିସ୍ଥିତିକୁ ଶାନ୍ତ କରିବାପାଇଁ ଅସ୍ତ୍ରବିରତି ପ୍ରସ୍ତାବରେ ଭାରତ ରାଜି ହୋଇଛି। କାରଣ ଭାରତ ସର୍ବଦା ଶାନ୍ତିରେ ବିଶ୍ୱାସ କରେ । ଅସ୍ତ୍ରବିରତି କଣ ? ପ୍ରକୃତରେ ଏହା ଏକ ଏପରି ଶବ୍ଦ ଯେଉଁଥିରେ ଶାନ୍ତି ନିହିତ ଥାଏ । ଏହାର ଅର୍ଥ ଯୁଦ୍ଧ ବା ସଙ୍ଘର୍ଷର ସମାପ୍ତ ଘଟିବାକୁ ଅସ୍ତ୍ରବିରତି କୁହାଯାଇଥାଏ । ଯାହା ଏକ ପ୍ରକାରର ପରସ୍ପର ମଧ୍ୟରେ ବୁଝାମଣା । ଅସ୍ତ୍ରବିରତି ଏକ ଚୁକ୍ତିନାମା ଯାହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ସମସ୍ତ ସାମରିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ବା ସମାପ୍ତ କରିବା । ଯୁଦ୍ଧବିରତିର ଉଦ୍ଦେଶ୍ୟ ହେଉଛି ଉତ୍ତେଜନା ହ୍ରାସ କରିବା, ଆଲୋଚନାର ସମ୍ଭାବନା ବୃଦ୍ଧି କରିବା ଏବଂ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବା। କିନ୍ତୁ ଏହା ସେତେବେଳେ ସ୍ଥାୟୀ ପ୍ରଭାବ ପକାଇଥାଏ ଯେତେବେଳେ ଉଭୟ ପକ୍ଷ ଏହାକୁ ସଙ୍କୋଚତାର ସହ ପାଳନ କରନ୍ତି। ଯଦି ପୁଣି ଏହାକୁ ଉଲ୍ଲଙ୍ଘନ କରାଯାଏ ତେବେ ପରିସ୍ଥିତି ପୁଣି ଥରେ ଯୁଦ୍ଧ ଆଡକୁ ଗତି କରିପାରେ। ପ୍ରଗତି ପାଇଁ ଶାନ୍ତି ଅପରିହାର୍ଯ୍ୟ । ମାନବ ଜାତିର ବିକାଶ କରିବାକୁ ହେଲେ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେବା ଆବଶ୍ୟକ । ଶାନ୍ତି ପ୍ରତିଷ୍ଠାର ମୁଖ୍ୟ ମାର୍ଗ ହେଉଛି ବିଶ୍ୱ ଭାତୃତ୍ୱ ଭାବନା । ଶାନ୍ତି ଓ ସଦ୍ଭାବ ବଜାୟ ରଖିବା ସବୁ ରାଷ୍ଟ୍ରର ଲକ୍ଷ୍ୟ ହେବା ଉଚିତ୍ । ବିଶ୍ୱରେ ଶାନ୍ତି ବଜାୟ ରଖିବାରେ ଭାରତ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। ଭାରତ କେବେ ସାମ୍ରାଜ୍ୟବାଦ ଉପରେ ବିଶ୍ୱାସ କରେନାହିଁ । ସ୍ୱଦା ଶାନ୍ତି ଓ ଭାତୃଭାବ ବଜାୟ ରଖିବାକୁ ଚାହେଁ । ଭାରତର ନୀତି ସତ୍ୟ ଅହିଂସା ଉପରେ ପର୍ଯ୍ୟବେସିତ । ସାରା ବିଶ୍ୱରେ ବେଦଭୂମି ଭାରତ ଭୂଖଣ୍ଡ ଆଜି ଆଧ୍ୟାତ୍ମିକତା ଓ ଶାନ୍ତିର କେନ୍ଦ୍ରବିନ୍ଦୁ ପାଲଟିଛି । ବସୁଧୈବକୁଟୁମ୍ବକମ୍ ମନ୍ତ୍ରରେ ଭାରତବର୍ଷ ସାରା ବିଶ୍ୱକୁ ଗୋଟିଏ ପରିବାର ବୋଲି ମନେକରେ। ଭାରତ ସବୁ ସମୟରେ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଏବଂ ମାନବଜାତିର କଲ୍ୟାଣ କରିବା ପାଇଁ ଚେଷ୍ଟିତ । ଶାନ୍ତି ଓ ଅହିଂସାର ସ୍ରଷ୍ଟା ହେଉଛି ଭାରତ । ଏକ ଶାନ୍ତ ସମୃଦ୍ଧ ମାନବ ସମାଜପାଇଁ ଭାରତ ଯୁଗଯୁଗ ଧରି ବିଶ୍ୱକୁ ଦିଗଦର୍ଶନ ଦେଇଛି । ଯୁଦ୍ଧ ସମାଧାନ ନୁହେଁ । ଆଲୋଚନା କରି ସମାଧାନର ବାଟ ବାହାର କରିବାରୁ ପଡିବ । ଲୋକଙ୍କର କ୍ଷତି କରି କେହି କେବେ ସଫଳ ହୋଇନାହିଁ । ଯୁଦ୍ଧରେ ସମସ୍ତଙ୍କର କ୍ଷତି ହୁଏ ।
ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସର୍ବଦା ଉଦ୍ୟମ ଜାରି ରଖିଛି। ଭାରତ ଓ ପାକିସ୍ତାନ ସୀମାରେ ଯେଉଁ ଶାନ୍ତି ଫେରିବାକୁ ଯାଉଛି, ତାହା ଗୋଟିଏ ଦିନରେ ସମ୍ଭବ ହୋଇ ନାହିଁ । ଆଲୋଚନା ଜରିଆରେ ସମସ୍ୟାର ସମାଧାନ କରି ଯୁଦ୍ଧକୁ ଏଡ଼ାଇବା ପାଇଁ ଭାରତ ଚାହେଁ । କେବଳ ଭାରତ ପାକିସ୍ତାନ ନୁହେଁ ସାରା ବିଶ୍ୱରୁ ଆଜି ଶାନ୍ତିର କପୋତ ଉଭାନ ହୋଇଯାଇଛି। ସାରା ବିଶ୍ୱରେ ଅଶାନ୍ତି ଦେଖାଦେଇଛି। ଯାହା ଫଳରେ ସାରା ବିଶ୍ୱରେ ଏବେ ଅଶାନ୍ତ ଏବଂ ଭୟର ବାତାବରଣ ସୃଷ୍ଟି ହୋଇଛି । ବିଶ୍ୱରେ ଶାନ୍ତି ଓ ସଦ୍ଭାବ ବଜାୟ ରଖିବାଲାଗି ବିଶ୍ୱ ସମୁଦାୟ ମଧ୍ୟରେ ଏକତାର ଆବଶ୍ୟକତା ରହିଛି। ପରିସ୍ଥିତି କେଉଁ ଦିଗରେ ଗତି କରୁଛି, ତାହା ଉଭୟ ଦେଶର ନେତୃତ୍ୱ ଓ ଅନ୍ତର୍ଜାତୀୟ ଚାପ ଉପରେ ନିର୍ଭର କରୁଛି। ତେବେ, ସାଧାରଣ ଜନତାଙ୍କ ମଧ୍ୟରେ ଶାନ୍ତି ଓ ସ୍ଥିରତାର ଆହ୍ୱାନ ଜୋର ଧରୁଛି। ଯଦି ପରମାଣୁ ଯୁଦ୍ଧ କଥା ଦେଖାଯାଏ ତେବେ ଭାରତ ପ୍ରଥମେ ପରମାଣୁ ହତିଆର ବ୍ୟବହାର ନକରିବା ନୀତି ପାଳନ କରିଆସିଛି । କିନ୍ତୁ ଅପରପକ୍ଷରେ ପାକିସ୍ତାନର ଅନେକ ମନ୍ତ୍ରୀ ମଧ୍ୟ ପରମାଣୁ ଯୁଦ୍ଧ ନେଇ ଖୋଲାଖୋଲି ଧମକ ଦେଇ ସାରିଛନ୍ତି । ଯଦି ଭାରତ-ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୁଏ ତେବେ ଏଥିରେ ୧୨ କୋଟିରୁ ଉର୍ଦ୍ଧ୍ୱ ଜନତାଙ୍କ ମୃତ୍ୟୁ ହେବ ବୋଲି ଆକଳନ କରାଯାଇଛି। କେବଳ ସେତିକି ନୁହେଁ ପରମାଣୁ ଯୁଦ୍ଧ ପରେ ଖାଦ୍ୟ ସଙ୍କଟ ମଧ୍ୟ ଯଥେଷ୍ଟ ଅଧିକ ହେବ ବୋଲି ଅନୁମାନ କରାଯାଇଛି। କେବଳ ଭାରତ ପାକିସ୍ତାନ ନୁହେଁ ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ପଡିବ ବୋଲି ଅନୁମାନ କରାଯାଇଛି। ତେବେ ଯେଉଁସ୍ଥାନକୁ ଲକ୍ଷ୍ୟ କରି ଏହି ପରମାଣୁ ଆକ୍ରମଣ କରାଯିବ ସେଠାରେ ସର୍ବାଧିକ କ୍ଷତି ହେବ।
ପହଲଗାମରେ ନିରୀହ ମହିଳାଙ୍କ ମଥାରୁ ଯେମିତି ସିନ୍ଦୂର ପୋଛି ଦେଇଥିଲେ ଆତଙ୍କୀ, ସେମିତି ଆତଙ୍କୀଙ୍କ ଆତ୍ମାକୁ ପୋଛି ଦେବା ପାଇଁ ବଡ଼ ଧରଣର ଆକ୍ରମଣ କରିଛି ଭାରତ। 'ଅପରେସନ ସିନ୍ଦୂର' ନାଁରେ ମାପିଚୁପି କେବଳ ଆତଙ୍କବାଦୀଙ୍କ ଗୁପ୍ତ ଠିକଣା ଉପରେ ମିଜାଇଲ୍ ମାଡ଼ କରିଛି ଭାରତୀୟ ସେନା। ଏଥିରେ କୌଣସି ସାଧାରଣ ଜନତାଙ୍କ କ୍ଷୟକ୍ଷତି କରିବାକୁ ଚାହିଁନାହିଁ ଭାରତ । ଭାରତ ସର୍ବଦା ଆତଙ୍କବାଦ ବିରୋଧରେ ଲଢେଇ କରି ଆସିଛି । କେବେହେଲେ ପାକିସ୍ତାନୀ କିମ୍ବା ସାମରିକ ବାହିନୀ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିନାହିଁ । ପାକିସ୍ତାନକୁ ଶିକ୍ଷା ଦେବା ପାଇଁ, ଭାରତ ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ କରିବାଠାରୁ ଆରମ୍ଭ କରି ପାକିସ୍ତାନୀ ନାଗରିକଙ୍କ ଭିଜା ବାତିଲ କରିବା ପର୍ଯ୍ୟନ୍ତ ଅନେକ କଟକଣା ଲଗାଇଛି। ଯଦି ଭାରତ ଚାହିଁଥାନ୍ତା ପାକିସ୍ତାନର ଅନେକ କ୍ଷତି ପହଞ୍ଚାଇପାରିଥାନ୍ତା । କିନ୍ତୁ ଭାରତ ସର୍ବଦା ନ୍ୟାୟ ପଥରେ ଚାଲେ। ଧର୍ମ ନାମରେ ବିଭେଦ ସୃଷ୍ଟି କରିବାପାଇଁ ଆତଙ୍କବାଦୀମାନେ ଯେତେ ଚେଷ୍ଟା କଲେ ମଧ୍ୟ ସେଥିରେ ସେ ସଫଳ ହୋଇପାରିଲେ ନାହିଁ କାରଣ ଭାରତୀୟଙ୍କ ଭିତରେ ଥିଲା ଏକତା ।
ଭାରତ ସଦା ସର୍ବଦା ଶାନ୍ତି ଆଣିବାପାଇଁ ଚେଷ୍ଟା କରିଥିବାବେଳେ ପାକିସ୍ତାନ ଆତ୍ମଘାତୀ କାର୍ଯ୍ୟକରି ସମ୍ପର୍କରେ ତିକ୍ତତା ଆଣିଛି । ଯଦି ଏହାର ଇତିହାସକୁ ଦେଖିବା ଦେଶ ବିଭାଜନ ପରେ ଉଭୟ ଭାରତ ଓ ପାକିସ୍ତାନ ପରସ୍ପର ଭତୃତ୍ୱଭାବ ପାଇଁ ରାଜି ହୋଇଥିଲେ । ମାତ୍ର କିଛିମାସ ପରେ ପାକିସ୍ତାନ ବିଶ୍ୱାସଘାତକତା କରି କାଶ୍ମୀର ଉପରେ ଆକ୍ରମଣ କରିଥିଲା। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବୃଦ୍ଧିନେଇ ପ୍ରୟାସ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ପାକିସ୍ତାନ ମୁମ୍ବାଇ ଉପରେ ଆକ୍ରମଣ କରିଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଶାନ୍ତିରବାର୍ତ୍ତା ନେଇ ଫେବ୍ରୁଆରୀ ୧୯୯୯ ରେ ଲାହୋର ପର୍ଯ୍ୟନ୍ତ ବସ୍ ଯାତ୍ରା କରିଥିଲେ । ମାତ୍ର କିଛିମାସ ପରେ କାର୍ଗିଲ ଯୁଦ୍ଧ ହୋଇଥିଲା । ଏମିତି ଅନେକ ଘଟଣା ରହିଛି ଯେଉଁଠି ଭାରତ ଶାନ୍ତିର ପକ୍ଷ ଧରିଥିବାବେଳେ ପାକିସ୍ତାନ ବିଶ୍ୱାସଘାତକତାର ପରିଚୟ ଦେଇଛି। ସତ୍ୟମେବ ଜୟତେ ଅର୍ଥାତ ସତ୍ୟର ସର୍ବଦା ଜୟ । ଏହା ହେଉଛି ଭାରତୀୟଙ୍କର ମୂଳମନ୍ତ୍ର । ବାସ୍ତବରେ ବିକାଶ ଓ ଶାନ୍ତି ପରସ୍ପର ପରିପୂରକ। ତେଣୁ ବିକାଶର ଧାରା ବଜାୟ ରଖିବାକୁ ହେଲେ ଯୁଦ୍ଧ ନୁହେଁ,ଶାନ୍ତିର ଧାରା ବଜାୟ ରଖିବା ଜରୁରୀ। ଶାନ୍ତିର ଅସଲ ମାର୍ଗ ହେଉଛି ବିଶ୍ୱ ଭ୍ରାତୃତ୍ୱ ଭାବନା, ଯାହା ଭାରତୀୟ ସଂସ୍କୃତିର ଆତ୍ମିକ ସନନ୍ଦ। ସେଥିପାଇଁ ଶ୍ରୀଅରବିନ୍ଦ କହିଥିଲେ, ''ଭାରତ ହେଉଛି ପୃଥିବୀର ଆତ୍ମା। ଭାରତ ଦ୍ୱାରା ସମ୍ଭବ ହେବ ପୃଥିବୀରେ ଶାନ୍ତି ପ୍ରତିଷ୍ଠା।'' ଏ ଦେଶ ଦିନେ ବିଶ୍ୱରେ ପ୍ରଚାର କରିଥିଲା ଗୌତମ ବୁଦ୍ଧଙ୍କ ଶାନ୍ତି ଓ ପ୍ରେମର ବାଣୀ। ମହାମାନବ ମହାତ୍ମା ଗାନ୍ଧୀ ବିଶ୍ୱକୁ ଶୁଣାଇଥିଲେ ଅହିଂସାର ମନ୍ତ୍ର। ଆଧ୍ୟାତ୍ମିକ ଭୂମି ଭାରତର ପରମ୍ପରାରେ ରହିଛି ବୃହତ୍ ଶକ୍ତିମାନଙ୍କ ଯୁଦ୍ଧଖୋର ମାନସିକତାକୁ ବଦଳାଇ ଦେବାର ଭରପୂର ସାମର୍ଥ୍ୟ। ଗାନ୍ଧିଜୀ' କହିଥିବା ମନ୍ତ୍ର "ଅହିଂସା ପରମୋ ଧର୍ମ" । ଆମେ ଅହିଂସାର ପୂଜାରୀ । ହିଂସା କୌଣସି ସମସ୍ୟାର ସମାଧାନ ନୁହେଁ। ଭାରତର ଶାନ୍ତି, ଅହିଂସା ଏବଂ ଧର୍ମନିରପେକ୍ଷତାର ଗୁଣ ଆଜିର ବିବାଦ ଏବଂ ସଂଘର୍ଷମୟ ଦୁନିଆ ପାଇଁ ଆଶାର କିରଣ। ଭାରତ ଶାନ୍ତି ଚାହେଁ ଯେଉଁଠି ଧର୍ମକୁ ଧର୍ମ ଘୃଣା କରୁନଥିବ କି ଜାତିକୁ ଜାତି ଘୃଣା କରୁ ନଥିବ । ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ । ଯୁଦ୍ଧ ନିଜେ ଏକ ସମସ୍ୟା । ତେଣୁ ଯୁଦ୍ଧ ନୁହେଁ ଶାନ୍ତି ହିଁ ସମାଜ ପାଇଁ ମଙ୍ଗଳ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ସର୍ବେ ଭବନ୍ତୁ ସୁଖୀନଃ

ସୁଦର୍ଶନ ମହାପାତ୍ର

ସମୟ ସହ ନିଜକୁ ଅପଡେଟ କରିବାକୁ ଚେଷ୍ଟା କରିବା ଉଚିତ ବୋଲି ଭାବିଥିଲି। ସେଇ ଅନୁସାରେ ନିଜକୁ ଡିଜିଟାଲି ମଧ୍ୟ ଅପଡେଟ କରିବା ଶିଖି ଯାଇଥିଲି। ହେଲେ ପିଲାଟି ଦିନରୁ ରେଡ଼ିଓ ଶୁଣିବା ଭଳି ଦୁର୍ବାର ଅଭ୍ୟାସଟିକୁ ମୁଁ ଛାଡି ପାରିନାହିଁ।

ପିଲାଦିନେ ଖବରକାଗଜ ବ୍ୟତୀତ ରେଡିଓ ହିଁ ଥିଲା ଖବର, କୃଷି, ଖେଳ ଓ ମନୋରଞ୍ଜନର ଏକ ସୁଲଭ ଓ ରୁଚିଶୀଳ ମାଧ୍ୟମ। ଅଶୀ ଦଶକ ଆଡକୁ ଏସବୁ କ୍ଷେତ୍ରରେ ଅଭିନବ ଓ ଉନ୍ନତ ମାଧ୍ୟମ ଟେଲିଭିଜନର ଆବିର୍ଭାବ ପରେ ରେଡ଼ିଓ ପ୍ରତି ଲୋକଙ୍କର ଆସକ୍ତି କମିକମି ଆସିଥିଲେ ବି ତା ପ୍ରତି ରହିଥିବା ଆକର୍ଷଣକୁ ମୁଁ ସମ୍ପୂର୍ଣ୍ଣ ରୂପେ ପରିହାର କରିପାରିନାହିଁ।

ରେଡ଼ିଓ ଶୁଣିବା ସମୟରେ ଆଶ୍ଚର୍ଯ୍ୟ କଲାଭଳି ପ୍ରତିଥର ସେଥିରେ ବର୍ଣ୍ଣିତ ଚିତ୍ର ଓ ଚରିତ୍ରମାନଙ୍କ ଚେହେରା ସବୁ କେମିତି କେଜାଣି ଆପେ ଅଙ୍କିତ ହୋଇଯାଏ କଳ୍ପନା ରାଇଜରେ।

ସେଇ ଦିନ ମାନଙ୍କରେ ବୋଉ ରେଡ଼ିଓରୁ ଶୁଣେ ଗୀତିନାଟ୍ୟ, ଦାସକାଠିଆ, ପାଲା ଭଳି ମନୋରଞ୍ଜନାତ୍ମକ କାର୍ଯ୍ୟକ୍ରମ। ପଛକୁ ପଛ ଖଞ୍ଜି ହୋଇଥିବା ବୋଉର ସରୁନଥିବା ଦୈନନ୍ଦିନ କାର୍ଯ୍ୟ ସାରଣୀ ଭିତରେ ପରିଶ୍ରମ ଲାଘବର ଏକମାତ୍ର ସାହାରା ସେଇ ରେଡ଼ିଓ ଥିଲା ବୋଲି ମୁଁ ମନେକରେ।

ମୁଁ ଛୋଟ ଥିବାବେଳେ ମୋ ବଡ଼ଭାଇ ଶୁଣନ୍ତି କ୍ରିକେଟ ଖେଳର ଧାରା ବିବରଣୀ ଯାହା ମୋ ପାଇଁ ଥିଲା ଦୁର୍ବୋଧ ଏବଂ ବିରକ୍ତକର। ହଁ, କାନକୁ ମୋଡିଲା ଭଳି ରେଡ଼ିଓର ଟ୍ୟୁନିଂକୁ ସେ ସେଟ୍ କରନ୍ତି ଯେ କାଳେ ଖରାପ ହୋଇଯିବ ବୋଲି ମୋ ଦେହରେ ଯାଏନି। ରେଡ଼ିଓ ସିଲୋନର କାର୍ଯ୍ୟକ୍ରମ ବିନାକା ଗୀତମାଳା ଜରିଆରେ ପ୍ରସିଦ୍ଧି ଲାଭ କରିଥିବା ଅମୀନ ସୟାନୀଙ୍କ କଣ୍ଠର ବିମୁଗ୍ଧ ଶ୍ରୋତା ଥିଲେ ମୋ ବଡ଼ଭାଇ। ସେଇଟାକୁ ଶୁଣିବା ପାଇଁ ସେ ସେଇ ଟ୍ୟୁନିଂ ସେଟରେ ନିଜର ପାରଦର୍ଶିତା ଦେଖାନ୍ତି। ବିବିଧ ଭାରତୀ ବି ସେ ଶୁଣନ୍ତି।

ମୋତେ ଭଲ ଲାଗୁଥିବା କାର୍ଯ୍ୟକ୍ରମ ଭିତରେ ଥିଲା ଶିଶୁ ସଂସାର। ବଡ଼ଭାଇ ( ନଦିଆ ବିହାରୀ ମହାନ୍ତି) ଙ୍କର ଉତ୍କୃଷ୍ଟ ଉପସ୍ଥାପନା ଶୈଳୀ ମୋ ଭିତରେ ଏକ ଅପୂର୍ବ ପୁଲକ ଜାଗରିତ କରୁଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

ହଁ, ଆଉ ଗୋଟିଏ କଥା ସେତେବେଳେ ଭାବୁଥିଲି ଯେ ରେଡ଼ିଓ ଭିତରକୁ କେମିତି ଲୋକେ ପ୍ରବେଶ କରିଥାନ୍ତି। ବହୁତ ଦିନ ପର୍ଯ୍ୟନ୍ତ ମୁଁ ଏଇ ଦ୍ୱିଧାରେ ଥିଲି ଏବଂ ଶେଷକୁ ବୁଝିବାକୁ ଯାଇ ବଡ଼ଭାଇଙ୍କ ଠାରୁ ବୁଦ୍ଧୁ ଉପାଧି ପାଇଥିଲି।

ସୁଦୂର କଲିକତାରେ ଜୀବିକା ଅର୍ଜନ ପାଇଁ ରହୁଥିବା ବାପା ସେଇ ରେଡ଼ିଓଟିକୁ ବୋଧହୁଏ ଆଣିଥିଲେ ଘରକୁ।

ଦୁର୍ଗାପୂଜା ସମୟରେ ବାପା ଘରକୁ ନିଶ୍ଚୟ ଆସନ୍ତି। ଷଷ୍ଠୀ ପୂଜାଦିନ ବଡ଼ି ଭୋରରୁ ମୋ ନିଦ ଭାଙ୍ଗେ ରେଡ଼ିଓରୁ ଭାସି ଆସୁଥିବା ଦୁର୍ଗାଙ୍କୁ ନେଇ ବିଶେଷ କାର୍ଯ୍ୟକ୍ରମ ଚଣ୍ଡୀ। ମୋ ନିଦ ଭାଙ୍ଗିଲା ବେଳକୁ ବାପା ନିତ୍ୟକର୍ମ ସାରି ରେଡ଼ିଓ ଶୁଣୁଥିବେ। ଅଧା ଅଧା ନିଦ ମୋର ଭାଙ୍ଗିଯାଏ ସେଇ ଅଲୌକିକ ଶବ୍ଦ ଝଙ୍କାରରେ..!

ବାପା ଚାକିରିରୁ ଅବସର ନେବା ବେଳକୁ ମୁଁ ଥିଲି ତାଙ୍କ ପାଖରେ। କଲିକତା ଛାଡ଼ିବା ପୂର୍ବରୁ ନିଜ ପସନ୍ଦର କେତୋଟି ଜିନିଷ କିଣିବା ସହିତ ବାପା କିଣିଥିଲେ ଫିଲିପ୍ସ କମ୍ପାନୀର ଗୋଟିଏ ଛୋଟ ରେଡ଼ିଓ। ଘରେ ସେଇଟିକୁ ନିଜ ରୁମରେ ତାଙ୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଯତ୍ନର ସହ ରଖିଥିଲେ ।

ଏଇ ସବୁ ଅନୁଭୂତି ଭିତରେ ମୋତେ ସେଇ ରେଡ଼ିଓ ଗୋଟା ପଣେ ଆବୋରି ବସିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଧୀରେ ଧୀରେ ବୟସ ବଢିବା ସହିତ ମୋର ବିଭିନ୍ନ ରେଡ଼ିଓ କାର୍ଯ୍ୟକ୍ରମ ଶୁଣିବାର ରୁଚି ସିନା ବଦଳିଛି ଅଥଚ ରେଡ଼ିଓ ଶୁଣିବାର ଆଗ୍ରହ ବଦଳାଇ ପାରିନାହିଁ।

ଏବେ ମୋର ଏଇ ଅବାଞ୍ଛିତ ଆଗ୍ରହକୁ ମୋ ପରିବାରର କେହି ସ୍ୱୀକାର କରିବାକୁ ଆଉ ରାଜି ନୁହଁନ୍ତି। କିଏ ଟିଭି ଦେଖିବାକୁ ଆଗ୍ରହୀ ତ କିଏ ମୋବାଇଲରେ ୟୁ ଟ୍ୟୁବ୍ କିମ୍ବା ଆଉକିଛି ଦେଖିବାରେ ଆଗ୍ରହୀ। ମୁଁ ତ କାହାକୁ ସେମାନଙ୍କ ଇଚ୍ଛାକୁ ବାରଣ କରି ନାହିଁ; ଅଥଚ ମୋ ରେଡ଼ିଓ ଶୁଣିବାଟା ସେମାନଙ୍କ ପାଇଁ ଅସହ୍ୟ ହୋଇପଡେ। ଅବଶ୍ୟ ମୁଁ ସକାଳୁ ଉଠି ଭଜନ ଶୁଣିବା ପାଇଁ ରେଡ଼ିଓ ଖୋଲିଦେଇ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରେ। ଯେତେ କମ୍ ସାଉଣ୍ଡ ଦେଲେ ବି ପୁଅ କହେ ତା ନିଦରେ ବ୍ୟାଘାତ ସୃଷ୍ଟି ହେଉଛି। ଝିଅ କହେ ଏ ଭଜନ ଫଜନ କିଏ ସବୁଦିନ



ଶୁଣେ? ପର୍ବପର୍ବାଣୀରେ ଏସବୁ ଶୁଣିଲେ ଚଳିବ। ପିଲା ଦୁହିଁଙ୍କ ଅସୁବିଧାରେ ସେମାନଙ୍କ ମାଆ ମୋ ବିରୁଦ୍ଧରେ ଯାଆନ୍ତି।

-‘ ନିଜେ ନଅଟା ଦଶଟା ବେଳକୁ ଶୋଇ ଭୋରରୁ ଉଠି ରେଡ଼ିଓ ଶୁଣିବାକୁ ବିକଳ ହେଉଛ। ହେଲେ ଯିଏ ଡେରିରେ ଶୋଇଛନ୍ତି ସେମାନଙ୍କ କଥା ତ ଭାବିବାର କଥା...!’ ପତ୍ନୀଙ୍କ ସହ ଏଇ ବିଷୟରେ ଅନେକ ଥର ଯୁକ୍ତି କରି ମୁଁ ହାରିଛି ଏବଂ ଶେଷକୁ ଅଭିମାନ କରି ଦିନେ ଦୁଇଦିନ ରେଡ଼ିଓ ବଜାଇ ନାହିଁ। ହେଲେ ମୁଁ କି ଥୟ ଧରେ ! ପୁଣି ଆରମ୍ଭ କରିଦିଏ ମୋର ଅଭ୍ୟାସ ! ଅନ୍ୟମାନଙ୍କ ପାଇଁ ବନିଯାଏ ଅନାହୂତ ମୁଣ୍ଡବିନ୍ଧାର କାରଣ।

ଏଇ କେଇଦିନ ତଳେ ଯାଇଥିଲି ବଡଭାଇଙ୍କ ଘରକୁ। ଅବସର ନେଇ ସାରିଥିବା ବଡ଼ଭାଇ ମୋତେ ଯାଚିଲେ ତାଙ୍କ ପାଖରେ ଥିବା ପୁରୁଣା ରେଡ଼ିଓ। ମୋ ପରି ଭାଇ ମଧ୍ୟ ସନ୍ତୁଳି ହେଉଛନ୍ତି କି ଏଇ ରେଡ଼ିଓ ପାଇଁ ? ମନେ ମନେ ହସିଲି।

ମୋ ଉପରେ ଏଇ ରେଡ଼ିଓ ପାଇଁ ବିତୁଥିବା ପରିବାରର ଅଶାନ୍ତିକୁ ନିଷ୍କପଟରେ ବ୍ୟକ୍ତ କରିଦେଲି ତ ଭାଇ ବହେ ହସିଲେ ଏବଂ ମୋ ହାତରେ ଧରେଇ ଦେଲେ ଇଅର କଡ୍।

-‘ ଏଇ ବୁଢ଼ା କାଳେ ମୁଁ ବି କିଣିଛି ତୁ ବି କିଣି ଦେବୁ ହାଫ୍ ପ୍ୟାଣ୍ଟ୍ ଖଣ୍ଡେ । ମୋବାଇଲରେ ଇଅର କଡ୍ ଦେଇ ଶୁଣିବୁ ଭଜନ କୀର୍ତ୍ତନ ଯାହା ଇଛା। କାହାକୁ ରେଡ଼ିଓ ବାଜୁଛି ବୋଲି ବୁଝା ଯିବନି ତ ଅଶାନ୍ତି ହେବେ କେଉଁଠୁ ? ବୁଝିଲୁ ବୁଦ୍ଧୁ! ଏ ଡିଜିଟାଲ ଯୁଗରେ ଆମକୁ ଆଉଟିକେ ଅପଡେଟ ହେବାକୁ ପଡ଼ିବ। ତାପରେ ଆଉ ତ କେହି କିଛି କହିବାର ନାହିଁ..! ସର୍ବେ ଭବନ୍ତୁ ସୁଖୀନଃ !

କଥା ମଝିରେ ଭାଇଙ୍କର ମୋ ପ୍ରତି ସେଇ ‘ବୁଦ୍ଧୁ’ ଶବ୍ଦର ପ୍ରୟୋଗ ମୋତେ ପବିତ୍ର ଗୀତାର ଶ୍ରୀକୃଷ୍ଣ ଙ୍କର ଅର୍ଜୁନଙ୍କ ପ୍ରତି ଥିବା ସମ୍ବୋଧନ ପରି ଲାଗିଲା।

କୁଞ୍ଜବିହାରୀ ଲେନ, କଟକ

## ପାଞ୍ଚ ଆଙ୍ଗୁଠି

ସ୍ୱାଗତିକା ସେଠୀ

ମିଲିଙ୍କ ପାଦକୁ ଛୁଇଁ ଦେଇ ରିଙ୍କୁ ଏକମୁହାଁ ହୋଇ ଫେରି ଯାଉଥିଲା। ମିଲିଙ୍କ ଆଖି ଜକେଇ ଆସିଥିଲା। ପୁଅକୁ ପଛରୁ ଡାକିବେ ନା ନାହିଁ ଭାବି ଖାଲି ଏତିକି କହିଥିଲେ, “ଦେହକୁ ଜଗିକି ଚଳିବୁ। ମୁଁ ଏଇଠି ଏତିକି ଦିନ ଚଳେଇ ନେବି। ମୋ ପାଇଁ ବ୍ୟସ୍ତ ହବୁନି।” ମିଲି ଏତକ ବେଶ୍ ଉଚ୍ଚ ସ୍ୱରରେ ତ କହିଥିଲେ, ହେଲେ ରିଙ୍କୁକୁ ବୋଧେ ଶୁଭିଲାନି। ସିଏ ସେମିତି ଏକମୁହାଁ ହୋଇ ଚାଲିଗଲା।

ବୃଦ୍ଧାଶ୍ରମର ପରିଚାଳିକା ଜଣଙ୍କୁ ଡାକି ତାଙ୍କ ସହ ମିଲିଙ୍କୁ ତାଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀକୁ ପଠାଇ ଦେଲେ। ମିଲି ଦେଖିଲେ କୋଠରୀରେ ଆଉ ଜଣ ବୃଦ୍ଧା ଅଛନ୍ତି। ଯଦିଓ କୋଠରୀଟି ସେମିତି କିଛି ଅଣଓସାରିଆ ନୁହେଁ ହେଲେ ବି କେମିତି ଗୋଟେ ଅଜବ ରୁନ୍ଧାପଣ ପରିବେଶକୁ ଘୋଡେଇ ରଖିଛି। ମିଲି ଅଣନିଶ୍ୱାସୀ ହୋଇଗଲେ। କହିଲେ, “ମୋ ଘର ଭାରି ଖୋଲାମେଲା ତ ତେଣୁ ଏଇଠି କେମିତି ଗୋଟେ ରୁନ୍ଧି ରୁନ୍ଧି ଲାଗୁଛି। ହଁ, ଦିନ କେତେଟା ତ ଏଇଠି ରହିବାକୁ ପଡିବ। ଚଳେଇ ନେବି।” ବୃଦ୍ଧା ପ୍ରତିକ୍ରିୟାଶୂନ୍ୟ ହୋଇ କହିଲେ, “ଦିନ କେତେଟା କ’ଣ କହୁଛନ୍ତି? ଏଇଠି ଏମିତି ରହିବେ ବୋଲି ଯେତେ ଶୀଘ୍ର ମାନି ନେବେ ନିଜକୁ ସେତେ କମ୍ କଷ୍ଟ ହେବ...” ତାଙ୍କ କଥା ଅଧାରୁ କାଟି ମିଲି କହିଲେ, “ମୋର ଏତେ ବଡ ଘର ଥାଉ ଥାଉ ମୁଁ ଏଇଠି କାହିଁକି ରହିବି? ମୋ ପୁଅ ସପରିବାରେ ୭ ଦିନ ପାଇଁ ଆମେରିକା ଗଲା। ମୋ ଦେଖାଶୁଣା କିଏ କରିବ? ଆଉ ମୋ ଝିଅର ପୁଅର ଏଇ ବର୍ଷ ବୋର୍ଡ ପରିକ୍ଷା। ତେଣୁ ତା’ ପାଖରେ ମୁଁ ରହିଲେ ନାତି ପଢାରେ ମନ ଦେବନି। ତେଣୁ ବାଧ୍ୟ ହୋଇ ମୋର ଏଠାରେ ସପ୍ତାହେ ରହିବା ଠିକ୍ ହେଲା।” ବୃଦ୍ଧା ଜଣଙ୍କ କହିଲେ, “ହଁ, ଆମ ପିଲାସବୁ ଆମମାନଙ୍କୁ ଏମିତି କିଛି ବାହାନାରେ ଏଇଠି ଛାଡିଦେଇ ଯା’ନ୍ତି। ମିଲି ଉତ୍କ୍ଷିପ୍ତ ହୋଇ କହିଲେ, “ଆପଣ ଭାବିଚିନ୍ତି କଥାବାର୍ତ୍ତା କରନ୍ତୁ। ହାତର ୫ ଆଙ୍ଗୁଠି ଯେମିତି ସମାନ ନୁହନ୍ତି, ସବୁ ପୁଅ ସେମିତି ନୁହନ୍ତି। କିଛି ନହେଲେ ମୋ ପୁଅ ଅନ୍ୟମାନଙ୍କ ପୁଅ ପରି ନୁହେଁ। ସିଏ ମୋତେ ବହୁତ ଭଲପାଏ। ସିଏ ଠିକ୍ ଜାଣିଛି ତା’ ମା’ ତା’ ପାଇଁ କେତେ କଷ୍ଟ କରିଛି। ଅସୁବିଧା ଥିଲା ବୋଲି ଏଠାକୁ ଆସିଲି। ଦେଖିବେ ଦିନ କେତେଟାରେ ସିଏ ଆସି ମୋତେ ଏଠାରୁ ନେଇ ଯିବ।”

ରାତି ଖାଇବା ଘଣ୍ଟି ବାଜି ଯାଇଥିଲା। ବୃଦ୍ଧା ଖାଇବାକୁ ବାହାରି ଯାଇଥିଲେ। “ହଁ, କେତେ ଦେଖିଛୁ ୫ ଆଙ୍ଗୁଠି...” ଗଲାବେଳେ ବୃଦ୍ଧା ଜଣଙ୍କ କହୁଥିବାର ମିଲିଙ୍କ କାନରେ ପଡିଲା। ମିଲିଙ୍କ ଭୋକ ମରି ଯାଇଥିଲା।

ଏଠାକୁ ଆସିବାର ୩ ଦିନ ବିତି ଗଲାଣି ହେଲେ ରିଙ୍କୁର ଫୋନ୍ ଆସିନି। ଆମେରିକାରେ ପହଞ୍ଚି ସେଠାକା ନୂଆ ନମ୍ବର ଜଣେଇବ ବୋଲି ଗଲାବେଳେ ସିଏ କହିଥିଲା। ଝିଅ ମଧ୍ୟ ଫୋନ୍ କରିନି। ବୋଧେ ନାତି ପରୀକ୍ଷା ପାଇଁ ବ୍ୟସ୍ତ ଥିବ। ତଥାପି ମିଲି ଫୋନ୍ ଲଗେଇଲେ। ଟିଂ.... ଟିଂ... ଟିଂ... “ହ୍ୟାଲୋ?” “ଆରେ ମା’ ରିଙ୍କି, ମା’ କହୁଥିଲି। କେମିତିସବୁ ଅଛ?” “ହଁ, ଆମେସବୁ ଭଲ ଅଛୁ। ସେଇଠି ସବୁ ଭଲ ଦେଖିକି ତୋର ରହିବା



ବ୍ୟବସ୍ଥା କରାଯାଇଛି। ତେଣୁ ତୁ ସେଇଠି ତୋ ସମବୟସ୍କଙ୍କ ସହ ନିଶ୍ଚିତ ଭଲରେ ଥିବୁ।” ରିଙ୍କି କଥା ଶୀଘ୍ର ସାରିବାକୁ ଚେଷ୍ଟା କରୁଥିଲା। “ହଁ, ଏଇଠି ସବୁ ଭଲ ଯେ... ହେଲେ ରିଙ୍କୁ କେବେ ଆସିବ ଜଣେଇଲାନି? ମୁଁ ଏଇଠି। ପାଣି ନ ପାଇ ତେଣେ ଘରେ ଫୁଲଗଛସବୁ ସୁଖି ଯିବଣି...”, “ଏଇ ବୟସରେ ତୁ ସେଇଥି ପାଇଁ ବ୍ୟସ୍ତ ହ’ନା। ଭଡାଲୋକମାନେ ତୋ ଗଛର ଯତ୍ନ ନେଉଛନ୍ତି।” “ଭଡାଲୋକ? ଆମ ଘର କେତେବେଳେ ଭଡା ଲାଗିଲା?” “ତୁ ଗଲା ପରଦିନ। ଆଉ କ’ଣ ଏତେବଡ ଘରଟା ଖାଲି ପଡି ନଷ୍ଟ ହବ? ଭାଇ ଯାଇ କେବେ କୋଉ ଥରେ ଅଧେ ଏଠାକୁ ଆସିବ ଯେ ଘର କଥା କେମିତି ବୁଝିବ?” ମିଲିଙ୍କ ପାଦତଳୁ ପୃଥିବୀ ହଠାତ୍ ମାଟି ଖସେଇ ନେଲା ନା କ’ଣ। ଟଳମଳ ହୋଇ ନିଜକୁ ସମ୍ଭାଳି ପାଖ ଚଉକିରେ ବସିଗଲେ। କୋହ ସମ୍ଭାଳି କହିଲେ, “ହଉରେ ମା’ ଭାଇ ନ ଆସୁ ପଛେ ତୁ ତ ହେଲେ ମୋତେ ଏଇଠୁ ନେଇ ଯା’। ମୁଁ ତୋ ପୁଅ ପଢାରେ ଜମା ଡିଷ୍ଟର୍ବ କରିବିନି।” “ଓହୋ ମା’... ତୁ ଏମିତି ପିଲା ପରି ଅବୁଝା କ’ଣ ହଉଛୁ? ମୋ ଶାଶୁଘର ଲୋକ ଶୁଣିଲେ କ’ଣ କହିବେ? ବିବାହିତା ଝିଅଘରେ ମା’ ରହିଲେ କ’ଣ ଶୋଭା ଦିଶେ? ପୁଅ ତୋ ଦାୟିତ୍ୱ ନେବା କଥା। ସିଏ ତୋର ଯେଉଁଠି ରହିବା ବ୍ୟବସ୍ଥା କଲା, ତୁ ସେଇଠି ଏବେ ଭଲରେ ରହ।” “ମା’ରେ, ମୁଁ ତ ପୁଅ ଝିଅ ଭେଦ ନ କରି ତୁମ ଦୁହିଁଙ୍କୁ ସମାନ ଭାବରେ ପାଳିପୋଷିଲି, ମୋର ସବୁ ସମ୍ପତ୍ତି ତମ ଦୁହିଁଙ୍କ ଭିତରେ ସମାନ ଭାବରେ ବାଣ୍ଟିଦେଲି। ସେତେବେଳେ ତ ମୁଁ ବିବାହିତ ଝିଅକୁ ଆଉ କେତେ ସମ୍ପତ୍ତି ଦେବି ବୋଲି ବିଚାର କରି ନଥିଲି? ଅଥଚ ତୁ ତୋ ଜନ୍ମକଲା ମା’କୁ ନିଜ ପାଖରେ ରଖିବାକୁ ଅନିଚ୍ଛୁକ?” “ଓହୋ ମା’... ସମ୍ବିଧାନରେ ପୁଅ ଝିଅ, ଉଭୟଙ୍କର ପୈତୃକ ସମ୍ପତ୍ତିରେ ସମାନ ଅଧିକାର ଅଛି ବୋଲି ଲେଖା ଅଛି। ତେଣୁ ତୁ ମୋତେ ମୋ ସମ୍ପତ୍ତି ଭାଗ ଦେଇ କିଛି ବଡ କାମ କରି ଦେଇନୁ। ଆଉ ତୁ ଯୋଉ ସମ୍ପତ୍ତି ଭାଗ ମୋତେ ଦେଇଛୁ, ସେଇଥିରୁ ମୁଁ ଓ ଭାଇ ପାଳି କରିକି ତୋ ବୃଦ୍ଧାଶ୍ରମର ଖର୍ଚ୍ଚ ଦେବୁ ବୋଲି ଠିକ୍ କରିଛୁ। ଭାଇକୁ ତୁ ଫୋନ୍ କରି ହଇରାଣ କରିବୁ ବୋଲି ସିଏ ତତେ ଫୋନ୍ ନମ୍ବର୍ ଦେଲାନି। ଆଉ ତୁ ଏଇଠି ମୋ ମୁଣ୍ଡ ଖରାପ କରୁଛୁ।” ମିଲି ସ୍ତବ୍ଧ ହୋଇ ଝିଅ କଥା ଶୁଣୁଥିଲେ। “ହ୍ୟାଲୋ... ହ୍ୟାଲୋ... ମା’, ଶୁଭୁଛି ତ? ଭାଇର ସେଇ ପୁରୁଣା ନମ୍ବର୍‌ରେ ହ୍ୱାଟ୍ସଆପ୍‌ରେ କଲ୍ କଲେ ତୁ ତା’ ସହ କଥା ହେଇ ପାରିବୁ। ମୁଁ ତମ ବୃଦ୍ଧାଶ୍ରମ ଅଫିସ୍‌କୁ ଫୋନ୍ କରି ଦେଉଛି। ସେମାନେ ତୋ ଫୋନ୍‌ରେ ହ୍ୱାଟ୍ସଆପ୍ ଲୋଡ କରି କଲ୍ କେମିତି କରିବାକୁ ହବ ଶିଖାଇ ଦେବେ। ତୁ ଯେତେବେଳେ ଚାହିଁବୁ ଆମ ସମସ୍ତଙ୍କୁ ଭିଡିଓ କଲ୍‌ରେ ଦେଖି ମଧ୍ୟ ପାରିବୁ। ସେଇଠି ତୁ ଭଲରେ ରହ।” ଏତକ କହି ରିଙ୍କି ସେପଟୁ ଫୋନ୍ କାଟି ଦେଇଥିଲା।

କିଛି ସମୟ ପରେ ବୃଦ୍ଧାଶ୍ରମର ପରିଚାରିକାଟିଏ ଆସି କହିଥିଲା, “ମାଉସୀ ଆପଣଙ୍କ ଫୋନ୍ ଦିଅନ୍ତୁ। ସେଥିରେ ମୁଁ ହ୍ୱାଟ୍ସଆପ୍ ଲୋଡ କରିଦେବି। ଆପଣଙ୍କୁ ପୁଅ ପାଖକୁ କଲ୍ କରିବାକୁ ସୁବିଧା ହେବ। ଆମେସବୁ ଆପଣଙ୍କ ପିଲା ପରି। ଦେଖିବେ କିଛି ଦିନ ଭିତରେ ଆପଣଙ୍କୁ ଏ ଜାଗା କେମିତି ନିଜର ଲାଗିବ।” ମିଲି କିଛି ଶୁଣି ପାରୁ ନଥିଲେ। ନିଜ ହାତକୁ ଭଲରେ ପରଖୁଥିଲେ। ଆଉ ନିଶ୍ଚିତ ହୋଇଥିଲେ ଯେ, କେତେକଙ୍କ ହାତରେ ପାଞ୍ଚ ଆଙ୍ଗୁଠି ସମାନ।

ୟୁନିଟ-୮, ନୂଆପଲ୍ଲୀ, ଭୁବନେଶ୍ୱର-୧୨, ମୋ-୯୪୩୭୮୧୫୫୪୦

## ଚରିତ୍ର

ଘନଶ୍ୟାମ ପଲେଇ

ସନ୍ଧ୍ୟା ରତରତ ତା’ ସାଙ୍ଗକୁ ଖରାଦିନିଆ କାଳ ବୈଶାଖି ବର୍ଷା। ବାତ୍ୟା ପରର ଦୃଶ୍ୟ ଭଳି ଲାଗୁଥିଲା। ଚାରିଆଡେ ଡାଳପତ୍ର ଛିନ୍ନଛତ୍ର ହେଇ ପଡିଛି। ଠାଏ ଠାଏ ଗଛ ଉପୁଡି ରାସ୍ତାକୁ କାତ ମେଲେଇ ନିଃସହାୟ ହେଇ ପଡିଛନ୍ତି। ଏହି ଅସମୟରେ କାହାକୁ ପଚାରିବେ ଯେ.. କାଉ କୋଇଲିଟେ ବି ଦିଶୁ ନାହାଁନ୍ତି... ରାସ୍ତାଘାଟ ପୂରାପୂରି ଶୁନଶାନ୍। ନେଟୱାର୍କ କାମ କରୁନି... ଗୁଗୁଲ ମ୍ୟାପ୍ ଦେଖି ବି ପହଞ୍ଚି ହେବ ନାହିଁ। ଆଗକୁ କିଏ ଜଣେ ମଣିଷ ଦେଖା ଗଲା। ଗାଡିର କାଚ ତଳକୁ କରି ପଚାରିଲି—ନରେଶବାବୁର ଘର କେଉଁ ପାଖରେ..?

ଯାହା ହେଉ ନରେଶର ନୂଆ ଠିକଣାରେ ଯାଇ ପହଞ୍ଚିଗଲି। ଝୁଲୁଥିବା ତା’ ନାମ ଫଳକ ଦେଖି ଦୀର୍ଘ ନିଶ୍ୱାସଟେ ଛାଡିଲି।

ଗେଟ୍ ଖୋଲି ପଶିଚି ତ ଭୋ... ଭୋ... ହେଇ ମାଡି ଆସିଲା, ମସ୍ତ ବଡ କଳା ଭୁଷୁଣ୍ଡା କୁକୁରଟେ। ଡରି ଗଲି... ବଢି ଗଲା ହୃତସ୍ପନ୍ଦନ। ଏକ ଅଜଣା ଭୟରେ ଡାକଟେ ଛାଡିଲି—ନରେଶ... ନରେଶକିରେ!... ମୁଁ ନରି ମଉସା ଆସିଛି।

ମୋ ଡାକଟା କୁକର ଭୁକିବା ସ୍ୱରଠୁଁ ଆହୁରି ଦୁର୍ବଳ ଲାଗୁଥିଲା... ମିଳେଇ ଯାଉଥିଲା କୁକୁରର ଭୁ..ଭୁ...ଗର୍ଜନ ମଧ୍ୟରେ। ତା’ର ଲହ ଲହ ଜିହ୍ୱା ଦେଖି ମୋ



ହାଲକ୍ ଶୁଖିଗଲାଣି। ପ୍ରାଣ ବିକଳରେ ଗୋଡ ଆଉ ଆଗକୁ ନ ବଢି ପଛକୁ ଘୁଞ୍ଚୁଥିଲା।

ହେଲେ ଏ କ’ଣ... କୁକୁରଟି ଆଉ ନ ଭୁକି କୁଁ..କୁଁ... ହେଇ ମୋ ଆଡକୁ ମାଡି ଆସୁଛି... ଲାଞ୍ଜ ହଲେଇ। ଜାଣିଲି ଆଉ ନାହିଁ ବିପଦ... ଟଳିଗଲାଣି। ତଥାପି ଅଜଣା ଭୟରେ ଦେହ ହାତ ଥରୁଥିଲା। ଏତିକି ବେଳକୁ ନରେଶ ଭିତରୁ ବାହାରି ଆସିଲା। କହିଲା—ମଉସା! ଆପଣ...

ମୋତେ ଦେଖି ସବୁ ବୁଝିଗଲା କି କ’ଣ? କହିଲା—ଓହୋ! ସେରୁକୁ ଦେଖି ଡରିଗଲେ କି? ଏଇଟା ପରା ଆପଣଙ୍କ ପାଖରୁ ଛୋଟ ଥିଲା ଆଣିଥିଲି...... ଖାଇପିଇ ମୋଟା ହେଇ ଯାଇଛି।

ମୁଁ ଯାଇ ଚେୟାରରେ ବସିଲା ପରେ ମୋ’ ଗୋଡ ପାଖକୁ ଲାଗି ସିଏ ବି ଗୋଡ ଲମ୍ବେଇ ଶୋଇଲା। ମୋ’ ପାଦକୁ ସ୍ନେହରେ ଚାଟି ପକାଇଲା। ମନେ ପକାଇବାକୁ ଚେଷ୍ଟା କଲି- ଏଇଟି ତାହାଲେ ସେଇ କୁକୁର ଛୁଆ। ଯାହାର ଗୋଡ ଖଣ୍ଡିଆ ହେଇ ରାସ୍ତାରେ ଗଡୁଥିଲା। ତାକୁ ଘରକୁ ଆଣି... ଡେଟୋଲ ପାଣିରେ ଧୋଇ... ଆଓଡେକ୍ସ ଲଗାଇ ବ୍ୟାଣ୍ଡେଜ କରି ଘରେ କିଛିଦିନ ରଖିଥିଲି। ଆଜି ଏତେ ବଡ ହେଇ ମୋଟାସୋଟା... ବଳଶାଳୀ ଦିଶୁଛି... ଚିହ୍ନି ହେଉନି ଜମାରୁ।

ସେରୁ ମୁଣ୍ଡକୁ ଆଉଁସି ଦେଉ ଦେଉ ମୁଁ ମନେମନେ ଭାବୁଥିଲି-- ଗୋଟିଏ ଛୋଟ କୁକୁର ଛୁଆକୁ କେଇଟା ଦିନ ସ୍ନେହ ଶ୍ରଦ୍ଧା ଦେଇଥିଲି ଯେ- ସେ ଏତେ ଦିନକ ପରେ ବି ମୋତେ ଚିହ୍ନି ପାରିଛି। ଅଥଚ ଯେଉଁ ପୁଅକୁ ନିଜର ସର୍ବସ୍ୱ ଢାଳି ପାଳିପୋଷି ମଣିଷ କଲି... ସେ ଆଜି ମୋତେ ବୁଢା ବୟସରେ ଚିହ୍ନି ପାରୁ ନାହିଁ....। ଆମେରିକା ତା’କୁ କୁଆଡେ ଭାରି ଭଲ ଲାଗୁଛି... ସେଇଠି ତା’ର ନାଗରିକତ୍ୱ ଗ୍ରହଣ କରି ରହିବ।

----ସମାପ୍ତ---

ଟେନସା, ସୁନ୍ଦରଗଡ-୪୨, ମୋ- ୯୪୩୭୭୧୮୫୦୦

## କୈକେୟୀ

ସନ୍ତୋଷ ମିଶ୍ର

କୈକେୟୀ ନାମ୍ନୀ କୌଣସି ମହିଳା କିମ୍ବା ମାଆ ପ୍ରାୟତଃ ବିରଳ। ବିରଳ ତ ନୁହେଁ। ଆଦୌ ଦେଖା ଯାଆନ୍ତି ନାହିଁ ବୋଲି କହିବା ବୋଧହୁଏ ଅଧିକ ଠିକ୍ ହେବ। ଏମିତି ଏକ ଘୃଣ୍ୟ ଶବ୍ଦ କୈକେୟୀ !!!

ତ୍ରେତୟା ଯୁଗରେ ଅଯୋଧ୍ୟା ନରେଶ ଦଶରଥଙ୍କର ତିନି ରାଣୀ - କୌଶଲ୍ୟା, କୈକେୟୀ, ସୁମିତ୍ରା। ମଧ୍ୟମା ରାଣୀ କୈକେୟୀ ଅପରୂପା ଲାବଣ୍ୟମୟୀ। ଯୁଦ୍ଧ ବିଦ୍ୟାରେ ନିପୁଣା। ସ୍ୱାମୀ ସେବାରେ ଅଦ୍ୱିତୀୟା। ରାଜକାର୍ଯ୍ୟରେ ବିଚକ୍ଷଣ ପରାମର୍ଶଦାତ୍ରୀ। ମୋଟାମୋଟି ଭାବେ କୈକେୟୀ ଥିଲେ ଦଶରଥଙ୍କର ପ୍ରିୟତମା ରାଣୀ।

କୈକେୟୀଙ୍କ ପୁତ୍ର ଭରତ। ମାତ୍ର କୌଶଲ୍ୟାଙ୍କ ଗର୍ଭରୁ ଜନ୍ମିତ ରାମଚନ୍ଦ୍ରଙ୍କ ପ୍ରତି ତାଙ୍କର ଅଗାଧ ବାତ୍ସଲ୍ୟ ମମତା ଥିଲା। ଭରତଙ୍କଠାରୁ ବି ବହୁ ଗୁଣରେ ଅଧିକ। ରାମଙ୍କ ପାଦ ପଦ୍ମରେ ଯେପରି କଣ୍ଟାର ଆଘାତ ନଲାଗେ ସେଥିପାଇଁ ସେ ସର୍ବଦା ଯତ୍ନଶୀଳା ଥିଲେ। ସମସ୍ତଙ୍କୁ ଲାଗେ - ଭରତ ନୁହେଁ ...ରାମ ହିଁ ତାଙ୍କ ଗର୍ଭରୁ ଜାତ !

ଦିନେ ଦଶରଥଙ୍କ ସହିତ ମୃଗୟା ଯାଇଥିଲେ କୈକେୟୀ। ଜଙ୍ଗଲ ସାରା ପରିକ୍ରମା କରି ବି କୌଣସି ଶିକାର ପାଇ ନଥିଲେ। କ୍ଲାନ୍ତଶ୍ରାନ୍ତ ରାଜା ଗୋଟିଏ ଗଛ ମୂଳରେ ରାଣୀଙ୍କ କୋଳରେ ମୁଣ୍ଡରଖି ବିଶ୍ରାମ ନେଉଥିଲେ। କିଛି କ୍ଷଣ ମଧ୍ୟରେ ନିଦ୍ରା ଘାରିଗଲା ରାଜାଙ୍କ ଆଖିରେ।

ସେହି ଗଛର ଶାଖାରେ ବସି ଶୁଆଶାରୀ ଦୁହେଁ କଥା ହେଉଥିଲେ। କୈକେୟୀଙ୍କର ପକ୍ଷୀମାନଙ୍କ ଭାଷା ବୁଝିବାର ଶକ୍ତି ଥିଲା। ପିତ୍ରାଳୟରେ କୁମାରୀ କନ୍ୟା ଥିବା କାଳରେ ଏକଦା ଋଷି ଦୁର୍ବାସା କେକେୟ ରାଜାଙ୍କ ଅତିଥି ହୋଇଥିଲେ। ଋଷିଙ୍କୁ ସେବା କରିବାର ଦାୟିତ୍ୱ ନ୍ୟସ୍ତ ହୋଇଥିଲା କୈକେୟୀଙ୍କ ଉପରେ। ରାଜକୁମାରୀଙ୍କ ସେବା ଯତ୍ନରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଦୁର୍ବାସା ବରଦାନ କରିଥିଲେ - ରାଜ କୁମାରୀ ! ତୁମେ ପଶୁପକ୍ଷୀ ମାନଙ୍କ ଭାଷା ବୁଝିବାର କ୍ଷମତା ହାସଲ କରିବ। ବାସ୍ ତାପରେ ପଶୁ ପକ୍ଷୀମାନଙ୍କର ଭାଷା ବୁଝିପାରି ସେ ବେଶ ଅମୋଦିତ ହେଉଥିଲେ।

ସେଦିନ ଗଛ ଉପରେ ବସିଥିବା ଶୁଆ ଶାରୀକୁ କହୁଥିଲା - ଦେଖ, ଏଇ ଗଛ ମୂଳେ ଶୋଇଥିବା ଲୋକ ଜଣକ ହେଲେ ଆଯାଧ୍ୟାରାଜା ଦଶରଥ। ସେ ଯାହା କୋଳରେ ମୁଣ୍ଡ ରଖି ଶୋଇଛନ୍ତି ; ସେ ସୁନ୍ଦରୀ ରାଣୀ ହେଲେ କୈକେୟୀ। ବିଚରା !! ସେମାନଙ୍କର ସୁଖର ଦିନ ସରି ଆସୁଚି। କଳାମେଘ ଘୋଟି ଆସୁଚି। ଆଉ ଗୋଟିଏ ଦିନ ପରେ କଳାମେଘ ଭୟଙ୍କର ତାଣ୍ଡବ ରଚିବ। ସବୁ କିଛି ଓଲଟ ପାଲଟ ହୋଇଯିବ। ସିଂହାସନରେ ଅଭିଷିକ୍ତ ରାଜା ଜୀବିତ ରହିବେ ନାହିଁ। ଅରାଜକତା ବ୍ୟାପିଯିବ। ଚଉଦ ବର୍ଷ ପରେ ବିପଦ ଖଣ୍ଡନ ହେବ।

ଶୁଆଶାରୀଙ୍କ କଥା କୈକେୟୀଙ୍କ ମନରେ ଭୀଷଣ ପ୍ରତିକ୍ରିୟା ସୃଷ୍ଟି କଲା। ଜ୍ୟେଷ୍ଠ ପୁତ୍ର ହେତୁ ସିଂହାସନ ଉପରେ କେବଳ ରାମର ଅଧିକାର। ଯଦି ରାମ ଅଭିଷିକ୍ତ ହୁଏ, ତାହେଲେ ତା ଜୀବନ ପ୍ରତି ବିପଦ। ନା..



ନା..ରାମ ମୋର ଗର୍ଭରୁ ଜନ୍ମ ନହେଲେ ମଧ୍ୟ ମୋର ଜନ୍ମିତ ସନ୍ତାନ ଭରତଠୁଁ ବି ଅଧିକ ପ୍ରିୟ। ରାମ ବିପଦରେ ପଡୁ ଏ କଥା ମୁଁ କେବେହେଲେ କଳ୍ପନା କରି ପାରିବି ନାହିଁ। ରାମର ନିରାପଦ ଜୀବନ ପାଇଁ ବରଂ ଭରତକୁ ଉତ୍ସର୍ଗ କରିଦେବି। ହେ ପ୍ରଭୁ ମୋର ପ୍ରାଣଧନ ରାମକୁ ସହାୟକ ହୁଅନ୍ତୁ! ତାକୁ ସବୁ ବିପଦରୁ ରକ୍ଷା କରନ୍ତୁ!

ସେଦିନ ନିଶାର୍ଦ୍ଧରେ କୈକେୟୀଙ୍କୁ ଦେଖାକଲେ ଶ୍ରୀରାମ। କହିଲେ - ମା ’ ମୁଁ ତୁମ ସହିତ କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବାକୁ ଆସିଛି। କୈକେୟୀ କହିଲେ - ଜାଣିଛି ରେ ଧନ। ସେମିତି କିଛି ଗହନ କଥା ନଥିଲେ ତୁ କଣ ଏତେ ରାତିରେ ମୋ ପାଖକୁ ଆସିଥାନ୍ତୁ !ରାମ କହିଲେ - ମା ’ ଏବେ ତୁମଠୁଁ ଦୂରେଇ ଯିବାପାଇଁ ସମୟ ଆସୁଚି। କୈକେୟୀ ବେଦନାସିକ୍ତ କଣ୍ଠରେ କହିଲେ - ଧନରେ , ତୁ ମୋଠୁଁ ଦୂରେଇ ଗଲେ ମୁଁ ବଞ୍ଚିବି କେମିତି। ଗମ୍ଭୀର ହୋଇଯାଇ ଶ୍ରୀରାମ କହିଲେ - ମା ’ ବିଧି ବଡ ଦାରୁଣ। ବିଧିର ବିଧାନ ବଡ ବିଚିତ୍ର। ସୂଚନା ମିଳିଛି ଆସନ୍ତା କାଲି ପିତା ଦଶରଥ ମୋର ରାଜ ସିଂହାସନରେ ଅଭିଷିକ୍ତ ହେବା ନିଷ୍ପତ୍ତି ରାଜ ସଭାରେ ଘୋଷଣା କରିବେ। କୈକେୟୀ ଆନନ୍ଦରେ ଗଦ୍ ଗଦ ହୋଇ କହିଲେ - ଏହା ଠାରୁ ବଳି ଭଲ ଖବର କଣ ଥାଇପାରେ ! ଜ୍ୟେଷ୍ଠ ପୁତ୍ର ହିସାବରେ ସିଂହାସନ ଉପରେ ତୋର ତ ପ୍ରଥମ ଅଧିକାର। ତାଛଡା ତୋ ଠାରୁ ଅଧିକ ଯୋଗ୍ୟ ପ୍ରଜାବତ୍ସଳ, ପ୍ରଜାନୁରାଗୀ ଶାସକ କାହୁଁ ମିଳିବେ। ରାମଚନ୍ଦ୍ର ନମ୍ର ଭାବେ ସ୍ମିତ ହସି କହିଲେ - ମା ’ ମୁଁ କଣ କେବଳ ରାଜା ହେବା ପାଇଁ ଧରାବତରଣ କରିଛି। ତୁମେ କଣ ଚାହୁଁଛ ମୋର ଅବତାର ଲକ୍ଷଭ୍ରଷ୍ଟ ହେଉ। କେତେ ମୁନିଋଷି ମୋର ଦର୍ଶନ ପାଇଁ କେତେ କାଳରୁ ଅପେକ୍ଷା କରି ରହିଛନ୍ତି! ଦୁଷ୍ଟ ସଂହାର କରି ପୃଥିବୀକୁ ପାପ ଭାରାରୁ ମୁକ୍ତ କରିବାକୁ ପଡ଼ିବ। ମୁକ୍ତି ପାଇଁ ଅପେକ୍ଷା କରିଥିବା ମୋର ଭକ୍ତମାନଙ୍କର ଆଶା ପୂରଣ କରିବାକୁ ହେବ। ମୁଁ ଯଦି ବନକୁ ନଯାଏ ତାହେଲେ ଏ ସବୁ କାର୍ଯ୍ୟ ହେବ କେମିତି। ପୁତ୍ର ସୋହାଗିନୀ କୈକେୟୀ ଅବୁଝା ଆଖିରେ ରାମଚନ୍ଦ୍ରଙ୍କ ଚାହିଁ ପଚାରିଲେ - ବାବୁରେ , ଏ ଅବତାର,ଭକ୍ତ, ଦୁଷ୍ଟ ସଂହାର ଓ ମୁକ୍ତି ... କଣ ସବୁ କହୁଚୁ ... ମୁଁ କିଛି ବୁଝି ପାରୁନି। ଶ୍ରୀରାମ ସେମିତି ହସି ହସି କହିଲେ - ମା ’ ତୁମେ କଣ ଜାଣିନ ମୁଁ କିଏ। କୈକେୟୀ କହିଲେ - ମୁଁ ଜାଣେ ତୁ ମୋର ପୁଅ। ନିଜ ଜନ୍ମକଲା ମାଆ କୌଶଲ୍ୟାଠୁଁ ତୁ ମୋତେ ଅଧିକ ଭଲ ପାଉ। ମୁଁ ବି ମୋ ପୁଅ ଭାରତ ଠାରୁ ବହୁଗୁଣ ରେ ଅଧିକ ତୋତେ ଭଲ ପାଏଁ। ଶ୍ରୀରାମ କହିଲେ - ମା ’ ମୁଁ ନାରାୟଣଙ୍କ ଅବତାର। ଦୁଷ୍ଟ ଦଳନ, ସନ୍ଥ ପାଳନ ନିମନ୍ତେ ମୋର ଅବତାର । କୈକେୟୀ କହିଲେ - ମୁଁ କେମିତି ଜାଣିବି ତୁ ନରରୂପୀ ନାରାୟଣ। ରାମଚନ୍ଦ୍ର କହିଲେ - ତମେ କିଛି ସମୟ ଆଖି ବନ୍ଦ କର ତାପରେ ଖୋଲ। କୈକେୟୀ ସେମିତି କଲେ। ଦେଖିଲେ ଶ୍ରୀନାରାୟଣଙ୍କ ଦିବ୍ୟ ଚତୁର୍ଦ୍ଧାମୂର୍ତ୍ତି। ସାଷ୍ଟାଙ୍ଗ ପ୍ରଣିପାତ କରି କହିଲେ - ନିସ୍ତରିଲି ପ୍ରଭୁ ନିସ୍ତରିଲି !! ସାର୍ଥକ ହେଲା ମନୁଷ୍ୟ ଜନ୍ମ। ପାଦପଦ୍ମରେ ସର୍ବଦା ଚିତ୍ତ ରହିଥାଉ। ଭକ୍ତି ପ୍ଲାବିତ କୈକେୟୀଙ୍କ ନୟନ ଯୁଗଳ ସ୍ୱତଃ ମୁଦ୍ରିତ ହୋଇ ଆସିଲା।

ରାମଚନ୍ଦ୍ର କହିଲେ - ମା ’ ଆଖି ଖୋଲ ! କୈକେୟୀ ଦେଖିଲେ ସମ୍ମୁଖରେ ପ୍ରିୟ ପୁତ୍ର ରାମ। ଓଠରେ ଲାଖି ରହିଛି ଚିର ରହସ୍ୟମୟ ସ୍ମିତହସ।ରାମ କହିଲେ - ଏକଦା ପିତା, ସମ୍ବରାସୁର ସହିତ ଯୁଦ୍ଧ କରି କ୍ଷତବିକ୍ଷତ ହୋଇଥିଲା ବେଳେ ତୁମର ସେବାଶୁଶ୍ରୁଷାରେ ଆରୋଗ୍ୟ ଲାଭ କରି ତୁମକୁ ଦୁଇଟି ବର ଯାଚିଥିଲେ। ତୁମେ ସେତେବେଳେ ନମାଗି ପରେ ଆବଶ୍ୟକ ହେଲେ ମାଗିବ ବୋଲି କହିଥିଲ। ଏବେ ସେହି ଦୁଇଟି ବର ମାଗିବାର ସମୟ ଆସି ଯାଇଛି। ଏତିକି କହି ରାମ ମା ’ ଙ୍କ ଠାରୁ ବିଦାୟ ନେଇ ଚାଲିଗଲେ।

ଶୁଆଶାରି କଥା ଶୁଣି ସାରିବା ପରେ ରାମଙ୍କୁ କିପରି ବିପଦ ମୁକ୍ତ କରାଯିବ ଅନବରତ ସେହି ଚିନ୍ତାରେ ଘାରି ହେଉଥିଲେ କୈକେୟୀ। ଏବେ ସମାଧାନର ବାଟ ମିଳି ଯାଇଛି। ଅନ୍ୟମାନେ ତାଙ୍କୁ ଯାହା ବୁଝନ୍ତୁ ପଛେ, ନୟନ ପିତୁଳା ରାମ ତ ତାଙ୍କୁ ଭୁଲ ବୁଝିବ ନାହିଁ ! ଏହା ଭାବି ସେ ଉଲ୍ଲସିତ ହୋଇ ଉଠିଲେ।

ଅବଲୀଳାକ୍ରମେ ମନ୍ଥରା ସହିତ ପରାମର୍ଶ କରି କୈକେୟୀ ରାଜା ଦଶରଥଙ୍କୁ ଦୁଇଟି ବର ମାଗିଲେ - ୧/ ରାମ ଚଉଦ ବର୍ଷ ବନକୁ ଯିବ ୨/ ଭରତ ଅଯୋଧ୍ୟାର ରାଜା ହେବ। ଯୋଉ ରାମ ରାତି ପାହିଥିଲେ ଅଯୋଧ୍ୟା ରାଜସିଂହାସନ ଅଳଙ୍କୃତ କରିଥାନ୍ତେ , ପିତୃସତ୍ୟ ପାଳନ ପାଇଁ ତାଙ୍କୁ ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ବନବାସ ଯିବାକୁ ପଡ଼ିଲା।

ଚଉଦବର୍ଷ ପରେ ଅଯୋଧ୍ୟାକୁ ଫେରିଆସି ଶ୍ରୀ ରାମଚନ୍ଦ୍ର ମାତା କୈକେୟୀଙ୍କ ପଦବନ୍ଦନା କରି କହିଲେ - ମା ’ ତମ ଭଳି ମା ’ ଜଗତରେ ଅଦ୍ୱିତୀୟ !!!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

## ମନ ପାରିଜାତ

ସୁନନ୍ଦା ମହାନ୍ତି

ଫୁଲ ପରି ମଣିଷମାନଙ୍କ ଭିତରେ ଅନେକ ସୁବାସ। କାହାର ବଳ ତ କାହାର କଳ, କାହାର ବୁଦ୍ଧି ତ କାହାର ବିଦ୍ୟା, କାହାର ପ୍ରେରଣା ତ କାହାର ଆହ୍ୱାନକୁ ଏକାଠି କରି କିଛି କରିବାକୁ ରୁଦ୍ର ଏକାଠି କରେଇଥିଲା ଅନେକ ପ୍ରବାସୀ ଭାରତୀୟଙ୍କୁ। ପାହାଡ଼ କାଟି ସୁଡ଼ଙ୍ଗ ତିଆରି କରିପାରିଲେ ସୈନିକମାନଙ୍କ ମନୋବଳ ବଢିବା ସହିତ ଖରା, ବର୍ଷା, ଶୀତ, କାକର ସହିତ କାଳବୈଶାଖି ପ୍ରଭାବରୁ କାଦୁଆ ପବନରୁ ରକ୍ଷା ପାଇବା ସଙ୍ଗେ ଶତ୍ରୁ ଆକ୍ରମଣ ସହିତ ବନ୍ୟ ହିଂସ୍ର ଜନ୍ତୁଙ୍କ ଭୟରୁ ମଧ୍ୟ ରକ୍ଷା ପାଇପାରିବେ ସେମାନେ। ଲାଗିଗଲେ ପ୍ରବାସୀ ଭାରତୀୟମାନେ। ପାହାଡ଼ କାଟି ନିଜ ବୁଦ୍ଧିମତା ପ୍ରୟୋଗ କରି ପାହାଡ଼ ଗୁମ୍ଫାମାନଙ୍କରେ ଏମିତି ପଥର କବାଟ ଖଞ୍ଜିଦେଲେ ଯେମିତି ସୈନିକଭାଇମାନେ ସୁରକ୍ଷା ପ୍ରାପ୍ତ ହେବା ସହ ସନ୍ତ୍ରାସ, ଆତଙ୍କବାଦୀଙ୍କ ମୂଳପ୍ରାଟନ ପାଇଁ ସିନ୍ଦୂର ଅପରେସନରେ ପ୍ରକୃତ ସହାୟକ ହୋଇ କହିବେ ଜୟ ମୋ ଦେଶ ଭରତ ବର୍ଷେ କି ଜୟ ଆଉ ଦେଶବାସୀ କହିବେ ଜୟ ପ୍ରବାସୀ ଭାରତୀୟ ଭାଇଭଉଣୀ କି ଜୟ ଏବଂ ତତ ସହିତ କହିଉଠିବେ ଜୟ ଯବାନ ଓ ଜୟ ମୋ ଜନମ ଭୂଇଁ ଯାହାର ଉଦେଶ୍ୟ କେବଳ ଶାନ୍ତି ପ୍ରୀତି ଓ ମୈତ୍ରୀ ସହ ସଦ୍ଭାବନା।

ପ୍ରତିଟି ସୁନେଲି ସକାଳେ ନାନା ରଙ୍ଗର ସୁବାସିତ ଫୁଲ କୁହେ: “ସେଇ ସାର୍ଥକ ଜୀବନ, ଯେଉଁଠି ଉପକାର ରହିଥାଏ।”ଫୁଲ କେବଳ ଦେଖିବାକୁ ସୁନ୍ଦର ନୁହେଁ, ଏହା ଜୀବନର ଏକ ଗଭୀର ପାଠକୁ ଅତୁଟ ଭାବେ ଶିଖାଏ। ତଳେ ପଡ଼ିଥିବା ମାଟି, ବାତାବରଣର ଅନୁକୂଳତା ନଥିବା ସତ୍ୱେ ମଧ୍ୟ, ଫୁଲ ନିଜ ସୌନ୍ଦର୍ଯ୍ୟ ଓ ସୁଗନ୍ଧକୁ ବିକିରଣ କରିଥାଏ। ସେ କାହାକୁ ଅପମାନ କରେନାହିଁ ବରଂ ସମସ୍ତଙ୍କ ସେବା କରିଚାଲେ, କିଏ ତା’ ରୂପ ବାସ୍ନାରେ ବଶବର୍ତ୍ତୀ ହୋଇ ସ୍ୱପ୍ନ ଦେଖି ନିଜ ଦୁଃଖ ଭୁଲେ ତ କିଏ ତାକୁ ନେଇ ଗଭାରେ ଖୋସି ନିଜକୁ ସଜାଇ ହୁଏ, କିଏ ତାକୁ ନେଇ ପାଦ ତଳେ ମକଚି ଦିଏ ତ ଆଉ କିଏ ତାକୁ ନେଇ ଦେବତାଙ୍କ ଗଳାର ହାର କରେ, ଏମିତି ଇତ୍ୟାଦି ଇତ୍ୟାଦି କିଛି । ଫୁଲ ଭଳି ଆମେ ମଧ୍ୟ ଆପଣା ଜୀବନରେ ହସ ବିକିରଣ କରିପାରିବା, ଯାହା ଅନ୍ୟଙ୍କ ଅନ୍ତରକୁ ପ୍ରଭାବିତ କରିପାରିବ ଏବଂ ତାଙ୍କୁ କର୍ମମନସ୍କ କରି ଖୁସି ଦେଇ ପାରିବ । ନିଜେ ହସିବା ଓ ଅନ୍ୟକୁ ହସାଇବା ପାଇଁ ଫୁଲର ଯେମିତି ଜନ୍ମ ପ୍ରବାସରେ ଥାଇ ପ୍ରବାସୀ ଭାରତୀୟ ମାନେ ପ୍ରତ୍ୟେକ ଅଢେଇ ଦିନର ଜୀବନ ରହଣିରେ ନିଜ ଜନ୍ମଭୂମି ଭରତ ବର୍ଷର ସାମଗ୍ରିକ ଉର୍ନ୍ନତି ପାଇଁ ଚିନ୍ତା କରିବା ଉଚିତ ଭାବି, କାଳବୈଶାଖିର କାଦୁଆ ପବନ ତେଜି ଉଠିବସିଲା ରୁଦ୍ର । ତାକୁ ଏହି ଭାବନା ବିଚଳିତ କରୁଥିଲା କି ସ୍ୱଳ୍ପ ଜୀବନର ଏକ ବଡ଼ ମହୌଷଧି ହେଲା ନିଜ ଜନ୍ମଭୂଇଁ ପାଇଁ କିଛି ଚିନ୍ତା ପ୍ରକଟ କରିବା ଦରକାର। ସନ୍ତ୍ରାସବାଦର ଉପଯୁକ୍ତ ଜବାବ ଦେବାକୁ ଦେଶ ସିନ୍ଦୂର ନାମକ ଅପରେସନ ଆରମ୍ଭ କରିଥିବା ବେଳେ ପ୍ରବାସୀ ଭାରତୀୟ ମାନଙ୍କୁ ଏକାଠି କରି ବୈଜ୍ଞାନିକ ମନୋଭାବ ରଖି କାରିଗରୀ ବିଦ୍ୟା ପ୍ରୟୋଗ କରିବା ସହିତ ସୀମାନ୍ତରେ ସୈନିକମାନଙ୍କ ପାଇଁ କିଛି କରିବାକୁ ହେବ ବୋଲି ଭାବି ସଫଳତାର ସ୍ୱାଦ ଚାଖିଥିଲା ରୁଦ୍ର।କହୁଥିଲା ଜୟ ଜନନୀ।

ସକ୍ଷୀଗୋପାଳ
ପୁରୀ, ମୋ-୯୦୪୦୯୭୭୩୨୭

# ଇଂଲଣ୍ଡ ଗସ୍ତ ପୂର୍ବରୁ ସିଦ୍ଧିବିନାୟକ ମନ୍ଦିର ପହଞ୍ଚିଲେ ଗୌତମ ଗମ୍ଭୀର



**ନୂଆଦିଲ୍ଲୀ**

୨୦୨୫ ଆଇପିଏଲ ଶେଷ ହେବା ପରେ, ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରିବ। ଏହି ଗସ୍ତରେ ଦୁଇ ଦଳ ମଧ୍ୟରେ ୫ଟି ଟେଷ୍ଟ ମ୍ୟାଚ ଖେଳାଯିବ। ଏହି ସିରିଜ୍ ସହିତ ଭାରତୀୟ ଦଳ ନୂତନ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ର ମଧ୍ୟ ଆରମ୍ଭ କରିବ ଏପରି ପରିସ୍ଥିତିରେ, ଟିମ୍ ଇଣ୍ଡିଆ ନୂତନ ଚକ୍ରର ଏକ ମହାନ ଆରମ୍ଭ କରିବାକୁ ଚାହିଁବ।

ସିରିଜ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ତାଙ୍କ ପରିବାର ସହିତ ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିରରେ ପହଞ୍ଚିଥିଲେ। ଏହି ସମୟରେ ସେ ପୂଜା କରିଥିଲେ। ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳର ଟେଷ୍ଟରେ ପ୍ରଦର୍ଶନ କିଛି ଭଲ ହୋଇନାହିଁ। ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତୀୟ ଦଳକୁ ୧-୩ ଗୋଲରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା।

ପୂର୍ବରୁ ନ୍ୟୁଜିଲାଣ୍ଡ ଘରୋଇ ମାଟିରେ ଭାରତକୁ କ୍ଲିନ୍ ସୁଇପ୍ କରିଥିଲା। ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ୧୦ଟି ଟେଷ୍ଟ ମ୍ୟାଚ୍ ଖେଳିସାରିଛି। ଏହି ସମୟରେ ଭାରତୀୟ ଦଳ କେବଳ ୩ଟି ମ୍ୟାଚ ଜିତିପାରିଛି। ଭାରତୀୟ ଦଳ ୬ଟି ମ୍ୟାଚ୍‌ରେ ପରାଜୟର ସାମ୍ନା କରିଛି ଏବଂ ଗୋଟିଏ ମ୍ୟାଚ୍ ଡ୍ର' ରହିଛି।

# ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ : ରଙ୍ଗାମାଟିଆ ବିଜୟୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମଧୁବନ ମିନି ଷ୍ଟାଡିୟମ ପଡିଆରେ ମହେଶ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିନର ପ୍ରଥମ ମ୍ୟାଚ୍‌ରେ ଶିମିଳିପାଳ ଫୁଟବଲ କ୍ଲବ ବିନ୍ଦୁସାଗର ଫୁଟବଲ କ୍ଲବକୁ ୫-୦ ଗୋଲରେ ପରାସ୍ତ କରିଥିଲା। ଦଳ ପକ୍ଷରୁ ଟିକି ହେମ୍ବ୍ରମ ୨ଟି, ରାଇସେନ, ମଧୁ ଓ ଛୋଟୁ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ରଙ୍ଗାମାଟିଆ ଫୁଟବଲ କ୍ଲବ ଝାଂଝଡ଼ପାଳକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଭଣ୍ଡ କିସ୍କୁ ଏକ ମାତ୍ର ଗୋଲ କରିଥିଲେ। ଶୈକତ ଗିରି, ଅମିତ ମାଇତି, ଚନ୍ଦନା ଘୋଷ ଓ ସୁଭଦ୍ରା ହେମ୍ବ୍ରମ ଖେଳ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସ୍ତରୀୟ ଫୁଟବଲ ଖେଳାଳି ଅସିତ ପତି ଓ ପ୍ରଦୀପ କିଶୋର ମହାନ୍ତିଙ୍କୁ ମୁଖ୍ୟ ଆୟୋଜକ ଲୋହିତ ଦାଶ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ପୂର୍ବତନ କୋଚ କୁମାର ରଞ୍ଜନ ପଣ୍ଡା, ବିଶିଷ୍ଟ ଫୁଟବଲ ଖେଳାଳି ଯଦୁନାଥ ମାଝୀ, କୈଳାସ ବେହେରା, ଅଶୋକ ମିସ୍ତ୍ରୀ, ଓ ବିଜୟ କୁମାର ଦାସ (ମଣ୍ଟୁ ଦା), ତପନ କୁମାର ସିନ୍‌ହା ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଆୟୋଜକ ବିନୋଦ ରାମ, ରବୀନ୍ଦ୍ର ନାୟକ, ନୁରୁଲ ଇସଲାମ, ସୁକେନ୍ଦୁ ଦାସ ଉପସ୍ଥିତ ଥିଲେ।

## ଆଇପିଏଲର ବଳକା ମ୍ୟାଚ୍ ପାଇଁ ନୂଆ ନିୟମ

# ଅସ୍ଥାୟୀ ରିପ୍ଲେସମେଣ୍ଟରେ ଖେଳାଳି ଆଣିପାରିବେ ଟିମ୍

**ନୂଆଦିଲ୍ଲୀ**

ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ଯୋଗୁଁ ସ୍ଥଗିତ ଥିବା ଆଇପିଏଲ ପୁଣି ଥରେ ମେ ୧୭ରୁ ଆରମ୍ଭ ହେବ। ଆଇପିଏଲ ୨୦୨୫ ର ଅନ୍ତିମ ପର୍ଯ୍ୟାୟ ପାଇଁ ଟିମ୍ ଅସ୍ଥାୟୀ ରିପ୍ଲେସମେଣ୍ଟରେ ଖେଳାଳିଙ୍କ ସହ ଚୁକ୍ତି କରିପାରିବେ। କିନ୍ତୁ ଖେଳାଳିଙ୍କୁ ପରବର୍ତ୍ତୀ ନିଲାମୀ ପୂର୍ବରୁ ରିଟେନ କରିପାରିବେ ନାହିଁ।



ଭାରତ ଓ ପାକିସ୍ତନ ମଧ୍ୟରେ ସଂଘର୍ଷକୁ ଲିଗ୍ ତାରିଖରେ ପରବର୍ତ୍ତନ ଘଟିଛି। ନୂଆ ତାରିଖ ଯୋଗୁଁ କିଛି ଖେଳାଳିଙ୍କ ସିଡ୍ୟୁଲ ଆଇପିଏଲ ଖେଳିବା ପାଇଁ ଅନୁମତି ଦେଉ ନାହିଁ। ତେବେ ଅଧିକାଂଶ ବିଦେଶୀ ଖେଳାଳି ଭାରତକୁ ଫେରି ଆସିଛନ୍ତି, କିନ୍ତୁ ଅନ୍ୟ କିଛି ଜଣ ଟୁର୍ଣ୍ଣାମେଣ୍ଟରେ ସାମିଲ ନହେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଦିଲ୍ଲୀ କ୍ୟାପିଟାଲ୍ସର ଜ୍ୟାକ ଫ୍ରେଜର-ମ୍ୟାକଗର୍କ ଓ ଚେନ୍ନାଇ ସୁପର କିଙ୍ଗ୍ସର ଜେମି ଓଭର୍‌ଟନ ସାମିଲ ଅଛନ୍ତି।

ବର୍ତ୍ତମାନର ନିୟମ ଅନୁସାରେ ଟିମ୍‌ର କୌଣସି ଖେଳାଳି ଅସୁସ୍ଥ କିମ୍ବା ଆହତ ହେବା ସ୍ଥିତିରେ ହିଁ ରିପ୍ଲେସମେଣ୍ଟ ନେଇପାରିବେ ତାହା ବି ସିଜିନର ୧୨ତମ ମ୍ୟାଚ୍ ଯାଏ, କିନ୍ତୁ ଏବେ ଲିଗ୍ ନିଜ ନିୟମରେ ପରିବର୍ତ୍ତନ କରିଛି। ଏହା ଅନୁସାରେ ଟିମ୍ ବଳକା ଥିବା ସିଜିନ ପାଇଁ ଅସ୍ଥାୟୀ ରିପ୍ଲେସମେଣ୍ଟରେ ଖେଳାଳି ନେଇପାରିବେ। ଅନ୍ୟପଟେ ଆଇପିଏଲ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଲିଗ୍ ଶେଷ ପରେ ଯେଉଁ ଖେଳାଳି ଅସ୍ଥାୟୀ ଭାବେ ଟିମ୍‌ରେ ସାମିଲ ଥିବେ, ସେମାନଙ୍କୁ ରିଟେନ କରାଯାଇପାରିବ ନାହିଁ।

ଆଇପିଏଲ ୨୦୨୫ର ଅବଶିଷ୍ଟ ୧୬ ମ୍ୟାଚ ଦେଶର ୬ଟି ସହରରେ ଖେଳାଯିବ। ଏହି ୬ଟି ସହର ହେଉଛି ବେଙ୍ଗାଲୁରୁ, ଜୟପୁର, ଦିଲ୍ଲୀ, ଲକ୍ଷ୍ନୌ, ମୁମ୍ବାଇ ଓ ଅହମ୍ମଦାବାଦ। ମେ ୨୭ରେ ସିଜିନର ଶେଷ ଲିଗ୍ ମ୍ୟାଚ୍ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ। ଏହା ପରେ କ୍ୱାଲିଫାୟର-୧ ମେ ୨୯ ତାରିଖ ଖେଳାଯିବ। ଏଲିମିନେଟର ମ୍ୟାଚ୍ ମେ ୩୦ ତାରିଖ ଓ ଦ୍ୱିତୀୟ କ୍ୱାଲିଫାୟର ଜୁନ ୧ ତାରିଖରେ ଖେଳାଯିବ। ଜୁନ ୩ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯିବ। ତେବେ ପ୍ଲେ ଅଫ ମ୍ୟାଚ୍ କେଉଁ ସ୍ଥାନରେ ଖେଳାଯିବ ସେ ନେଇ ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

## ପୁରସ୍କାର ରାଶି ବଢାଇଲା ଆଇସିସି

# ଡବ୍ଲୁଟିସି ଫାଇନାଲ ବିଜେତାଙ୍କୁ ମିଳିବ ୩୧ କୋଟି

**ନୂଆଦିଲ୍ଲୀ**

ୱାର୍ଲଡ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ପାଇଁ ଅଷ୍ଟ୍ରେଲିଆ ଓ ଦକ୍ଷିଣଆଫ୍ରିକା ନିଜ ଟିମ୍ ଘୋଷଣା କରିସାରିଛନ୍ତି। ଜୁନ ୧୧ରେ ଲଣ୍ଡନର ଲର୍ଡ୍ସ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ତେବେ ଏଥର ଫାଇନାଲ ପୂର୍ବ ଅପେକ୍ଷା ଅଧିକ ସ୍ୱତନ୍ତ୍ର ହେବାକୁ ଯାଉଛି, କାରଣ ଆଇସିସି ଏଥର ପୁରସ୍କାର ରାଶିରେ ବଡ଼ ବୃଦ୍ଧି କରିଛି। ଏହି ଆର୍ଥିକ ପୁରସ୍କାର ଗତ ଦୁଇ ଟୁର୍ଣ୍ଣାମେଣ୍ଟରେ ମିଳିଥିବା ପୁରସ୍କାର ରାଶିଠାରୁ ଦ୍ୱିଗୁଣା ଅଧିକ। ଆଇସିସି ଚେୟାରମ୍ୟାନ ଜୟ ଶାହ ଏହି ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ଥର କେବଳ ଫାଇନାଲରେ ପହଞ୍ଚିଥିବା ଟିମ୍ ମାଲାମାଲ ହେବେ ନାହିଁ, ବରଂ ଟୁର୍ଣ୍ଣାମେଣ୍ଟରେ ସାମିଲ ସବୁ ଟିମ୍‌ଙ୍କ ଉପରେ ଟଙ୍କା ବର୍ଷା ହେବ।



ଆଇସିସି ଅଧକ୍ଷ ଜୟ ଶାହ ଗୁରୁବାର କହିଛନ୍ତି ଯେ ଚଳିତ ବର୍ଷ ମୋଟ ୫.୭୬ ମିଲିୟନ ଡଲାର ଅର୍ଥାତ ୪୯ କୋଟି ଟଙ୍କାର ବିଜେତା ଓ ଉପବିଜେତାଙ୍କୁ ମଧ୍ୟରେ ବଣ୍ଟାଯିବ ଡବ୍ଲୁଟିସି ଫାଇନାଲ ବିଜେତା ଟିମ୍‌କୁ ୩.୬ ମିଲିୟନ ୟୁଏସ ଡଲାର ଅର୍ଥାତ ୩୧ କୋଟି ଟଙ୍କା ମିଳିବ। ଏହା ପୂର୍ବ ଦୁଇ ଫାଇନାଲର ପରୁସ୍କାର ରାଶିଠାରୁ ୨ ମିଲିୟନ ଡଲାର ଅଧିକ। ଏହା ପୂର୍ବରୁ ବିଜେତା ଟିମ୍‌କୁ ୧.୬ ମିଲିୟନ ଡଲାର ମିଳୁଥିଲା। ସେହିପରି ଉପବିଜେତା ଟିମ୍‌କୁ ୨.୧୬ ମିଲିୟନ ଡଲାର ଅର୍ଥାତ ପ୍ରାୟ ୧୮ କୋଟି ଟଙ୍କା ମିଳିବ। ଏହା ଗତଠାରୁ ପ୍ରାୟ ୩ ଗୁଣା ଅଧିକ। ଗତ ଦୁଇ ଫାଇନାଲ ହାରିଥିବା ଭାରତୀୟ ଟିମ୍‌କୁ ୮-୮ ଲକ୍ଷ ଡଲାର ମିଳିଥିଲା।

ଫାଇନାଲରେ ସାମିଲ ଦୁଇ ଟିମ୍ ବ୍ୟତୀତ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ଥିବା ଟିମ୍ ଇଣ୍ଡିଆକୁ ମଧ୍ୟ ୧.୪୪ ମିଲିୟନ ଡଲାର ଅର୍ଥାତ ୧୨ କୋଟି ଟଙ୍କା ମିଳିବ। ସେହିପରି ଚତୁର୍ଥ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡକୁ ୧.୨୦ ମିଲିୟନ ଡଲାର ମିଳିବ। ଇଂଲଣ୍ଡକୁ ୯୬୦,୦୦୦ ଡଲାର, ଶ୍ରୀଲଙ୍କାକୁ ୮୪୦,୦୦୦ ଡଲାର, ବାଂଲାଦେଶକୁ ୭୨୦,୦୦୦ ଡଲାର, ୱେଷ୍ଟଇଣ୍ଡିଜକୁ ୬୦୦,୦୦୦ ଓ ପାକିସ୍ତାନକୁ ୪୮୦,୦୦୦ ଡଲାର ମିଳିବ।

# କର୍ଣ୍ଣେଲ ସୋଫିଆ କୁରେଶୀଙ୍କୁ ସଲାମ୍ କଲେ ଶିଖର ଧାୱନ



**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନ ଏବେ କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ପ୍ରଶଂସା କରିବା ସହିତ ସମସ୍ତ ଭାରତୀୟ ମୁସଲମାନଙ୍କୁ ମଧ୍ୟ ସଲାମ କରିଛନ୍ତି। ଯେଉଁମାନେ ସାହସର ସହିତ ଲଢ଼ିଥିଲେ ଏବଂ କ'ଣ ପାଇଁ ଏକାଠି ଛିଡ଼ା ହୋଇଛୁ ତାହା ମଧ୍ୟ ଦେଖାଇଥିଲେ 'ଅପରେସନ ସିନ୍ଦୂର' ପରେ ସୋଫିଆ ଚର୍ଚ୍ଚାକୁ ଆସିଥିଲେ।

ଶିଖର ଧାୱନ ଲେଖିଛନ୍ତି, ଭାରତର ଆତ୍ମା ଏହାର ଏକତାରେ ନିହିତ କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ଭଳି ବୀରମାନଙ୍କୁ ଏବଂ ଦେଶ ପାଇଁ ସାହସର ସହିତ ଲଢ଼ିଥିବା ଏବଂ ଆମେ କ'ଣ ପାଇଁ ଠିଆ ହୋଇଛୁ ତାହା ଦେଖାଇଥିବା ଅଗଣିତ ଭାରତୀୟ ମୁସଲମାନଙ୍କୁ ସାଲ୍ୟୁଟ୍ ଜୟ ହିନ୍ଦ! ଗତ ଏପ୍ରିଲ ୨୨ ତାରିଖରେ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀମାନେ ୨୬ ଜଣଙ୍କୁ ହତ୍ୟା କରିଥିଲେ, ଯାହା ପରେ ସାରା ଦେଶରେ କ୍ରୋଧ ପ୍ରକାଶ ପାଇଥିଲା। ପାକିସ୍ତାନଠାରୁ ପ୍ରତିଶୋଧ ନେବା ଅପରେସନ ସିନ୍ଦୂର ଆରମ୍ଭ କରିଥିଲେ। ଏହି ଅପରେସନ୍‌ରେ, ଭାରତୀୟ ସୈନିକମାନେ ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲେ। ଯେଉଁଠାରୁ ଭାରତରେ ଆତଙ୍କବାଦ ବିସ୍ତାର କରିବା ପାଇଁ ଷଡ଼ଯନ୍ତ୍ର ରଚାଯାଉଥିଲା। ଏହି କାର୍ଯ୍ୟ ବିଷୟରେ ସୂଚନା ଦେବାକୁ ଦୁଇଜଣ ମହିଳା ଆସିଥିଲେ। ଜଣେ ଥିଲେ ଭାରତୀୟ ବାୟୁସେନାର ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ଏବଂ ଅନ୍ୟ ଜଣେ ଥିଲେ କର୍ଣ୍ଣେଲ ସୋଫିଆ କୁରେଶୀ।

ପୂର୍ବରୁ ଶିଖର ଧାୱନ ପାକିସ୍ତାନ ବିଷୟରେ ଟ୍ୱିଟ୍ କରିଥିଲେ ଯେତେବେଳେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ମେ ୧୦ ତାରିଖରେ ପାକିସ୍ତାନ ମାତ୍ର ୩ ଘଣ୍ଟା ପରେ ଏହାକୁ ଉଲ୍ଲଂଘନ କରିଥିଲା। ଧାୱନ ଲେଖିଛନ୍ତି, ଏହି ଶସ୍ତା ଦେଶ ପୁଣିଥରେ ସାରା ବିଶ୍ୱକୁ ନିଜର ଶସ୍ତାପଣ ଦେଖାଇଛି।

# କ୍ରୀଡ଼ାବିତ୍‌ଙ୍କ ସ୍ୱର୍ଣ୍ଣିମ ଜୟଯାତ୍ରା ପାଇଁ ଆମେ ଗର୍ବିତ : କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଓଡ଼ିଶା ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ଓଡ଼ିଶା ପୁରୁଷ ହକି ଦଳ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ପୁରୁଷ ଫୁଟବଲ୍ ଦଳ ରୌପ୍ୟ ପଦକ ହାସଲ କରିଛନ୍ତି।

ଗୁରୁବାର କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା ମହିଳା ହକି ଦଳ, ପୁରୁଷ ହକି ଦଳ ଏବଂ ଓଡ଼ିଶା ପୁରୁଷ ଫୁଟବଲ୍ ଦଳର କ୍ରୀଡ଼ାବିତ୍‌ମାନଙ୍କୁ ଭେଟି କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ-୨୦୨୫ରେ ଉଚ୍ଚକୋଟୀରର ପ୍ରଦର୍ଶନ ମାଧ୍ୟମରେ ଆମ କ୍ରୀଡ଼ାବିତ୍‌ମାନେ ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ଆମ କ୍ରୀଡ଼ାବିତ୍‌ମାନେ ହେଲେ ଆମ ଗର୍ବ ଓ ଗୌରବ। ଆଗକୁ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ଆମ କ୍ରୀଡ଼ାବିତ୍‌ମାନଙ୍କର ବିଜୟର ଯାତ୍ରା ଜାରି ରହୁ। ଏଥିସହ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ପାଇଁ ଦଳର ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଉଛି। ଦେଶକୁ ଶାସନ କରିବା ଠାରୁ ଆରମ୍ଭ କରି ପ୍ରତିରକ୍ଷା କ୍ଷେତ୍ରରେ ଦେଶ ପାଇଁ ଲଢ଼ିବା ପର୍ଯ୍ୟନ୍ତ ମହିଳାମାନେ ସବୁଠି ନେତୃତ୍ୱ ନେଇଛନ୍ତି। ଗୁରୁବାର ମହିଳା ହକି ଦଳର ସ୍ୱର୍ଣ୍ଣ ପଦକ ଓଡ଼ିଶାର ସମସ୍ତ ମହିଳା କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରିଛି ଏବଂ କ୍ରୀଡ଼ାକ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ମଧ୍ୟ ଯୋଗାଇଛି। ମହିଳା ହକି ଦଳର ସମସ୍ତ କ୍ରୀଡ଼ାବିତ୍ ମାନଙ୍କର କଠିନ ପରିଶ୍ରମର ଫଳ ହେଉଛି ଏହି ସ୍ୱର୍ଣ୍ଣ ପଦକ। ଆମ ରାଜ୍ୟରେ ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ଓ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଆମ ସରକାର ତରଫରୁ ବିଭିନ୍ନ କାର୍ଯ୍ୟ କରାଯାଉଛି। ଆଗାମୀ ଦିନରେ କ୍ରୀଡ଼ାର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯିବ', ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାବଡ଼ା ସମେତ ୮ ଖେଳାଳି ଛାଡ଼ିବେ ଆଇପିଏଲ ୨୦୨୫ !

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ ପୁଣି ଥରେ ମେ ୧୭ରୁ ଆରମ୍ଭ ହେଉଛି। ଫାଇନାଲ ମ୍ୟାଚ୍ ଜୁନ ୩ ତାରିଖ ଖେଳାଯିବ। ତେବେ ଫ୍ରାଞ୍ଚାଇଜଙ୍କ ପାଇଁ ଚିନ୍ତାର ବିଷୟ ସପ୍ତାହେ ପର୍ଯ୍ୟନ୍ତ ଆଇପିଏଲ ସ୍ଥଗିତ ହେବା କାରଣରୁ ବିଦେଶୀ ଖେଳାଳି ସ୍ୱଦେଶ ଫେରି ଯାଇଛନ୍ତି। ନିଜର ଅନ୍ତର୍ଜାତୀୟ ସିରିଜ୍ କାରଣରୁ ଏବେ ଖେଳାଳିମାନେ ଭାରତ ଫେରିବାକୁ ଅମଙ୍ଗ ହେଉଛନ୍ତି। ଏହି କ୍ରମରେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ଚୟନ ହୋଇଥିବା ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଖେଳାଳି ଆଇପିଏଲ ୨୦୨୫ ପ୍ଲେ ଅଫ ମୁକାବିଲା ଖେଳି ନ ପାରନ୍ତି। କାରଣ ଲିଗ୍‌ଠୁ ଉପରେ ଦେଶକୁ ଅଧିକ ଗୁରୁତ୍ୱ ଦେବାକୁ କହିଛି ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ।



ଆଇପିଏଲର ସଂଶୋଧିତ କାର୍ଯ୍ୟସୂଚୀ ଏବେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାର ସେହି କ୍ରିକେଟରଙ୍କୁ ଦ୍ୱିଧାରେ ପକାଇ ଦେଇଛି, ଯେଉଁମାନେ ଡବ୍ଲ୍ୟୁଟିସି ଫାଇନାଲ ପାଇଁ ନିଜ ଦଳରେ ଚୟନ ହୋଇଛନ୍ତି। ଅନ୍ୟପଟେ ଫ୍ରାଞ୍ଚାଇଜ ଓ ବିସିସିଆଇ ବିଦେଶୀ ବୋର୍ଡଙ୍କୁ ସେମାନଙ୍କର ଖେଳାଳିଙ୍କୁ ଲିଗ୍‌ର ଅବଶିଷ୍ଟ ମ୍ୟାଚ୍ ଖେଳିବା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଛି। କିନ୍ତୁ କ୍ରିକେଟ ଦକ୍ଷିଣ ଆଫ୍ରିକା(ସିଏସଏ) ଡବ୍ଲ୍ୟୁଟିସି ଫାଇନାଲ ପ୍ରସ୍ତୁତି ସେମାନଙ୍କର ପ୍ରଥମ ପ୍ରାଥମିକତା ବୋଲି କହିଛି। ସିଏସଏର ଜାତୀୟ ଦଳର ନିର୍ଦ୍ଦେଶକ ଏନକୋ ଏନକ୍ୱେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହା ଖେଳାଳିଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଯେ, ସେମାନେ ଲିଗ୍ ଖେଳିବେ ନା ଡବ୍ଲ୍ୟୁଟିସିର ଦଳର ପ୍ରତିନିଧିତ୍ୱ କରିବେ।

ସେ କହିଛନ୍ତି, ଆମେ ଏହି ପ୍ରସଙ୍ଗରେ ବିସିସିଆଇ ଓ ଆଇପିଏଲ ସହ ଆଲୋଚନା କରିଛୁ। ବିସିସିଆଇକୁ ଜଣାଇ ଦେଇଛୁ ଯେ, ଡବ୍ଲ୍ୟୁଟିସି ଫାଇନାଲର ପ୍ରସ୍ତୁତି ଆମ ପାଇଁ ଅଧିକ ଜରୁରୀ। ଟେଷ୍ଟ ଖେଳାଳିଙ୍କ ପାଇଁ ଆଇପିଏଲ ମ୍ୟାଚ୍ ଖେଳିବାର ମେ ୨୬ ତାରିଖ ହେଉଛି ସମୟ ସୀମା। ଆମର ପ୍ରାଥମିକତା ଡବ୍ଲ୍ୟୁଟିସି ଫାଇନାଲ ରହିଛି ଯାହା ଅପରିବର୍ତ୍ତିତ ରହିବ। ସୂଚନାଯୋଗ୍ୟ, ଚଳିତ ସଂସ୍କରଣରେ ଆହୁରି ୧୭ଟି ମ୍ୟାଚ ଖେଳାଯିବାର ବାକି ଅଛି।

ଦକ୍ଷିଣ ଆଫ୍ରିକାର ୮ କ୍ରିକେଟର କାଗିସୋ ରାବଡା (ଗୁଜରାଟ ଟାଇଟନ୍ସ), ଲୁଙ୍ଗି ଏନଗିଡି(ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ), ଟ୍ରିଷ୍ଟନ ଷ୍ଟବ୍ସ(ଦିଲ୍ଲୀ କ୍ୟାପିଟାଲ୍ସ), ଆଡନ ମାରକ୍ରମ(ଲକ୍ଷ୍ନୌ ସୁପର ଜାଏଣ୍ଟସ), ରିୟାନ ରିକଲଟର (ମୁମ୍ବାଇ ଇଣ୍ଡିଆନ୍ସ), କୋର୍ବିନ ବୋଶ (ମୁମ୍ବାଇ ଇଣ୍ଡିଆନ୍ସ), ମାର୍କୋ ଜନସେନ(ପଞ୍ଜାବ କିଙ୍ଗ୍ସ) ଓ ୱିୟାନ ମୁଲଡର (ସନରାଇଜର୍ସ ହାଇଦ୍ରାବାଦ) ଡବ୍ଲ୍ୟୁଟିସି ଫାଇନାଲ ମ୍ୟାଚ ପାଇଁ ଚୟନ ହୋଇଛନ୍ତି। ବର୍ତ୍ତମାନ ଜିଟି, ଆରସିବି, ଏମଆଇ, ପିବିକେଏସ, ଡିସି ଓ ଏଲଏସଜି ଆଇପିଏଲ ପ୍ଲେ ଅଫ ଦୌଡ଼ରେ ଅଛନ୍ତି। ତେଣୁ ଦକ୍ଷିଣ ଆଫ୍ରିକାର ଏହି ଖେଳାଳି ନ ଆସିଲେ ଆଇପିଏଲ୍‌ର ଏସବୁ ଫ୍ରାଞ୍ଚାଇଜଙ୍କ ଚୂଡ଼ାନ୍ତ ଏକାଦଶର ସନ୍ତୁଳନ ବିଗିଡ଼ିପାରେ।

# ଶେଷ ହେଲା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କ୍ଷେତ୍ର ଅଧିକାରୀଙ୍କ ଦୁଇଦିନିଆ କର୍ମଶାଳା ଓ ସମୀକ୍ଷା ବୈଠକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରିଟେଲ୍ ମାର୍କେଟିଂ ସହ ଡିଜିଟାଲ ମାର୍କେଟିଂ ଉପରେ ଏଣିକି ଫୋକସ୍ କରାଯିବ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ଏବଂ ଓଏନଡିସି ସହଯୋଗରେ ବିପଣନ ନକ୍ସା ପ୍ରସ୍ତୁତ କରିବାକୁ ଯୋଜନା କରିଛି। ବିଶ୍ୱର କୋଣ ଅନୁକୋଣରେ ଓଡ଼ିଶାର ଐତିହ୍ୟ ସମ୍ପନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ପହଞ୍ଚାଇବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଫଳରେ ବିଶ୍ୱ ବଜାରରେ ଓଡ଼ିଆ ଅସ୍ମିତାର ଜୟଧ୍ୱନୀ ଶୁଣିବାକୁ ମିଳିବ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗରେ କାର୍ଯ୍ୟରତ କ୍ଷେତ୍ର ଅଧିକାରୀମାନଙ୍କ ଦୁଇଦିନିଆ ସମୀକ୍ଷା ଓ କର୍ମଶାଳାର ଦ୍ୱିତୀୟ ଦିବସରେ ଆୟୋଜିତ "ଡିଜିଟାଲ ମାର୍କେଟିଂ" ସମ୍ବନ୍ଧୀୟ ଆଲୋଚନାଚକ୍ରରେ ଏହି ମତ ଗୁରୁବାର ପ୍ରକାଶ ପାଇଛି। ଦ୍ୱିତୀୟ ଦିବସ ପ୍ରାରମ୍ଭରେ ଓଏନଡିସିର ଉପ-ସଭାପତି ଅଦିତି ସିହ୍ନା ଡିଜିଟାଲ ମାର୍କେଟିଂ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। କର୍ମଶାଳାରେ ଅଂଶଗ୍ରହଣ କରିଥିବା ଅଧିକାରୀମାନଙ୍କୁ ଏ ଦିଗରେ ଅବଗତ କରାଯାଇଥିଲା। ବୁଣାକାର ଓ କାରିଗରଙ୍କ ଆର୍ଥିକ ଉନ୍ନତି ସହ ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ଆଗେଇ ନେବା ପାଇଁ ଏହି ଉଦ୍ୟମ କରାଯାଉଛି ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି। ଏହି ଲକ୍ଷ୍ୟ ସାଧନ ଦିଗରେ ସମସ୍ତ ଅଧିକାରୀ ପ୍ରତିବଦ୍ଧ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

ପରବର୍ତ୍ତୀ ସମ୍ପାନରେ ହସ୍ତଶିଳ୍ପର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ଉପରେ ଆଲୋଚନା ହୋଇଥିଲା। ରାଜ୍ୟର ସମସ୍ତ ୩୦ ଜିଲ୍ଲାରୁ ଆସିଥିବା ହସ୍ତଶିଳ୍ପ କ୍ଷେତ୍ର ଅଧିକାରୀମାନଙ୍କୁ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ରାଜ୍ୟର ବିଭିନ୍ନ ହସ୍ତଶିଳ୍ପ ପୁଞ୍ଜିରେ ଥିବା ହସ୍ତଶିଳ୍ପ କାରିଗରମାନଙ୍କ ସାମୁହିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଏହି ଅବସରରେ ବିଷଦ ଆଲୋଚନା ହୋଇଥିଲା। ବିଭାଗ ଦ୍ୱାରା ନିର୍ମିତ 'ସାଧାରଣ ସୁବିଧା କେନ୍ଦ୍ର' ଓ 'ହସ୍ତଶିଳ୍ପ ପର୍ଯ୍ୟଟନ କେନ୍ଦ୍ର'ର ପରିଚାଳନା ପାଇଁ ପ୍ରସ୍ତୁତ ମାର୍ଗଦର୍ଶିକାର କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେହିପରି 'ରାଜ୍ୟ ହସ୍ତକଳା ବିକାଶ ଅନୁଷ୍ଠାନ' ଓ 'ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମି' ଦ୍ୱାରା ହସ୍ତଶିଳ୍ପର ବିକାଶ ଓ ପ୍ରଚାର ପ୍ରସାର ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। କାରିଗରମାନଙ୍କ ଦ୍ୱାରା ହସ୍ତଶିଳ୍ପ ସାମଗ୍ରୀର ବ୍ୟବସାୟୀକରଣ ପାଇଁ 'ଉତ୍କଳିକା' ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧା, ସୁଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରଯାଇଥିଲା। ବିଭାଗ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା କିପରି ତୃଣମୂଳ ସ୍ତରରେ କାରିଗର ଓ ବୁଣାକାରମାନଙ୍କ ନିକଟରେ ପହଞ୍ଚିପାରିବ, ସେ ଦିଗରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ ଯୋଜନା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା।

ପ୍ରଥମ ଦିବସରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ହସ୍ତଶିଳ୍ପ ନିର୍ଦ୍ଦେଶିକା ତଥା ବୟନିକାର ପରିଚାଳନା ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ତଥା ଯୁଗ୍ମ ସଚିବ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ, କ୍ଷେତ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସ୍ୱାସ୍ଥ୍ୟ ଓ ସାଇବର ଅପରାଧ ସଚେତନତା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ଆନୁକୂଲ୍ୟରେ ମଣିପାଲ ହସ୍ପିଟାଲ ସହାୟତାରେ ସ୍ୱାସ୍ଥ୍ୟସେବା ଓ ପୋଲିସ କମିଶନରେଟ୍ ଦ୍ୱାରା ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ, ଟ୍ରାଫିକ୍ ଥାନା ସଭାଗୃହରେ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପହଲଗାମ ଆଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଓ ସେନାବାହିନୀର 'ସିନ୍ଦୂର' କାର୍ଯ୍ୟକ୍ରମରେ ଶହିଦ ହୋଇଥିବା ଯବାନଙ୍କ ଆତ୍ମାର ସଦ୍ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ନରସିଂହ ଭୋଳ, ଅତିରିକ୍ତ ପୋଲିସ ଆୟୁକ୍ତ ଡଃ ଶକ୍ତିମୟ ମହାପାତ୍ର, ନିର୍ଦ୍ଦେଶକ ମଣିପାଲ ହସ୍ପିଟାଲ,




ତପନ କୁମାର ମହାନ୍ତି, ଡିସିପି ଟ୍ରାଫିକ ଅତିଥିଭାବେ ଯୋଗଦାନ କରିଥିଲେ। ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏସିପି ସୁଚିସ୍ମିତା ଦାଶ, ସାଇବର ଅପରାଧ ଉପରେ ସଚେତନ ହେବାପାଇଁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ବିଜୟକୃଷ୍ଣ ମହାନ୍ତିଙ୍କ ଅନୁରୋଧ କ୍ରମେ ଅତିରିକ୍ତ ପୋଲିସ ଆୟୁକ୍ତ ଶ୍ରୀ ଭୋଳ ସମିତି ସଭ୍ୟମାନଙ୍କର ଏହି ମାସରେ ବାର୍ଷିକ ଜନ୍ମଦିନ ଓ ବିବାହ ବାର୍ଷିକ ପାଇଁ ସଭ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇ ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟ ଓ ସାଇବର ଅପରାଧ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଅତିଥିମାନେ ମଣିପାଲ ସାଥି ପ୍ରିଭିଲେଜ କାର୍ଡ଼ ଉନ୍ମୋଚନ କରିଥିଲେ। ଡଃ ଶକ୍ତିମୟ ମହାପାତ୍ର ମଣିପାଲ ସାଥି କାର୍ଡ଼ର ସୁବିଧା ଉପରେ ଆଲୋକପାତ କରିଥିଲେ। ଡଃ ଦିବ୍ୟରଞ୍ଜନ ବେହେରା, ଡଃ ହରେକୃଷ୍ଣ ସାହୁ, ଡଃ ଅମ୍ଳାନ ତପନ ମହାପାତ୍ର, ସ୍ୱାସ୍ଥ୍ୟ ସଚେତନତାର ବିଭିନ୍ନ ଦିଗ ଉପରେ ଉପାଦେୟ ବକ୍ତବ୍ୟ ରଖିଥିଲେ, ଓକାକ୍ ସାହାଯ୍ୟରେ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ଼ ବରିଷ୍ଠ ନାଗରିକ ମାନଙ୍କୁ ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପସଭାପତି ସୁରେନ୍ଦ୍ର କୁମାର ସାହୁ ଓ ଦେବେନ୍ଦ୍ରନାଥ ଶତପଥି, କୋଷାଧକ୍ଷ ରାଧାନାଥ ମହାପାତ୍ର, ସହସମ୍ପାଦକ ଯୁଧିଷ୍ଠିର ମଲ୍ଲିକ, ରବିନ୍ଦ୍ର କୁମାର ମହାପାତ୍ର, ବିମଳ କୁମାର ମହାନ୍ତି, ଗୁରୁ ଚରଣ ମହାନ୍ତି, ହରିଶ୍ଚନ୍ଦ୍ର ସେଠ, ପ୍ରମିଳା ନାଏକ, ତପସ୍ୱିନୀ ଆରୁଖ ଆଦି ପରିଚାଳନା କରିଥିଲେ ବୋଲି ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ମଇ ୨୦୨୫ ଶୁକ୍ରବାର





# ଅପରେସନ 'ସିନ୍ଦୂର'ର ସଫଳତାକୁ ସମ୍ମାନ : ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଆତଙ୍କବାଦ ବିରୋଧରେ ଭାରତୀୟ ସେନାର ଅଦମ୍ୟ ସାହସ, ପରାକ୍ରମର ନିଦର୍ଶନ ତଥା ନିର୍ଣ୍ଣାୟକ ଲଢ଼େଇ ଅପରେସନ ସିନ୍ଦୂରର ସଫଳତାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ପରିସରରେ ଏକ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। କୁରୁକ୍ଷେତ୍ର ସଂସଦୀୟ ନିର୍ବାଚନ ମଣ୍ଡଳୀରୁ ତିନି ଥର ନିର୍ବାଚିତ ସାଂସଦ, ଜେଏସପିର ଅଧକ୍ଷ ତଥା ଫ୍ଲାଗ୍ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ନବୀନ ଜିନ୍ଦଲ ଏହି ତ୍ରିରଙ୍ଗାଯାତ୍ରାର ନେତୃତ୍ୱ ନେଇଥିଲେ।



ଜିନ୍ଦଲ ଟାଉନସିପ୍ ପରିସରରୁ ଆରମ୍ଭ ତ୍ରିରଙ୍ଗା ଶୋଭାଯାତ୍ରା ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ନିକଟରେ ପହଞ୍ଚିଥିଲା। ଏଥିରେ ଶତାଧିକ କର୍ମଚାରୀ, ସେମାନଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ସମସ୍ତେ ତ୍ରିରଙ୍ଗା ହାତରେ ଧରି ବନ୍ଦେ ମାତରମ ଓ ଭାରତ ମାତାକି ଜୟ ଧ୍ୱନୀ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ଜନସାଧାରଣଙ୍କୁ ସଗୌରବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ପ୍ରଦାନ ପାଇଁ ଦୀର୍ଘ ଦଶନ୍ଧିର ନ୍ୟାୟିକ ଲଢ଼େଇ ଲଢ଼ିଥିବା ନବୀନ ଜିନ୍ଦଲ ଅପରେସନ ସିନ୍ଦୂରର ସଫଳତା ପାଇଁ ତାଙ୍କ ଭାବପୂର୍ଣ୍ଣ ଅଭିଭାଷଣରେ ଭାରତୀୟ ସେନାର ବୀରତାକୁ ପ୍ରଶଂସା କରିଥିଲେ।

ଶ୍ରୀ ଜିନ୍ଦଲ କହିଥିଲେ, "ଅପରେସନ ସିନ୍ଦୂର ଆମର ଆତ୍ମବିଶ୍ୱାସକୁ ଆହୁରି ମଜଭୁତ କରିଛି। ଆମେ ସମସ୍ତେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭାରତୀୟ ସେନା ନିକଟରେ କୃତଜ୍ଞ। ଆମର ସାହସୀ ସୈନିକମାନେ ଦୃଢ଼ତାର ସହ ଜବାବ ଦେଇଛନ୍ତି। ଆମେ ସେମାନଙ୍କ ପାଇଁ ଗର୍ବିତ। ଏବେ ନିରୀହ, ନିରସ୍ତ୍ର ଜନସାଧାରଣଙ୍କ ଉପରେ ଆକ୍ରମଣ କରିବାକୁ ସାହସ କରିବେ ନାହିଁ। ସେମାନେ ଆମ ଉପରକୁ ପଥର ପକାଇଲେ ଭାରତ ଗୁଳିରେ ତା'ର ଜବାବ ଦେବ। ଆମଦେଶ ସମସ୍ତ ଶକ୍ତି ପ୍ରୟୋଗ କରି ଲଢ଼େଇ କରିବ"। ଏହା ସହିତ ଏହି ତ୍ରିରଙ୍ଗା ଯାତ୍ରା ଭାରତୀୟ ସେନା ପ୍ରତି ପ୍ରେମ ଓ କୃତଜ୍ଞତାର ନିଦର୍ଶନ। ଏହି ଅବସରରେ ସେ ଘୋଷଣା କରିଥିଲେ ଯେ ଜେଏସପି ପକ୍ଷରୁ ସମସ୍ତ କର୍ମଚାରୀ ସେମାନଙ୍କ ଗୋଟିଏ ଦିନର ଦରମା ମିଶାଇ ୫ କୋଟି ଟଙ୍କା ସେନା, ଓ ସହିଦଙ୍କ ପରିବାର ଓ ଏହି ଯୁଦ୍ଧ ପ୍ରଭାବିତ ସାଧାରଣ ଭାରତୀୟ ପରିବାରର କଲ୍ୟାଣ ପାଇଁ ପ୍ରଦାନ କରିବ। ଏହି ତ୍ରିରଙ୍ଗାଯାତ୍ରାରେ ଏକ ହଜାରରୁ ଅଧିକ ଲୋକଙ୍କ ଯୋଗଦାନ ସେମାନଙ୍କ ଜାତୀୟତା ଓ ଦେଶ-ପ୍ରୀତିକୁ ପ୍ରତିଫଳିତ କରଥିଲା। ଏହି ତ୍ରିରଙ୍ଗାଯାତ୍ରାର ଆୟୋଜନ ଦେଶସେବା ଓ ଗୋଷ୍ଠୀ ଉନ୍ନୟନ ପ୍ରତି ଜେଏସପିର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଏହି ଅଭିନବ ପଦକ୍ଷେପ ଅନେକ ପ୍ରମୁଖ ଓ ପ୍ରଭାବଶାଳୀ ସାମାଜିକ ନେତୃତ୍ୱଙ୍କୁ ଏହି ଯାତ୍ରାରେ ସାମିଲ ହେବା ପାଇଁ ଉତ୍ସାହିତ କରିଥିଲା। ଜେଏସପିର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର (ଇନ-ଚାର୍ଜ) ପଙ୍କଜ ମଲ୍ଲାନ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର (ପ୍ରୋଜେକ୍ଟ) ଦାମୋଦର ମିତ୍ତଲ, ସିଏଚଆରଓ ଦିଲୀପ ସିହ୍ନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ଭବ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# 'ରତ୍ନଭଣ୍ଡାର ଅଫ୍ ଶ୍ରୀଜଗନ୍ନାଥ ଟେମ୍ପୁଲ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସମଗ୍ର ବିଶ୍ୱରେ ଉତ୍କଳର ଇଷ୍ଟ ତଥା ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ, ଯାନିଯାତ୍ରା, ଶ୍ରୀମନ୍ଦିରର ନିର୍ମାଣ, କଳାଭାସ୍କର୍ଯ୍ୟ ଇତିହାସ, ବିବିଧ ବେଶ, ଭୋଗ, ନୀତି, ଦିନଚର୍ଯ୍ୟା ସମ୍ବନ୍ଧରେ ଅଦ୍ୟାବଧି ସର୍ବାଧିକ ଗ୍ରନ୍ଥ ରଚନା ହୋଇପାରିଛି। ଶ୍ରୀଜଗନ୍ନାଥ ଉପାସନାର ବିଭିନ୍ନ ଦିଗ ଉପରେ ଶତାଧିକ ଗବେଷଣା ନିବନ୍ଧ ପ୍ରସ୍ତୁତ ହୋଇ ଭାରତ ସମେତ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତ ପାଇଥିବା ବିଷୟରେ ଗ୍ରନ୍ଥ ଉନ୍ମୋଚନ ସମାରୋହରେ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ପ୍ରକାଶ କରିଛନ୍ତି। ଭୁବନେଶ୍ୱରସ୍ଥ ନିଉ ମ୍ୟାରିଅନ୍ ସଭାକକ୍ଷଠାରେ ଓଡ଼ିଶାର ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଭାସ୍କର ମିଶ୍ର ଓ ପ୍ରାକ୍ତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଶାନ୍ତ କୁମାର ଦାଶଙ୍କ ଦ୍ୱାରା ରଚିତ 'ରତ୍ନ ଭଣ୍ଡାର ଅଫ୍ ଶ୍ରୀଜଗନ୍ନାଥ ଟେମ୍ପୁଲ' ଇଂରାଜୀ ପୁସ୍ତକର ଲୋକାର୍ପଣ ଉତ୍ସବରେ




ଉଦ୍‌ଘାଟକ ଭାବେ ରାଜ୍ୟ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଇନ୍ଦ୍ରମଣି ତ୍ରିପାଠୀ, ଆଇ.ଏ.ଏସ୍, ରାଜ୍ୟ ଶ୍ରମ କମିଶନର, ଓଡ଼ିଶା ଓ ମୁଖ୍ୟବକ୍ତା ରୂପେ ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତି ଭିତ୍ତିକ ଏଭଳି ଉପାଦେୟ ଗ୍ରନ୍ଥ ରଚନା ଦ୍ୱାରା ସମଗ୍ର ବିଶ୍ୱରେ ଏହି ରହସ୍ୟମୟ ଠାକୁରଙ୍କ ସମ୍ବନ୍ଧରେ ଅନାଲୋଚିତ ସଠିକ୍ ତଥ୍ୟର ଉଦ୍‌ଘାଟିତ ହୋଇପାରିବ। ଗ୍ରନ୍ଥ ରଚୟିତା ଡକ୍ଟର ଭାସ୍କର ମିଶ୍ର ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସମେତ ଗ୍ରନ୍ଥ ସମ୍ପର୍କରେ ସମ୍ୟକ ବିବରଣୀ ଉପସ୍ଥାପନ କରିଥିଲେ।

ଲୋକାର୍ପଣ ଉତ୍ସବର ପ୍ରାରମ୍ଭରେ ଶ୍ରୀ ବିଗ୍ରହମାନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଦିବ୍ୟ ଗ୍ରନ୍ଥର ଅନ୍ୟତମ ଯୁଗ୍ମ ରଚୟିତା ସୁଶାନ୍ତ କୁମାର ଦାଶ ଗ୍ରନ୍ଥରେ ଉଲ୍ଲେଖ ଅନେକ ତଥ୍ୟ ଓ ରତ୍ନ ଭଣ୍ଡାରର ବାସ୍ତବ ସ୍ଥିତି ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ପ୍ରବକ୍ତା ଦେବେନ୍ଦ୍ର ଦାସ ଧ୍ୟାନମନ୍ତ୍ର ଆବୃତ୍ତି କରିଥିବା ବେଳେ ଗ୍ରନ୍ଥ ଲୋକାର୍ପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀଜଗନ୍ନାଥ ସଂସ୍କୃତିର ଉଦୀୟମାନ ପ୍ରବକ୍ତା ଡକ୍ଟର ମୃତ୍ୟୁଞ୍ଜୟ ରଥ। ପରିଶେଷରେ ଗ୍ରନ୍ଥ ରଚୟିତା ସୁଶାନ୍ତ କୁମାର ଦାଶ ଉପସ୍ଥିତ ଅତିଥି ଓ ବ୍ୟକ୍ତିବିଶେଷମାନଙ୍କୁ ଧନ୍ୟବାଦାର୍ପଣ ଜଣାଇଥିଲେ। ଲୋକାର୍ପଣ ଉତ୍ସବରେ ରାଜ୍ୟର ବହୁ ବିଶିଷ୍ଟ ସାହିତ୍ୟିକ, ଗବେଷକ, ଶ୍ରୀମନ୍ଦିର ସେବକ, ମଠାଧୀଶ, ସଙ୍ଗଠକ, ପ୍ରଶାସନିକ ଅଧିକାରୀ ତଥା ସମାଜସେବୀ ଅଂଶଗ୍ରହଣ କରିଥିଲେ।

# ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ବିଭାଗୀୟ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରମୁଖ ସଚିବ ଉଷା ପାଢ଼ୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସହିତ ସମନ୍ୱୟ ରକ୍ଷା କରି ବିଭାଗୀୟ ପଦକ୍ଷେପଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ସ୍ଥାପନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ଏହି ସମୀକ୍ଷା ବୈଠକରେ ଆଲୋଚନା ହୋଇଥିବା ପ୍ରମୁଖ ବିଷୟ ମଧ୍ୟରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ସମୟାନୁସାରେ ପେନସନ ବଣ୍ଟନ, ଯାହା ବୃଦ୍ଧ ଏବଂ ସମ୍ବେଦନଶୀଳ ବ୍ୟକ୍ତିଙ୍କ ସମ୍ମାନ ଏବଂ ସାମାଜିକ କଲ୍ୟାଣ ସୁରକ୍ଷା ପାଇଁ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମୀକ୍ଷାରେ ସ୍ଥାୟୀତ୍ୱ ଏବଂ ନିରବଚ୍ଛିନ୍ନ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସଗୁଡ଼ିକୁ ସୁଦୃଢ଼ କରିବାର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ଉପରେ ଏବଂ ବିଶେଷକରି ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିବହନ ସେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବାରେ ପ୍ରଯୁକ୍ତିବିଦ୍ୟା ଏବଂ ସମନ୍ୱିତ ତଥ୍ୟ ପ୍ରଣାଳୀର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ସ୍ୱଚ୍ଛତା ବୃଦ୍ଧି, ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ସେବା ଫଳାଫଳକୁ ଉନ୍ନତ କରିବା ପାଇଁ ବାସ୍ତବ-ସମୟ ତଦାରଖ (ରିଅଲ ଟାଇମ ମନିଟରିଂ) ଏବଂ ତଥ୍ୟ-ଚାଳିତ ଶାସନ ବ୍ୟବସ୍ଥାକୁ ଅତ୍ୟାବଶ୍ୟକ ଉପକରଣ ଭାବରେ ଚିହ୍ନଟ କରାଯାଇଥିଲା।

ଶ୍ରୀମତୀ ପାଢୀ ସ୍ଥିର ଏବଂ ସ୍ଥାୟୀ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃବିଭାଗୀୟ ସହଯୋଗ ଏବଂ ଫଳାଫଳ-ମୁଖୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଉଦ୍‌ଭାବନ, କ୍ଷମତା ବିକାଶ ଏବଂ ନାଗରିକ ସମ୍ପୃକ୍ତି ଏକ ଭବିଷ୍ୟତ-ପ୍ରସ୍ତୁତ ଓଡ଼ିଶାର ମୂଳଦୁଆ ଗଠନ କରିବା ଆବଶ୍ୟକ। 'କେବଳ ବିକଶିତ ନୁହେଁ, ବରଂ ସମାନ ଏବଂ ଦକ୍ଷ ଓଡ଼ିଶା ଗଠନ ପାଇଁ ବିଭାଗଗୁଡ଼ିକ ମଧ୍ୟରେ ଲକ୍ଷ୍ୟଗୁଡ଼ିକର ସମନ୍ୱୟ ଅତ୍ୟାବଶ୍ୟକ। ଆମର ଧ୍ୟାନ ଏବଂ ଦାୟିତ୍ୱ ସହିତ ପ୍ରଦାନ କରୁଥିବା ବ୍ୟବସ୍ଥା ଉପରେ ରହିଛି', ବୋଲି ସେ କହିଥିଲେ। ବୈଠକରେ ସମ୍ପ୍ରଦାୟର ଉନ୍ନତି ଏବଂ ଓଡ଼ିଶାର ନିରନ୍ତର ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରୁଥିବା ଶାସନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଆଯାଥିଲା।

# ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ୨୦ଟି କୋଚ୍ ସହିତ ଚଳାଚଳ କରିବ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ବର୍ଦ୍ଧିତ ଚାହିଦା ଏବଂ ନିରନ୍ତର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଚଳିତ ମଇ ମାସ ୧୬ ତାରିଖ (୧୬.୦୫.୨୦୨୫) ଠାରୁ ୨୨୮୯୫/୨୨୮୯୬ ପୁରୀ-ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନରେ ଚାରିଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯାଇ ୨୦ଟି କୋଚ୍ ସହିତ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି।

ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ଅତିରିକ୍ତ କୋଚ୍ ସଂଯୋଗ ଦ୍ୱାରା ଏହାର ଗଠନରେ ବୃଦ୍ଧି ପରେ ଏହାର ରେକ୍ କମ୍ପୋଜିସନ୍‌ରେ ୧୬ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ଉପଲବ୍ଧ ରହିବ।

ପୁରୀ ଓ ହାଓଡ଼ା ମଧ୍ୟରେ ଚଳାଚଳ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସେମି-ହାଇ-ସ୍ପିଡ୍ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହାର ଗଠନରେ ଚାରୋଟି ଏସି ଚେୟାର କାର୍ କୋଚ୍ ଯୋଡାଯିବାର ଲକ୍ଷ୍ୟ ଅଟେ।

ଯାତ୍ରୀଙ୍କ ଚାହିଦା ଏବଂ ଟ୍ରେନ ଯାତ୍ରା ପରିଚାଳନାର ପୁଙ୍ଖାନୁପୁଙ୍ଖ ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଛି। ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଉଭୟ ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦିତ ଟ୍ରେନମାନଙ୍କ ମଧ୍ୟରୁ ଗୋଟିଏ। ଏହି ବର୍ଦ୍ଧିତ କୋଚ୍ କ୍ଷମତା ଯାତ୍ରା ସୁବିଧାରେ ଉନ୍ନତି ଆଣିବ ଯାହା ଦ୍ୱାରା ପ୍ରତୀକ୍ଷା ତାଲିକା ହ୍ରାସ ପାଇବା ସହ ଏହି ପ୍ରିମିୟମ୍ ଟ୍ରେନ୍ ସେବାକୁ ଆହୁରି ଲୋକପ୍ରିୟ କରିବ ବୋଲି ଆଶା କରାଯାଉଛି।

## ବିଷ୍ଣୁପଦଙ୍କୁ ହାଇକୋର୍ଟରୁ ପୁଣି ଆଶ୍ୱସ୍ତି, ଅନ୍ତରୀଣ ସୁରକ୍ଷା ବଳବତ୍ତର

**କଟକ, ନ୍ୟୁଜ୍‌ବ୍ୟୁରୋ**

ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ମାମଲାରେ ହାଇକୋର୍ଟରେ ଆବେଦନର ଶୁଣାଣି ଶେଷ ହୋଇଛି। ହାଇକୋର୍ଟ ରାୟ ସଂରକ୍ଷିତ ରଖିବା ସହ ବିଷ୍ଣୁପଦ ସେଠୀଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିଛି। ପୂର୍ବରୁ କଠୋର ପଦକ୍ଷେପ ନନେବା ଲାଗି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ଗିରଫଦାରୀ ଏଡାଇବାକୁ ହାଇକୋର୍ଟ ଯାଇଥିଲେ ବିଷ୍ଣୁପଦ। ତେବେ ତାଙ୍କୁ ହାଇକୋର୍ଟରୁ ପୁଣି ଆଶ୍ୱସ୍ତି ମିଳିଛି। କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନନେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କହିରଖୁଛୁ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଲିମିଟେଡ୍ ପାଇଁ ଏକ ବିଲ୍ ପାସ୍ କରିବାକୁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ନେଇ ସିବିଆଇ ପକ୍ଷରୁ ମାମଲା ହୋଇଥିଲା। ସିବିଆଇ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ଚଢ଼ଉ ମଧ୍ୟ କରିଥିଲା। ଏଫଆଇଆରରେ ନାଁ ନଥିଲେ ମଧ୍ୟ ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ପୂର୍ବରୁ ଅନ୍ତରୀଣ ସୁରକ୍ଷା ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁର୍ନୀତି କିମ୍ବା ଅବହେଳା କୌଣସି ...

ପହଞ୍ଚାନ୍ତୁ। ସେମାନଙ୍କୁ କୌଣସି ପରିସ୍ଥିତିରେ ଦୟାର ପାତ୍ର ବୋଲି ଭାବିବେ ନାହିଁ। ଯୋଜନାଗୁଡ଼ିକ ହେଉଛି କେବଳ ଲୋକଙ୍କ ପାଇଁ। ଏହା ସେମାନଙ୍କ ଅଧିକାର। ସରକାର ଓ ଲୋକଙ୍କ ଭିତରେ ଆପଣମାନେ ହେଉଛନ୍ତି ସେତୁ। ସେତୁ ସୁଦୃଢ଼ ଓ ପ୍ରଶସ୍ତ ହେଲେ ଯୋଗାଯୋଗ ବ୍ୟବସ୍ଥା ଭଲ ହୁଏ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ, ଆପଣମାନେ ନିଜକୁ ଜନସେବକ ଭାବି କାମ କରନ୍ତୁ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀ ସବୁବେଳେ ନିଜକୁ ପ୍ରଧାନ ସେବକ ବୋଲି କହି ଆସିଛନ୍ତି। ମୁଁ ମଧ୍ୟ ନିଜକୁ ଓଡ଼ିଶାର ମୁଖ୍ୟ ସେବକ ବୋଲି ମନେକରେ। ଆପଣ ନିଯୁକ୍ତି ପାଇଛନ୍ତି ଲୋକଙ୍କ ସେବା କରିବା ପାଇଁ, ତେଣୁ ସେବା ମନୋଭାବ ନେଇ ନିଷ୍ଠାର ସହ କାମ କରିବା ଆପଣମାନଙ୍କ ଦାୟିତ୍ୱ। ମୁଁ ଏଠାରେ ସ୍ପଷ୍ଟ ଭାବରେ କହିବାକୁ ଚାହେଁ ଯେ, ଦାୟିତ୍ୱରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ। ଦୁର୍ନୀତି କିମ୍ବା ଅବହେଳା କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମୁଖ୍ୟତଃ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାକୁ ତ୍ୱରାନ୍ୱିତ କରି ଗ୍ରାମାଞ୍ଚଳରେ ଗରିବ ଓ ଆର୍ଥିକ ଅନଗ୍ରସର ଲୋକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଅନେକ ଲୋକାଭିମୁଖୀ ଯୋଜନା ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ ଜଳଯୋଗାଣ ଓ ପରିମଳ, ବିକଶିତ ଗାଁ ବିକଶିତ ଓଡ଼ିଶା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ସୁଭଦ୍ରା, ଭିଜନ ୨୦୩୬ ଓ ୨୦୪୭ ଭଳି ଅନେକ ଯୋଜନା ଜନହିତରେ କାର୍ଯ୍ୟ କରୁଛି ଓ କରିବାକୁ ଯାଉଛି, ଏହାର ସଫଳ ରୂପାୟନର ଗୁରୁ ଦାୟିତ୍ୱ ଆପଣଙ୍କର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରୀତା ଉପରେ ଆଲୋକପାତ କରି କହିଥିଲେ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନ୍ୟୂନ ପକ୍ଷେ ବର୍ଷକୁ ୧୦୦ ଦିନର କର୍ମ ନିଯୁକ୍ତି ଯୋଗାଇଦେବା ସହ ଏହି ସବୁ କାର୍ଯ୍ୟରେ ମେସିନ୍ ବଦଳରେ ମାନବ ଶକ୍ତିର ଅଧିକ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ରୋଜଗାର ପାଇବା ସହିତ ଦାଦନ ସମସ୍ୟା ଦୂରୀଭୁତ ହେବ। ସେ କହିଥିଲେ ଯେ, ପ୍ରକଳ୍ପ ଗୁଡିକ ପୂର୍ଣ୍ଣାଙ୍ଗ କରିବା ପାଇଁ ହେଲେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି କାମ କରନ୍ତୁ ଓ ନିୟମିତ ଭାବରେ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଥିଲେ ଯେ, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଗାଁର ବିକାଶ ନହେଲେ ଦେଶର ବିକାଶ ହେବ ନାହିଁ। ଏହି ଦୃଷ୍ଟିକୋଣ ଆଧାରରେ ଆମେ କାମ କରୁଛୁ। ନୂଆ ସରକାରଙ୍କ ଆଭିମୁଖ୍ୟ ଓ ଦାୟିତ୍ୱବୋଧତାକୁ ଆପଣମାନେ ପ୍ରାଥମିକତା ଦେଇଛନ୍ତି। ସରକାରଙ୍କ ଯୋଜନାକୁ ସଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇଲେ, ସରକାରଙ୍କର ସଠିକ ମୂଲ୍ୟାଙ୍କନ ହୋଇ ପାରିବ ଓ ମୁଖ୍ୟମନ୍ତ୍ରୀଙ୍କ ଉତ୍ସାହ ଆମକୁ ସଫଳ କରାଇବ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ବିକଶିତ ଓଡ଼ିଶାର ରୋଡମ୍ୟାପରେ ଗାଁର ବିକାଶକୁ ହିଁ ଆମେ ପ୍ରାଥମିକତା ଦେଉଛୁ। ଏଣୁ ପ୍ରତ୍ୟେକ ବ୍ଲକରେ ଏହି ବିକାଶର ମନ୍ତ୍ରକୁ ଲୋକଙ୍କ ପାଖରେ ପହଞ୍ଚାଇବାର କାମ ହେଉଛି ଆପଣ ମାନଙ୍କର।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ.ଏନ. ସ୍ୱାଗତଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ, ପାନୀୟ ଜଳ ଓ ପରିମଳ ଭିନୀତ ଭରଦ୍ୱାଜ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଦ୍ୱି-ଦିବସୀୟ କର୍ମଶାଳା ତଥା ବୈଠକରେ ୩୦ଟି ଜିଲ୍ଲାର ମୁଖ୍ୟ ଉନ୍ନୟନ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ୩୧୪ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଧୂଳି ଝଡ଼ ପରେ ପ୍ରଦୂଷଣରେ...

ମଧ୍ୟରେ ଅସ୍ଥିର ରହିଛି। ଦୃଶ୍ୟମାନତାରେ ଏହି ତୀବ୍ର ହ୍ରାସ କେବଳ ସଡ଼କ ଯାତାୟାତ ପାଇଁ ବିପଦ ସୃଷ୍ଟି କରେ ନାହିଁ ବରଂ ଆଜମା ଭଳି ଶ୍ୱାସକ୍ରିୟା ରୋଗରେ ପୀଡିତ ଲୋକଙ୍କ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରେ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ହଠାତ୍ ପରିବେଶଗତ ପରିବର୍ତ୍ତନ ପଛର କାରଣ ବ୍ୟାଖ୍ୟା କରିଛି। ଆଇଏମ୍‌ଡିଙ୍କ ସୂଚନା ଅନୁଯାୟୀ, ରାତି ୧୦.୦୦ ରୁ ରାତି ୧୧.୩୦ ମଧ୍ୟରେ ଇନ୍ଦିରାଗାନ୍ଧୀ ବିମାନବନ୍ଦର ନିକଟବର୍ତ୍ତୀ ପାଲମ ଅଞ୍ଚଳରେ ପ୍ରବଳ ଧୂଳିପୂର୍ଣ୍ଣ ପବନ ବହିଥିଲା। ଯାହା ଦୃଶ୍ୟମାନତାକୁ ୪,୫୦୦ ମିଟରରୁ ମାତ୍ର ୧,୨୦୦ ମିଟରକୁ ହ୍ରାସ କରିଥିଲା।

## ସୁପ୍ରିମକୋର୍ଟଙ୍କୁ ପ୍ରେସିଡେନ୍ସିଆଲ...

ବିଲ୍ ଉପରେ ନିଷ୍ପତ୍ତି ନେବାକୁ ପଡିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୋର୍ଟଙ୍କ ଏହି ବିବୃତ୍ତି ଉପରେ ମଧ୍ୟ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି ଯେ ତାମିଲନାଡୁର ୧୦ଟି ବିଚାରାଧୀନ ବିଲ୍‌କୁ ଅନୁମୋଦନ କରାଯାଇଛି। ଯାହାକି ସମ୍ବିଧାନର ମୌଳିକ ଆଧାର ବିରୋଧରେ। ରାଷ୍ଟ୍ରପତି ସୁପ୍ରିମକୋର୍ଟଙ୍କୁ ସମ୍ବିଧାନ କିମ୍ବା ଆଇନରେ ସ୍ପଷ୍ଟ ଭାବରେ ପରିଭାଷିତ ହୋଇଥିବା ମାମଲାରେ ଧାରା ୧୪୨ ବ୍ୟବହାର କରାଯାଇପାରିବ କି ବୋଲି ପଚାରିଥିଲେ। ଏହି ଧାରା ନ୍ୟାୟପାଳିକାକୁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରେ।

## ଦୁଷ୍ଟ ହାତରେ ପରମାଣୁ...

ଦୁଷ୍ଟ ରାଷ୍ଟ୍ର ହାତରେ ପରମାଣୁ ଅସ୍ତ୍ର କେତେ ସୁରକ୍ଷିତ ? ପାକିସ୍ତାନର ପରମାଣୁ ଅସ୍ତ୍ର ଉପରେ ଅନ୍ତରାଷ୍ଟ୍ରୀୟ ପରମାଣୁ ଉର୍ଜା ଏଜେନ୍ସି କଡ଼ା ନଜର ରଖିବା ଉଚିତ୍। ସୀମାରେ ଯବାନମାନଙ୍କୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି ଯେ, ଏହି ବିଷମ ପରିସ୍ଥିତିରେ ଆପଣଙ୍କ ମଧ୍ୟରେ ରହି ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ପ୍ରଧାନମନ୍ତ୍ରୀଙ୍କ କୁଶଳ ନେତୃତ୍ୱରେ 'ଅପରେସନ ସିନ୍ଦୂର'ରେ ଆପଣମାନଙ୍କ ପରାକ୍ରମ ସାରା ଦେଶକୁ ଗୌରବାନ୍ୱିତ କରିଛି।

## ଉଚ୍ଚଶିକ୍ଷା ବିଭାଗ ଓ ...

ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଏହି କୋର୍ସ କରିପାରିବେ। କେବଳ କନ୍‌ଭେନ୍‌ସନାଲ୍ କ୍ୟାରିୟର ମଧ୍ୟରେ ସୀମିତ ନରହି ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ନୂତନ କ୍ୟାରିୟର ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବ।

ବିଗତ ଦିନରେ ଉଚ୍ଚଶିକ୍ଷା ବିଭାଗ ସହ ବିଓପିଟି (ବୋର୍ଡ ଅଫ ପ୍ରାକ୍ଟିକାଲ ଟ୍ରେନିଂ) ଏବଂ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ଯାହା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅନେକ ଇଣ୍ଟର୍ଣ୍ଣସିପ୍ ଓ ନିଯୁକ୍ତି ସୁଯୋଗ ପାଇଛନ୍ତି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ସହିତ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ମଧ୍ୟ ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅନେକ ସୁଯୋଗ ପ୍ରଦାନ କରିବ। ଏଥିସହ ଜାତୀୟ ଶିକ୍ଷା ନୀତି - ୨୦୨୦ ଆଧାରରେ ଛାତ୍ରଛାତ୍ରୀଙ୍କ ବୈଷୟିକ ଦକ୍ଷତା ବିକାଶକୁ ସୁନିଶ୍ଚିତ କରାଯିବା ସହ ରାଜ୍ୟର ଶିକ୍ଷାକ୍ଷେତ୍ରର ସାମଗ୍ରିକ ବିକାଶ ହୋଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

## ଅଦିନିଆ ବର୍ଷା ରାଜ୍ୟଭିତ୍ତିକ...

କୃଷକମାନଙ୍କୁ ସହାୟତା ପ୍ରଦାନ କରାଯାଇ ପାରିବ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ବର୍ତ୍ତମାନ ୮ଟି ବିପର୍ଯ୍ୟୟକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରାଯାଇଛି। ଏ ଗୁଡ଼ିକ ହେଲା- ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ଣ୍ଣାଡୋ, ପ୍ରବଳ ବର୍ଷା ଏବଂ ବନ୍ୟା ନଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ହେବା ଓ ସର୍ପାଘାତ। ଅଦିନିଆ ବର୍ଷା ବିପର୍ଯ୍ୟୟ ଘୋଷିତ ହେବା ପରେ ବର୍ତ୍ତମାନ ସମୁଦାୟ ୯ଟି ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷିତ ହେଲା। ଏହାବ୍ୟତୀତ କେନ୍ଦ୍ର ସରକାର ମଧ୍ୟ ୧୨ଟି ବିପର୍ଯ୍ୟୟ ଘୋଷଣା କରିଛନ୍ତି।

## ଯାତ୍ରୀବାହୀ ବସ୍‌ରେ...

ସଠିକ୍ ସମୟରେ ଖୋଲି ପାରିନଥିଲା। ଏହି କାରଣରୁ ବସ୍‌ର ପଛରେ ବସିଥିବା ଲୋକେ ଫସି ଯାଇଥିଲେ। ସେମାନେ ବସ୍‌ରୁ ବାହାରି ନପାରିବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।

## ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ:'ଅସ୍ତ୍ରବିରତିରେ...

ଗତ ସପ୍ତାହରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅଧିକ ବିପଜ୍ଜନକ ହେବାକୁ ଯାଉଥିଲା। ସୂଚନାଯୋଗ୍ୟ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଗତ ୧୦ ତାରିଖରେ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା।

# ବିଡ଼ିଓ-ସିଡିଓ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ରାଜ୍ୟବାସୀଙ୍କୁ ହତୋତ୍ସାହିତ କରିଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଲୋକସେବା ଭବନରେ ଆୟୋଜିତ ବିଡ଼ିଓ ଓ ସିଡିଓଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ମନ୍ତବ୍ୟ ରାଜ୍ୟବାସୀଙ୍କୁ ହତୋତ୍ସାହିତ କରିଛି ବୋଲି ଶଙ୍ଖଭବନରେ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟରେ ବିକାଶ କାମ ତ୍ୱରାନ୍ୱିତ ହୋଇପାରୁ ନଥିବା ସ୍ୱୀକାର କରିଥିବାବେଳେ ଅଧିକାରୀମାନେ ତାଙ୍କୁ ଅବମାନନା କରୁଥିବା କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ସରକାରୀ ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବା ସମୟରେ ଅଧିକାରୀମାନେ ଟିଭି ବନ୍ଦ କରିଦେଇ ଲୋକଙ୍କୁ ଚାଲିଯିବାକୁ



କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଯଦି ସତ ତା'ହେଲେ ଏହା ଅତ୍ୟନ୍ତ ସାଙ୍ଘାତିକ ଏବଂ ଏହା କ୍ରିମିନାଲ ନେଗ୍‌ଲିଜେନ୍ସ ବୋଲି ବିଚାର କରାଯିବ। ପ୍ରଶାସନିକ କଳ କାର୍ଯ୍ୟ କରିବାର ଏକ ନିର୍ଦ୍ଦିଷ୍ଟ ସରକାରୀ ବ୍ୟବସ୍ଥା ଅଛି। ପ୍ରୋଟୋକଲ ଅନୁଯାୟୀ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଶାସନର ସର୍ବୋଚ୍ଚ କର୍ତ୍ତା। ତେଣୁ ମୁଖ୍ୟମନ୍ତ୍ରୀ ସଭାସମିତିରେ ଅସହାୟତା ପ୍ରକାଶ କରିବା ପରିବର୍ତ୍ତେ ଅବମାନନା କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ନିଜ ନେତୃତ୍ୱର ପରିଚୟ ଦିଅନ୍ତୁ।

ମୁଖ୍ୟମନ୍ତ୍ରୀଙ୍କ ଅସହାୟତା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ। ରାଜ୍ୟର ସର୍ବୋଚ୍ଚ କର୍ତ୍ତା ଯଦି ଅସହାୟ ହେବେ, ତା'ହେଲେ ସାଢ଼େ ୪ କୋଟି ଓଡ଼ିଶାବାସୀ କାହା ଉପରେ ଭରସା କରିବେ ବୋଲି ଡ. ମହାନ୍ତି ପ୍ରଶ୍ନ କରିଥିଲେ।

ଡ. ମହାନ୍ତି ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି, ରାଜ୍ୟରେ ବିଜେପି ସରକାର ଲୋକଙ୍କୁ ସୁଶାସନ ଦେବାରେ ଓ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନିକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ରାଜ୍ୟରେ ଦୁଷ୍କର୍ମ ଓ ହତ୍ୟା ଘଟଣାର ଅହେତୁକ ବୃଦ୍ଧି ପାଇଛି। ଗୃହମନ୍ତ୍ରଣାଳୟର ଦାୟିତ୍ୱରେ ନିଜେ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସୁନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ କଳ ଉପରେ ନିୟନ୍ତ୍ରଣ ରଖି ଶାସନ ବ୍ୟବସ୍ଥାକୁ ସଜାଡ଼ନ୍ତୁ।

## ବଜ୍ରପାତରେ ୪ ଗାଈ ମୃତ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ଖୁଡୁକୁ ପଞ୍ଚାୟତ ଡମାଡିହି ଗ୍ରାମରେ ବୈଶାଖୀ ବାତ୍ୟାର ତୀବ୍ର ପ୍ରଭାବ ଦେଖାଦେଇଛି। ବୁଧବାର ହଠାତ୍ ଆସିଥିବା ଘଡ଼ଘଡ଼ି ସହ ବର୍ଷା, ତୀବ୍ର ପବନ ଓ ବଜ୍ରପାତ ଯୋଗୁଁ ଏହି ଅଞ୍ଚଳରେ ଅନେକ ଗ୍ରାମରେ କ୍ଷୟକ୍ଷତି ଘଟିଛି। ପ୍ରକାଶ ଥାଉକି ଅପରାହ୍ଣରେ ପରେଶ୍ କେଉଟ ଏବଂ ଯୁହୁର୍ ଗୋଣ୍ଡ ଗାଁ ନିକଟ ପଡିଆକୁ ଗୋରୁ ଚରାଇବାକୁ ଯାଇଥିଲେ। ପ୍ରାୟ ୩ଟା ସମୟରେ ଆରମ୍ଭ ହୋଇଥିଲା କାଳ ବୈଶାଖୀ। ବଜ୍ରପାତର ପ୍ରଭାବରେ ୪ଟି ଗାଈ ମୃତ୍ୟୁବରଣ କରିଛି।

## ଓଡ଼ିଶା ମହିଳା ହକି ଟିମ୍‌କୁ ନବୀନଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖେଲୋ ଇଣ୍ଡିଆରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା ମହିଳା ହକି ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ୨୦୨୫ରେ ଝାଡ଼ଖଣ୍ଡକୁ ୩-୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା ମହିଳା ହକି ଟିମକୁ ଶୁଭେଚ୍ଛା। ଦଳ ଏଭଳି ନିରବଚ୍ଛିନ୍ନ ବିଜୟଧାରା ବଜାୟ ରଖୁ ଏବଂ ରାଜ୍ୟ ପାଇଁ ଗୌରବ ଆଣନ୍ତୁ ବୋଲି କାମନା କରିଛନ୍ତି ନବୀନ ପଟ୍ଟନାୟକ।

## ତ୍ରିରଙ୍ଗା ଯାତ୍ରାରେ ସାମିଲ ହେଲେ ଅପରାଜିତା ଷଡ଼ଙ୍ଗୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଟାଉନ ଠାରେ ଗୁରୁବାର ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସମେତ ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-419
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୮୯୦୭ / ଭୁ.ଉ.କ., ଭୁବନେଶ୍ୱର SC(d)-06/88 **ସୂଚନା** ତା ୦୯.୦୫.୨୦୨୫ରିଖ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡିଷ୍ଟ୍ରିକ୍ଟ ସେଣ୍ଟର ସେଲ୍ଫ ଫାଇନାନସିଂ କମର୍ସିଆଲ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ- 132 **ଗୋପିନାଥ ଶଡ଼ଙ୍ଗୀ, ପିତା-ସ୍ୱର୍ଗତ ଦ୍ୱାରିକାନାଥ ଶଡ଼ଙ୍ଗୀ, ଗ୍ରାମ-ପଙ୍କପାଳ, ପୋଷ୍ଟ/ଥାନା-କୁଜଙ୍ଗ, ଜିଲ୍ଲା-ଜଗତସିଂହପୁର, ଓଡ଼ିଶା**ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ **ଗୋପିନାଥ ଶଡ଼ଙ୍ଗୀ,** ଗତ ତା-୦୧.୦୯.୨୦୨୪ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate Issue No.12053/2024 date 17.10.2024).**

**Legal heir certificate No. E-LHC/2024/236762** dated 16.11.2024 ଅନୁଯାୟୀ **ଗୋପୀନାଥ ଶଡ଼ଙ୍ଗୀ**ଙ୍କର ଉତ୍ତରାଧିକାରୀ (୧) ଶାନ୍ତି ଶଡ଼ଙ୍ଗୀ (ସ୍ତ୍ରୀ), (୨) ଅଜିତ୍ କୁମାର ଶଡ଼ଙ୍ଗୀ (ପୁତ୍ର) ଓ (୩) ଅଳକା ଶଡ଼ଙ୍ଗୀ (ବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ ଅଳକା ଶଡ଼ଙ୍ଗୀ ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment Document No. 11132410941 dated 11.12.2024) ମାଧ୍ୟମରେ ଉକ୍ତ ପ୍ଲଟ୍‌ରେ ଥିବା ନିଜର ଅଧିକାର/ଅଂଶକୁ ଶାନ୍ତି ଶଡ଼ଙ୍ଗୀ ଓ ଅଜିତ୍ କୁମାର ଶଡ଼ଙ୍ଗୀଙ୍କୁ ହସ୍ତାନ୍ତର କରିଅଛନ୍ତି। ଶାନ୍ତି ଶଡ଼ଙ୍ଗୀ ଓ ଅଜିତ୍ କୁମାର ଶଡ଼ଙ୍ଗୀ ମାଲିକାନା ସତ୍ୱ ତାଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ଶାନ୍ତି ଶଡ଼ଙ୍ଗୀ ଓ ଅଜିତ୍ କୁମାର ଶଡ଼ଙ୍ଗୀଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
OIPR-13033/11/0296/2526 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OFFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB) B-111
E-mail: pwdoff_khd@yahoo.com
**Tender Call Notice**
Bid Identification No. S.E.-KHD-(R&B)-03/2025-26
Letter No. 3020 dtd. 08.05.2025

The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage Rate bids** in **Single Cover System** from valid **HT Electrical Contractors license issued by the E.L.B.O. license in conformity with DTCN** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **E.I Work**. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : **Electrical** Work
2. No of Work : 1 Nos.
3. Tender Cost : Rs. 6000.00 (Online)
4. Class of Contractor : HT license
5. Available of Bid documents in the web site. : From Dt. 16.05.2025 at 11.00 A.M to Dt. 26.05.2025 at 5.00 PM
6. Date of opening of Bids : Dt. 28.05.2025 at 11.30 AM
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum/ Cancellation of tender can be available in the said website.

OIPR-34095/11/0030/2526
Sd/- Superintending Engineer
Khordha (R&B) Division, Khordha

ଭୁବନେଶ୍ୱର
୧୬ ମଇ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଅଧିକ ଲୁହା ପଥର ଉତ୍ପାଦନ ଓ ଷ୍ଟିଲ୍ କମ୍ପାନୀକୁ ଯୋଗାଣ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର ୧୫।୫ ନ୍ୟୁଜ ବ୍ୟୁରୋ**



ଇଣ୍ଡିଆନ୍ ଷ୍ଟିଲ ଆସୋସିଏସନ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ । ରାଜ୍ୟରେ ଅଧିକ ଷ୍ଟିଲ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗର ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡ଼ିଶାର ଲକ୍ଷ୍ୟ। ଏଥିରେ ଖଣି ଓ ଷ୍ଟିଲ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ତେଣୁ ଓଡ଼ିଶାରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥାଗୁଡ଼ିକୁ ସୁବିଧାରେ କଞ୍ଚାମାଲ୍ ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି । ଷ୍ଟିଲ କମ୍ପାନୀ ଗୁଡ଼ିକୁ ମଧ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ଦେଶର ଷ୍ଟିଲ୍ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିୟନ ଟନ୍ ରହିଛି। ୨୦୪୭ ସୁଦ୍ଧା ଏହି ପରିମାଣ ୫୦୦ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି। ଦେଶର ଷ୍ଟିଲ ଉତ୍ପାଦନ ବୃଦ୍ଧିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ ମଧ। ତେଣୁ ଷ୍ଟିଲ କମ୍ପାନୀମାନଙ୍କୁ ଯେପରି ସୁବିଧାରେ ଲୁହାପଥର ମିଳିବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ମିଳିପାରିବ, ସେ ବିଷୟରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅଧିକ ଲୁହା ପଥର ଖଣିର ନିଲାମ ଏବଂ ନିଲାମ ହୋଇଥିବା ଖଣିଗୁଡିକରୁ ଶୀଘ୍ର ଉତ୍ତୋଳନ ଆରମ୍ଭ ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ପ୍ରାୟ ୩୦ଟି ଖଣି ନିଲାମ ହେବାର ସମ୍ଭାବନା ରହିଛି ବୋଲି ଜଣାପଡିଛି। ଏହା ସହିତ ଓଏମସିରୁ କିପରି ସୁବିଧାରେ ଷ୍ଟିଲ କମ୍ପାନୀ ମାନଙ୍କୁ ଲୁହାପଥର ଯୋଗାଇ ଦିଆଯାଇ ପାରିବ, ସେ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ଚକରେ ପଇ ସଂଯୋଗ ସରିଲା ପଇ କଳସା ନିର୍ମାଣ



**ପୁରୀ, ୧୫/୦୫ :ନ୍ୟୁଜ ବ୍ୟୁରୋ**

ଶ୍ରୀଜୀଉଙ୍କ ତିନି ରଥର ନାହାକା ଚକ ପ୍ରସ୍ତୁତ ପାଇଁ ପଇ ବିନ୍ଧ ଅନୁକୂଳ ସହ ନାହାକା ତୁମ୍ବରେ ପନ୍ଦାରିବଳା ଲାଗି ହୋଇଥିଲା। ତୁମ୍ବରେ ପଇ ବିନ୍ଧା ଅନୁକୂଳ ହୋଇ ତିନି ରଥର ଦୁଇଟି ଲେଖାଏଁ ଚକର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଗୁରୁବାର ତିନି ରଥର ଦୁଇଟି ଲେଖାଏଁ ନାହାକା ଚକ ନିର୍ମାଣ ଶେଷ ହୋଇ ତିନି ରଥର ତୃତୀୟ ଓ ଚତୁର୍ଥ ଚକରେ ପଇ ସଂଯୋଗ ହୋଇଥିଲା। ପଇ କଳସା କାର୍ଯ୍ୟ (ପଇ, ପଇକୁ ବାନ୍ଧି ରଖିବା ପାଇଁ ପଇ ସଂଯୋଗ ସ୍ଥଳରେ କାପ ବା ଘାଟି ନିର୍ମାଣ କାର୍ଯ୍ୟ) ଶେଷ ହୋଇ ତୁମ୍ବରେ ଅଖବିନ୍ଧ ଖୋଳା ବା ଠେକ ତୁଳିଆ କାର୍ଯ୍ୟ ଜାରି ରହିଛି। ଏଥି ସହ ତିନି ରଥର ପଞ୍ଚମ ଓ ଷଷ୍ଠ ଚକ ନିର୍ମାଣ ପାଇଁ ଯନ୍ତା ଗାଡ଼ଠାରେ ଭୋଇ ସେବକଙ୍କ ଦ୍ୱାରା ସିଙ୍ଗଡ଼ା ବାଡ଼ିଆ ଶେଷ ପରେ (ତୁମ୍ବରେ ଅର ସଂଯୋଗ ହୋଇ କଣ୍ଟା ବାଡ଼ିଆ କାର୍ଯ୍ୟ) ତିନିରଥର ମହାରଣା ସେବକମାନେ ବଳକା ପଇ କାଟି ଅର ମୁଖର ସାଲ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ଚାଳିରେ ତିନିରଥର ରୂପକାର ସେବକମାନେ ତିନି ରଥର କୋଣଗୁଜ ବା ସାଲ ଗୁଜରେ ବିରଳ ସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ସେପଟେ ଦୋଳ ବେଦି ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର ନାହାକା ଚକର ଆବଶ୍ୟକ ଅର କଣ୍ଟା ସହ ପନ୍ଦାରି ଓ ତୁମ୍ବ ବାହ୍ୟ ବଳା ରଥଖଳାକୁ ଯୋଗାଇଛନ୍ତି। ବାକି ଚକଗୁଡ଼ିକ ପାଇଁ ପନ୍ଦାରି ଏବଂ ତୁମ୍ବ ବଳା, ଅର କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ମହାରଣା, ଭୋଇ, କରତୀ, କମାର, ରୂପକାର, ତୁମ୍ବବିନ୍ଧ କାରିଗରଙ୍କ ସମେତ ରଥଖଳା ସହାୟକ ଏଭଳି ୧୮୬ ଜଣ ରଥ ନିର୍ମାଣ କାମରେ ଲାଗି ପଡ଼ିଛନ୍ତି।



ଭୁବନେଶ୍ୱର : ଚନ୍ଦନ ଯାତ୍ରା ପାଳନ ଅବସରରେ ଇସ୍କନ ପରିସରରେ ଚାଲିଛି ମହାପ୍ରଭୁଙ୍କ ଚାପଖେଳ। (ଫଟୋ : ସମ୍ବାଦ କଳିକା)

# ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ସ୍ଥାପନା ପାଇଁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୫/୦୫**



ଗୁରୁବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ପ୍ରାଥମିକତା ଆଧାରରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ସ୍ଥାପନା କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୋକ୍ସୋ ଅଧିନିୟମ ସହିତ ଜଡ଼ିତ ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ ଚିନ୍ତା ପ୍ରକାଶ କରି ଏହି ରାୟ ଶୁଣାଇଛନ୍ତି ସର୍ବୋଚ୍ଚ ଅଦାଲତ। ଅନ୍ୟପଟେ କୋର୍ଟ କହିଛନ୍ତି, ଦେଶରେ ପୋକ୍ସୋ ଅଦାଲତ ଯଥେଷ୍ଟ ନଥିବାରୁ ମାମଲାଗୁଡ଼ିକରେ ଶୁଣାଣି ବିଳମ୍ବ ହେଉଛି। ନ୍ୟାୟାଧୀଶ ଜଷ୍ଟିସ୍ ବେଲା ଏକ ତ୍ରିବେଦୀ ଓ ଜଷ୍ଟିସ୍ ପିବି ୱରାଲେଙ୍କ ଦୁଇ ଜଣିଆ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସ୍ଥାପନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ କହିବା ଅନୁଯାୟୀ, ଦେଶରେ ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି। ତେଣୁ ନିର୍ଦ୍ଧାରିତ ସମୟ ସୀମା ଭିତରରେ ରାୟ ପ୍ରକାଶ ହୋଇପାରୁ ନାହିଁ । ଏଥିପାଇଁ ପୋକ୍ସୋ ଅଧିନିୟମ ଆଧାରରେ ସ୍ୱତନ୍ତ୍ର ଅଦାଲତର ଆବଶ୍ୟକତା ରହିଛି ।

ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ବେଞ୍ଚ କହିଛନ୍ତି, ଭାରତୀୟ ସଂଘ ଓ ରାଜ୍ୟ ସରକାର ପୋକ୍ସୋ ମାମଲାରେ ଯାଞ୍ଚ ସହିତ ଜଡ଼ିତ ଅଧିକାରୀଙ୍କୁ ସମ୍ବେଦନଶୀଳ କରିବା ପାଇଁ ଉଚିତ୍ ପଦକ୍ଷେପ ନିଆଯିବା ଜରୁରୀ। ଏହାସହିତ ସର୍ବୋଚ୍ଚ ପ୍ରାଥମିକତା ଆଧାରରେ ମାମଲାର ଶୁଣାଣି ପାଇଁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସ୍ଥାପନା କରିବାକୁ ପଡ଼ିବ ଓ ନିର୍ଦ୍ଧାରିତ ଅବଧି ଭିତରେ ଚାର୍ଜସିଟ୍ ଦାଖଲ ଓ ମକୋଦ୍ଦମାର ଶୁଣାଣି ପୂରା କରି ରାୟ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ସୁପ୍ରିମକୋର୍ଟ ମାମଲାର ଶୁଣାଣି ବେଳେ ଅଧିକାଂଶ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଠାରୁ ଆର୍ଥିକ ସହାୟତା ପ୍ରାପ୍ତ କରି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ସ୍ଥାପନା କରିବା ନିର୍ଦ୍ଦେଶକୁ ଅନୁପାଳନ କରିଛନ୍ତି। ମାତ୍ର ତାମିଲନାଡୁ, ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର ଓ କିଛି ଅନ୍ୟରାଜ୍ୟ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ପାଳନ କରିନାହାନ୍ତି । ତେଣୁ ବହୁ ସଂଖ୍ୟାରେ ପୋକ୍ସୋ ମାମଲା ଅଦାଲତରେ ପଡ଼ି ରହିଥିବାରୁ ସ୍ୱତନ୍ତ୍ର କୋର୍ଟର ଆବଶ୍ୟକତା ରହିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ସରକାରୀ ଜମି ଜବରଦଖଲ ମାମଲା

# ଦୀର୍ଘ ବର୍ଷ ଦଖଲରେ ରହିଲେ ବି ବ୍ୟକ୍ତିଗତ ହୋଇପାରିବ ନାହିଁ



**କଟକ,୧୫/୦୫ ନ୍ୟୁଜ ବ୍ୟୁରୋ**

ଆଇନଗତ ସ୍ୱୀକୃତି ବିନା ସରକାରୀ ଜମିକୁ କେହି ଦୀର୍ଘବର୍ଷ ଧରି ନିଜ ଦଖଲରେ ରଖିଦେଲେ ଉକ୍ତ ଜମି ବ୍ୟକ୍ତିଗତ ହୋଇପାରିବ ନାହିଁ ବା ସମ୍ପୃକ୍ତ ବ୍ୟକ୍ତି ମାଲିକାନା ସ୍ୱତ୍ୱ ସାବ୍ୟସ୍ତ କରିପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ମତ ଦେଇଛନ୍ତି। ଢେଙ୍କାନାଳ ଜିଲ୍ଲା ତଳବାରକୋଟ ଗ୍ରାମରେ ସତ୍‌ସଙ୍ଗ ଆଶ୍ରମ ବିରୋଧରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ହୋଇଥିବା ନୋଟିସ୍‌କୁ ଚାଲେଞ୍ଜ କରି ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି। ହାଇକୋର୍ଟ ପ୍ରଶାସନର ଏହି ଉଚ୍ଛେଦ ଆଦେଶକୁ କାଏମ୍ ରଖିବା ସହ ଡିଭାଇନ୍ ୟୁନିଭର୍ସିଟି ସତ୍‌ସଙ୍ଗ କମନ୍ ପ୍ଲାଟ୍‌ଫର୍ମ ପକ୍ଷରୁ ହୋଇଥିବା ଆବେଦନକୁ ଖାରଜ କରିଛନ୍ତି। ଆବେଦନକାରୀ ଟ୍ରଷ୍ଟ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ତଳବାରକୋଟ ଗ୍ରାମ ନିକଟରେ ସେମାନଙ୍କ ଦଖଲରେ ୪୦ବର୍ଷ ଧରି ୧୨ ଏକର ଜମି ରହିଛି । ଉକ୍ତ ଜମିରେ ଏକ ସତ୍‌ସଙ୍ଗ କେନ୍ଦ୍ର ମଧ ନିର୍ମାଣ କରାଯାଇଛି। ଏହା ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ କେନ୍ଦ୍ରରେ ପରିଣତ ହୋଇଛି। ଏହା ଅନେକ ସାଧୁସନ୍ଥଙ୍କ ରହଣିସ୍ଥଳୀ ହୋଇଥିବାରୁ ଗ୍ରାମବାସୀଙ୍କ ସହଯୋଗକ୍ରମେ ସତ୍‌ସଙ୍ଗ ବିହାର ଗଠନ ହୋଇଥିଲା। ଏହି ଜମିର ଲିଜ୍ ପାଇଁ ଆବେଦନକାରୀଙ୍କ ପକ୍ଷରୁ ଢେଙ୍କାନାଳ ତହସିଲ୍‌ଦାରଙ୍କ ନିକଟରେ ଆବେଦନ କରାଯାଇଥିଲା। କିନ୍ତୁ ତହସିଲ୍‌ଦାର ଲିଜ୍ ଆବେଦନକୁ ଖାରଜ କରିଥିଲେ। ଲିଜ୍ ଆବେଦନ ଖାରଜ ପରେ ଢେଙ୍କାନାଳ ତହସିଲ୍‌ଦାର ଉଚ୍ଛେଦ ନୋଟିସ୍ ଜାରି କରିଥିଲେ। ଏହି ନୋଟିସ୍‌କୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପଯୁକ୍ତ ଫୋରମ୍‌ରେ ସ୍ମାରକପତ୍ର ଦେବାକୁ ପ୍ରଥମେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ପରେ ଆବେଦନକାରୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଢେଙ୍କାନାଳ ଜିଲ୍ଲାପାଳ ସ୍ମାରକପତ୍ରକୁ ଖାରଜ କରିଦେବା ପରେ ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଢେଙ୍କାନାଳ ତହସିଲ୍‌ଦାରଙ୍କ ପକ୍ଷରୁ ଜାରି ଉଚ୍ଛେଦ ନୋଟିସ୍‌ରେ କୌଣସି ପ୍ରକାର ବେଆଇନ ହୋଇନାହିଁ ବୋଲି ଦର୍ଶାଇବା ସହ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରିଛନ୍ତି।

# କର୍ଣ୍ଣ-ନାସା-ଗଳା ଅସ୍ତ୍ରୋପଚାର ଓ ଦ୍ରୁତ ଆରୋଗ୍ୟ ପାଇଁ କିମ୍ସରେ ଲାଗିଲା ଅତ୍ୟାଧୁନିକ ମେସିନ୍

**ଭୁବନେଶ୍ୱର, ୧୫।୫ ନ୍ୟୁଜ ବ୍ୟୁରୋ**



କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର ପାଇଁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ)ରେ ଏକ ଅତ୍ୟାଧୁନିକ ସିଓଟୁ ମେସିନ୍ ଉଦ୍‌ଘାଟିତ ହୋଇଯାଇଛି। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି ମେସିନ୍‌କୁ ଉଦ୍‌ଘାଟନ କରି କହିଛନ୍ତି ଏହା କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ଏକ ମାଇଲ୍ ଖୁଣ୍ଟ ହେବ। ଏହା ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଲୋକମାନେ ଅତ୍ୟାଧୁନିକ ଚିକିତ୍ସା ପାଇପାରିବେ। ଏହି ଅବସରରେ କିମ୍ସ କର୍ଣ୍ଣ-ନାସା-ଗଳା ବିଭାଗର ମୁଖ୍ୟ ଡା. କବିକାନ୍ତ ସାମନ୍ତରାୟ ସିଓ୨ ଲେଜର ମେସିନ୍‌ର ବିଭିନ୍ନ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। କର୍କଟ ଓ କର୍ଣ୍ଣ-ନାସା-ଗଳା ରୋଗୀଙ୍କ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ହେଉଛି ସର୍ବାଧୁନିକ ମେସିନ୍ ବୋଲି ସେ ଦାବି କରିଛନ୍ତି। ଏହା ଦ୍ୱାରା ବିନା ରକ୍ତକ୍ଷୟରେ ଅସ୍ତ୍ରୋପଚାର ହେଉଥିବା ଯୋଗୁଁ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରିଥାଏ। ଏହି ମେସିନ୍ ଦ୍ୱାରା ସ୍ୱରଯନ୍ତ୍ର ଅସ୍ତ୍ରୋପଚାର ଭଳି ସମସ୍ତ ପ୍ରକାର ସୂକ୍ଷ୍ମ ଓ ଜଟିଳ ଅସ୍ତ୍ରୋପଚାର ସମ୍ଭବ ହୋଇ ପାରିବ। ଏହି ଅସ୍ତ୍ରୋପଚାର ପାଇଁ ପୂର୍ବରୁ ରୋଗୀମାନେ ମୁମ୍ବାଇ କିମ୍ବା ଦିଲ୍ଲୀକୁ ଯାଉଥିଲେ। ଏଥିପାଇଁ ସେମାନଙ୍କୁ ଆର୍ଥିକ ବୋଝ ପଡୁଥିଲା। କିମ୍ସରେ ଏହି ସୁବିଧା ଉପଲବ୍ଧ ହେବା ପରେ ଏଣିକି ରୋଗୀଙ୍କୁ ସୁଲଭ ଦରରେ ଏହି ସୁବିଧା ମିଳିପାରିବ। କିମ୍ସରେ ଲେଜର-ଆଧାରିତ ଏହି ଚିକିତ୍ସା ୨୪ଘଣ୍ଟିଆ ଉପଲବ୍ଧ ହେବ। ସମ୍ପ୍ରତି ଲେଜର ଅସ୍ତ୍ରୋପଚାର ଚାହିଦା ରୋଗୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବେଳେ କିମ୍ସରେ ଏହି ସୁବିଧା ସହିତ, ଠିକ୍ ଏବଂ ସର୍ବନିମ୍ନ କ୍ଷତରେ ଚିକିତ୍ସା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡା. ସାମନ୍ତରାୟ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଆର ସି ଦାସ, କିମ୍ସ ମେଡିକାଲ ଅଧିକ୍ଷକ ଡା ମାନସ ରଞ୍ଜନ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୦ ଟ୍ରିପ୍‌ରୁ ଅଧିକ ମୂଲ୍ୟବାନ କାଠ ଜବତ

**ଘଟଗାଁ, ୧୫/୦୫ ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ସାନ୍ତରାପୁରରୁ ବିପୁଳ କାଠ ଜବତ ହୋଇଛି। ୧୦ ଟ୍ରିପରୁ ଅଧିକ ମୂଲ୍ୟବାନ କାଠ ଜବତ ହୋଇଛି। ଗୁରୁବାର ଭୋର୍ ୫ଟାରୁ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଗାଁରେ କେନ୍ଦୁଝର ଡିଏଫଓଙ୍କ ତତ୍ତ୍ୱାବଧାନରେ ସାନ୍ତରାପୁର ଗ୍ରାମରେ ଏକ ପ୍ଲାଟୁନ ପୋଲିସ୍ ଫୋର୍ସ ସହିତ ବନ ବିଭାଗ ଏକ ବଡ଼ ଧରଣର ଚଢ଼ଉ ହୋଇଥିଲା। ତେବେ ଏହି ସାନ୍ତରାପୁର ଗ୍ରାମକୁ କେନ୍ଦୁଝର ଜିଲ୍ଲାର ଚୋରା କାଠ ମାଫିଆଙ୍କ ହବ୍ କୁହାଯାଉଥିବା ବେଳେ ଅନେକ ବାର ବନ ବିଭାଗ ଚଢ଼ଉ କରି ବିଫଳ ହେଉଥିଲା। କିନ୍ତୁ ଗୁରୁବାର ବନ ବିଭାଗକୁ ବଡ ସଫଳତା ମିଳିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୧୦ଟ୍ରିପ୍‌ରୁ ଊର୍ଦ୍ଧ୍ୱ ମୂଲ୍ୟବାନ କାଠ ଜବତ ହୋଇଥିବା ବେଳେ ଚଢ଼ଉ ଜାରି ରହିଛି।

# ନନ୍ଦନକାନନରେ ସିଂହ 'ଆକାଶ'ର ମୃତ୍ୟୁ



**ବାରଙ୍ଗ, ୧୫/୦୫ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନରେ ଚିକିତ୍ସାଧୀନ ଅବସ୍ଥାରେ ସିଂହ 'ଆକାଶ'ର ମୃତ୍ୟୁ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲା। କିଛି ଦିନ ହେବ ସିଂହ ଆକାଶ ଖାଦ୍ୟ ଖାଉନଥିଲା କି ଛିଡ଼ା ହୋଇପାରୁନଥିଲା। ସେ କେବଳ ଶୋଇରହୁଥିଲା। ଗତ ବିଳମ୍ବିତ ରାତିରେ ତା'ର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି। ୨୦୧୪ ମସିହାରେ ବେଙ୍ଗଲର ଚିଡିଆଖାନାରୁ ନନ୍ଦନ-କାନନକୁ ସିଂଘ ଆକାଶକୁ ଅଣାଯାଇ ଥିଲା। ସେ ସମୟରେ ସିଂହକୁ ୪ ବର୍ଷ ହୋଇଥିଲା। ଏବେ ନନ୍ଦନକାନନରେ ସିଂହମାନଙ୍କ ସଂଖ୍ୟା ୨୬କୁ ହ୍ରାସ ପାଇଛି।

# ବିଷ ପିଇ ବାପା, ଝିଅ, ପୁଅଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି, ୧୫/୦୫ ନ୍ୟୁଜ ବ୍ୟୁରୋ**

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ବିଷ ପିଇ ଗୋଟିଏ ପରିବାରର ବାପା, ଝିଅ, ପୁଅଙ୍କର ମୃତ୍ୟୁ ଘଟିଛି। ଅଭିଯୋଗ ଅନୁସାରେ ପାରଳାଖେମୁଣ୍ଡି ପାରଳା ସାହିର ଶୁଭାଶିଷ ପାଣିଗ୍ରାହୀ ବୁଧବାର ନିଜ ପୁଅ ଝିଅଙ୍କୁ ବିଷ ପିଆଇବା ସହିତ ନିଜେ ବିଷ ପିଇ ଦେଇଥିଲେ। ଶୁଭାଶିଷ ବୁଧବାର ମଧାହ୍ନରେ ନିଜ ପୁଅ, ଝିଅଙ୍କୁ କୋଲ୍ଡ୍ରିଙ୍କସ୍‌ରେ ବିଷ ମିଶାଇ ପିଇବାକୁ ଦେଇ ନିଜେ ମଧ ପିଇଥିଲେ । ସମସ୍ତେ ଅସୁସ୍ଥ ହେବା ପରେ ସମ୍ପର୍କୀୟ ତିନି ଜଣଙ୍କୁ ଚିକିତ୍ସା ଲାଗି ତୁରନ୍ତ ପାରଳାଖେମୁଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପୁଅ ବିଜୟାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ପରେ ଶୁଭାଶିଷ ଏବଂ ପ୍ରିୟଦର୍ଶନୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଝିଅ ପ୍ରିୟଦର୍ଶନୀଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳେ ଶୁଭାଶିଷଙ୍କର ମୃତ୍ୟୁ ହୋଇଛି। ପୁଅର ବୟସ ୮ ବର୍ଷ ହୋଇଥିବା ବେଳେ ଝିଅର ବୟସ ମାତ୍ର ୧୧ ବର୍ଷ। ପ୍ରାୟ ଦୁଇ ମାସ ତଳେ ଶୁଭାଶିଷଙ୍କ ପତ୍ନୀ ଶ୍ୱେତା ମଞ୍ଜୀରଙ୍କର ମଧ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ବିଷ କ୍ରିୟାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା।

# ସ୍ୱଦେଶୀ ଜ୍ଞାନକୌଶଳରେ ସଫଳ ହୋଇଛି 'ଅପରେସନ ସିନ୍ଦୂର' : ପଦ୍ମଶ୍ରୀ କୋଟା ହରିନାରାୟଣ

**ବ୍ରହ୍ମପୁର, ୧୫/୦୫ ନ୍ୟୁଜ ବ୍ୟୁରୋ**



ଡିଫେନ୍ସ ସିଷ୍ଟମକୁ ମଜବୁତ କରୁଛି ଭାରତ । ଏଥିପାଇଁ ଦେଶରେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ରକୁ ପ୍ରାଧାନ୍ୟ ଦିଆଯାଉଛି । ଅନ୍ୟ ଉପରେ ନିର୍ଭର ନକରି ନିଜସ୍ୱ ଜ୍ଞାନକୌଶଳରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି ଭାରତ । ଦେଶର ସାମରିକ ବାହିନୀ ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତୀୟ ବାୟୁସେନାର ଲଢୁଆ ବିମାନ 'ତେଜସ୍' । ଏହାର ମୁଖ୍ୟ ଡିଜାଇନର ତଥା ସେହି ପ୍ରକଳ୍ପର ମୁଖ୍ୟ ରହିଥିଲେ ବ୍ରହ୍ମପୁରର ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣ। ତେବେ ଦେଶରେ ନିକଟରେ ହୋଇଥିବା 'ଅପରେସନ ସିନ୍ଦୂର', ସେନାରେ ଲଢୁଆ ବିମାନ 'ତେଜସ'ର ବ୍ୟବହାର, ବର୍ତ୍ତମାନ ସେନାର ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ଅସ୍ତ୍ରଶସ୍ତ୍ରର ବ୍ୟବହାର, ଶତ୍ରୁପକ୍ଷକୁ ଦମନ କରିବା ପାଇଁ କିପରି ଯୋଜନା ପ୍ରସ୍ତୁତ ହୋଇଥାଏ, ଦେଶର କ୍ଷେପଣାସ୍ତ୍ର ଓ ମିଶାଇଲର କିଭଳି ନାମକରଣ ହୋଇଥାଏ, ଆଗାମୀ ଭବିଷ୍ୟତର ବିଶ୍ୱରେ ଭାରତର ଶକ୍ତି ବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଏକ ସାକ୍ଷତକାରରେ ଆଲୋଚନା କରିଛନ୍ତି ୮୨ ବର୍ଷୀୟ ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣ। ପଦ୍ମଶ୍ରୀ ଡକ୍ଟର କୋଟା ହରିନାରାୟଣ କହିଛନ୍ତି ଯେ, ପ୍ରଥମଥର ପାଇଁ ଅପରେସନ୍ ସିନ୍ଦୁରରେ ଦେଶରେ ସ୍ୱଦେଶ ଜ୍ଞାନକୌଶଳ ଅଧିକ ମାତ୍ରାରେ ବିନିଯୋଗ ହୋଇଥିବା ବେଳେ ଏୟାର ଡିଫେନ୍ସ କ୍ଷେତ୍ରରେ ଯାହା କରାଯାଇଛି ତାହା ଶତ୍ରୁପକ୍ଷ ପାକିସ୍ତାନର ଡ୍ରୋନ୍ ଏବଂ ମିଶାଇଲକୁ ମୁକାବିଲା କରିବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି । ଏପରିକି ସ୍ୱଦେଶ ଜ୍ଞାନକୌଶଳ ପ୍ରସ୍ତୁତ କରାଯାଉଛି ଏହା ସାରା ବିଶ୍ୱରେ ଶ୍ରେଷ୍ଠ ବୋଲି କୁହାଯାଇପାରେ । ନିଜସ୍ୱ ଜ୍ଞାନକୌଶଳ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଆମେ ଆଗେଇ ପାରିଛେ । ଦେଶରେ ରାଜନୈତିକ, ଅର୍ଥନୈତିକ ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆମେ ନିଜକୁ ସୁରକ୍ଷା ଦେଇପାରିବା, ସେଥିରେ କୌଣସି ସନ୍ଦେହ ନାହିଁ । ଭାରତୀୟ ବାୟୁସେନାର ଲଢୁଆ ବିମାନ ତେଜସ୍ ସଂପର୍କରେ କହିବାକୁ ଯାଇ ପଦ୍ମଶ୍ରୀ କୋଟା ହରିନାରାୟଣ କହିଛନ୍ତି, ସେନାର ପ୍ରଥମ ଲାଇନ୍ ଭାବରେ ମିଶାଇଲ୍ ରହିଥାଏ । ଭାରତରେ 'ଆକାଶ' ଠାରୁ ଆରମ୍ଭ କରି ଏଫ୍-୪୦୦ ଭଳି ଅନେକ ମିଶାଇଲ୍ ରହିଛି । ଏଥିସହିତ ଡ୍ରୋନ୍ ଏବଂ ଆଣ୍ଟି ଡ୍ରୋନ୍ ଭଳି ଅନେକ କିଛି ସାମିଲ ହୋଇଥିବା ଦେଖିବାକୁ ମିଳେ । ଏହାସହ ଲଢୁଆ ବିମାନର ଆବଶ୍ୟକତା ପଡିଥାଏ । ଭାରତୀୟ ବାୟୁ ସେନା ଏହାକୁ ନେଇ ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିଥିବା ସେ କହିବା ସହିତ ଏନେଇ ଉଦ୍ୟମ କ୍ରମାଗତ ଭାବରେ ଜାରି ରହିଛି । ବର୍ତ୍ତମାନ ତାହାର ପ୍ରମାଣ ମିଳିସାରିଛି । ଭାରତୀୟ ଜ୍ଞାନ କୌଶଳରେ ସଂପୂର୍ଣ୍ଣ ଭାବରେ ନିର୍ମିତ ତେଜସ୍ ବିଶ୍ୱର ସବୁଠାରୁ ଏକ ଛୋଟ ଲଢୁଆ ବିମାନ। ଏହାର ଡିଜାଇନ୍ ଅନୁସାରେ ଶତ୍ରୁପକ୍ଷର ଗ୍ରାଉଣ୍ଡ୍ ରାଡାର ଏବଂ ଆକାଶ ପଥର ରାଡାରର ଲକ୍ଷ୍ୟ ଭେଦ କରି କାର୍ଯ୍ୟ କରିବାର କ୍ଷମତା ରହିଛି । ଏହା ସେନାରେ ଅନେକ କାର୍ଯ୍ୟ କରିବା ସହିତ ଶତ୍ରୁପକ୍ଷକୁ ଦମନ କରିବା କ୍ଷେତ୍ରରେ ଅନେକ କାର୍ଯ୍ୟ କରିବ । ୨୦୧୭ ମସିହାରେ ମୋତେ ଏକ ଡ୍ରୋନ୍ କମ୍ପାନୀର ଫାଉଣ୍ଡର ରହିବାର ସୁଯୋଗ ମିଳିଥିଲା। ବର୍ତ୍ତମାନ ଡ୍ରୋନ୍ କେବଳ ଭାରତୀୟ ସେନାରେ ବ୍ୟବହାର ହେଉନାହିଁ ବରଂ କୃଷି କ୍ଷେତ୍ର ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଉଛି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜ୍ଞାନକୌଶଳ । ଏପରିକି ଦେଶରେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟାଟଅପ୍ କମ୍ପାନୀ ଏଭଳି ଡ୍ରୋନ୍ ଉପରେ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ଯାହା ଟେକ୍ନୋଲୋଜି ଦରକାର ତାହାକୁ ପ୍ରସ୍ତୁତ କରାଯାଉଛି । ଭାରତୀୟ ସେନାର ଏସ୍-୪୦୦ ଏହା ଋଷିଆର ମିଶାଇଲ । ଏହାର ୪୦୦ କିଲୋମିଟର ଦୂର ଲଙ୍ଗ୍ ରେଞ୍ଜ ମିଶାଇଲ୍ ଭାବରେ ଅତିକ୍ରମ କରି ଲକ୍ଷ୍ୟଭେଦ କରିବାର କ୍ଷମତା ରହିଛି । ଏହା କେବଳ ଏକ ମିଶାଇଲ ନୁହେଁ ବରଂ ଏହାକୁ ଇଣ୍ଟିଗ୍ରେଟ ଏୟାର ଡିଫେନ୍ସ ସିଷ୍ଟମ ବୋଲି କୁହାଯାଉଛି। ଏହା ଶତ୍ରୁପକ୍ଷକୁ ଅତି ସହଜରେ ଏବଂ ବହୁ ପୂର୍ବରୁ ଚିହ୍ନଟ କରିଥାଏ। ପ୍ରଥମେ ଶତ୍ରୁପକ୍ଷକୁ ଚିହ୍ନଟ କରି ମିଶାଇଲକୁ ପରବର୍ତ୍ତୀ ସମୟରେ ସକ୍ରିୟତା ବାର୍ତ୍ତା ପହଞ୍ଚାଇବା ସହିତ ଶତ୍ରୁର ଲକ୍ଷ୍ୟକୁ ଭେଦ କରିବା କାର୍ଯ୍ୟ କରିଥାଏ । ଭାରତୀୟ ସେନାରେ ଆଗାମୀ ଦିନରେ କେଉଁ ଯୁଦ୍ଧାସ୍ତ୍ର ଆବଶ୍ୟକ ପଡିବ, ଏହାକୁ ନେଇ ଦୀର୍ଘ ବର୍ଷକୁ ନଜର ରଖି ସୁଚିନ୍ତିତ ଯୋଜନା କରାଯାଇଥାଏ । ଏହାପରେ ଯୁଦ୍ଧାସ୍ତ୍ର ସରଞ୍ଜାମ ଉପରେ ଯୋଜନା କରାଯାଇଥାଏ । ଆଗାମୀ ୫ ବର୍ଷ ଏବଂ ଆଗାମୀ ୧୦ରୁ ୨୦ ବର୍ଷ ମଧ୍ୟରେ ସେନାରେ କ'ଣ ବିକାଶ କରାଯିବ ତାହାକୁ ନେଇ ରୂପରେଖ ପ୍ରସ୍ତୁତ ହୋଇଥାଏ । ଏହାପରେ ଏହାକୁ କିପରି ପରିଚାଳନା କରିବେ ସେନେଇ ଯୋଜନା କରାଯିବା ପରେ ଭବିଷ୍ୟତର ଯୁଦ୍ଧର ରୂପରେଖ କ'ଣ ହୋଇପାରେ ତାହାକୁ ନେଇ ଏହି ସମସ୍ତ ଯୋଜନା କରାଯାଇଥାଏ । ପରେ କ'ଣ ଯୁଦ୍ଧାସ୍ତ୍ର ଆବଶ୍ୟକ ? ସେଥିପାଇଁ କିଭଳି ଜ୍ଞାନକୌଶଳ ଦରକାର ରହିଛି ? ସେନେଇ ବହୁ ପୂର୍ବରୁ ଜ୍ଞାନକୌଶଳକୁ ପ୍ରସ୍ତୁତ କରି ରଖାଯାଇଥାଏ । ଯେତେବେଳେ ତେଜସ୍ ପ୍ରସ୍ତୁତ ହୋଇଥିଲା ସେହି ସମୟରେ ଆମ ଦେଶରେ ସେଭଳି କୌଣସି ଜ୍ଞାନକୌଶଳ ନଥିଲା । ସେହି ସମୟରେ ପ୍ରଥମେ ଜ୍ଞାନକୌଶଳର ବିକାଶ କରାଯିବା ସହିତ ପରେ ଏୟାରକ୍ରାଫ୍ଟ ପ୍ରସ୍ତୁତ କରାଯାଇଥିଲା ଏବଂ ସେଥିରେ ଯୁଦ୍ଧାସ୍ତ୍ର ସଂଯୋଗ କରାଯାଇ ଏହାକୁ ପ୍ରସ୍ତୁତ କରାଯାଇଥିଲା । ବର୍ତ୍ତମାନ ଆମ ପାଖରେ ଜ୍ଞାନକୌଶଳ ରହିଥିବା ବେଳେ ତାହା ଅନେକ ସହଯୋଗ ହୋଇପାରୁଛି । ପୂର୍ବରୁ ଭାରତୀୟ ବଜାରରେ ତାହାକୁ ପ୍ରସ୍ତୁତ କରିବାର ସେଭଳି ସମସ୍ତ ପ୍ରକାର କ୍ଷମତା ନଥିବା ବେଳେ ବର୍ତ୍ତମାନ ପରିପ୍ରେକ୍ଷୀରେ ତାହାର ଅନେକ ଅଗ୍ରଗତି ହୋଇଛି । ଏହାକୁ ପ୍ରସ୍ତୁତ କରିବାର କ୍ଷମତା ବହୁ ମାତ୍ରାରେ ବୃଦ୍ଧି ପାଇଛି ଯାହା ଗତ ୨୦ ବର୍ଷ ତଳେ ନଥିଲା ବୋଲି ଶ୍ରୀ କୋଟା ହରିନାରାୟଣ କହିଛନ୍ତି।

# ଏବିଡିଓଙ୍କ ଅମାପ ସମ୍ପତ୍ତି ଠାବ କଲା ଭିଜିଲାନ୍ସ ଟିମ୍



**ଭୁବନେଶ୍ୱର, ୧୫/୦୫ ନ୍ୟୁଜ ବ୍ୟୁରୋ**

ଗୁରୁବାର ସକାଳୁ ଧର୍ମଶାଳା ଏବିଡିଓଙ୍କ ଘରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢଉ କରିଥିଲା ଭିଜିଲାନ୍ସ । ଏହି ଚଢଉରେ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଅସିତ କୁମାର ପାତ୍ରଙ୍କ ଅମାପ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ ଟିମ୍ । ସେଗୁଡ଼ିକ ହେଲା ଯାଜପୁରର କହ୍ନେଇପୁର ଠାରେ ୬୦୦୦ ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ଚାରି ମହଲା କୋଠା, କଟକ ଚାଉଳିଆଗଞ୍ଜର ମେଟ୍ରୋ ଆଭେନ୍ୟୁ ଆପାର୍ଟମେଣ୍ଟରେ ଚତୁର୍ଥ ମହଲାରେ ଥିବା ୧୦୦୦ ବର୍ଗଫୁଟର ଫ୍ଲାଟ୍, ୨୦୨୩-୨୪ ବର୍ଷରେ ଯାଜପୁର ରୋଡରେ ୪୦୦୦ ବର୍ଗଫୁଟରେ ନିର୍ମିତ ନୂତନ ଦ୍ୱିମହଲା କୋଠା, ଯାଜପୁରରେ ଥିବା ୨୦୦୦ ବର୍ଗଫୁଟର ତିନି ମହଲା କୋଠା, ଯାଜପୁର ରୋଡରେ ୩୦୦ ବର୍ଗଫୁଟର ୨ କୋଠରୀ ବିଶିଷ୍ଟ ଏକ ସପିଂ କମ୍ପ୍ଲେକ୍ସ, ଯାଜପୁର ରୋଡରେ ୪ଟି ଏବଂ ଦାନଗଦୀ ଟାଉନ୍‌ରେ ଗୋଟିଏ ଉଚ୍ଚ ମୂଲ୍ୟର ପ୍ଲଟ୍ ଠାବ କରିଛି ଭିଜିଲାନ୍ସ ଟିମ୍ ।

କେବଳ ସେତିକି ନୁହେଁ, ୨୦୦ ଗ୍ରାମ୍ ଓଜନର ସୁନା ଅଳଙ୍କାର, ୧ଲକ୍ଷ ୮୫ ହଜାର ନଗଦ ଟଙ୍କା ସହ ୬୫ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ମଧ ଠାବ କରାଯାଇଛି। ଏହା ସହ ୨ଟି ଦୁଇ ଚକିଆ ଯାନ ମଧ ଭିଜିଲାନ୍ସ ଟିମ୍ ଏହି ଚଢଉ ସମୟରେ ଠାବ କରିଛି । କଟକ ସ୍ପେସିଆଲ ଜଜ୍‌ଙ୍କ ଦ୍ୱାରା ୱାରେଣ୍ଟ ଜାରି ହେବା ପରେ ଏହି ଚଢଉ କରାଯାଇଛି । ଏହି ରେଡ୍‌ରେ ୮ ଜଣ ଡିଏସ୍‌ପି, ୯ ଜଣ ଇନିସ୍ପେକ୍ଟରଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ।